₹ : 25

# ଆମରି ସତ୍ୟ

# AMARI SATYA

ତ୍ରୟୋଦଶ ବର୍ଷ, ପ୍ରଥମ ସଂଖ୍ୟା
ମାସିକ, ଜୁଲାଇ ୨୦୨୨, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24



# ଆଲୋଚନା ଚକ୍ର ଆମରିସତ୍ୟ - 'ଆମ ସଂସ୍କୃତି ଓ ଆମ ଜଗନ୍ନାଥ'



ଆମରିସତ୍ୟ ବିକାଶ ପରିଷଦ ଜଟଣୀ ତରଫରୁ ଏକ ଆଲୋଚନା ଚକ୍ର 'ଆମ ସଂସ୍କୃତି ଓ ଆମ ଜଗନ୍ନାଥ' ଉପରେ ମୃଗେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗୋବିନ୍ଦପୁର ଠାରେ ଜବାହାରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଆଲୋଚନା ଚକ୍ରରେ ଡ. ସୁକାନ୍ତି ମହାପାତ୍ର, ପଦ୍ମନାଭ ପାଣିଗ୍ରାହୀ, କାଶିନାଥ ଦାସ, ପଣ୍ଡିତ ରମାକାନ୍ତ ମିଶ୍ର ଏବଂ କିଶୋର ପାଇକରାୟ ପ୍ରମୁଖ ଶ୍ରୀଜଗନ୍ନାଥଙ୍କ ତ୍ୱ ସଂପର୍କରେ ବିଷଦ ଭାବରେ ବର୍ଣ୍ଣନା କରିଥିବା ସହ ଶ୍ରୀଜଗନ୍ନାଥଙ୍କର ଦିନଚର୍ଯ୍ୟା ଆମ ସାଧାରଣ ବ୍ୟକ୍ତି ବିଶେଷଙ୍କ ସହିତ ଓତପ୍ରୋତ ଭାବରେ ଜଡିତ ବୋଲି ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଥିବା ଜଗନ୍ନାଥ ପ୍ରେମୀମାନେ ସେମାନଙ୍କର ଜଗନ୍ନାଥଙ୍କ ସହ ଥିବା ଅଭିଜ୍ଞତାଗୁଡିକ ବ୍ୟକ୍ତ କରିବା ସମୟରେ ଭାବବିହ୍ୱଳ ହୋଇ ଯାଇଥିଲେ । ଏହି ଆଲୋଚନା ଚକ୍ରରେ ଆଦିନାରାୟଣ ଖଣ୍ଡୁଆଳ,ବ୍ରଜବନ୍ଧୁ ନାୟକ, ପ୍ରମୋଦ କୁମାର ମହାନ୍ତି, ଜଗନ୍ନାଥ ନାୟକ, ଦେବନାଥ ଦାସ, ଆରତି ସେନ୍, ଆଶିଷ ରଞ୍ଜନ ମହାପାତ୍ର, ଅଶୋକ କୁମାର ଅଗ୍ରୱାଲ, ଶ୍ରୀନିବାସ ମାନସିଂହ, ରାମଶଙ୍କର, ଆଶିଷ ରାୟ, ବିଭୁପ୍ରସାଦ ହରିଚନ୍ଦ.ରାଜେଶ କୁମାର ପଇକରାୟ ଏବଂ ଡ. ପ୍ରମୋଦ ଚନ୍ଦ୍ର ଦାଶ ପ୍ରମୁଖ ଭାଗନେଇଥିଲେ ।



## ଡା. ଧନେଶ୍ୱର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ 'ସ୍ମୃତିରେ ତୁମେ' ପୁସ୍ତକ ଉନ୍ମୋଚିତ

ଡାକ୍ତର ଧନେଶ୍ୱର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ 'ଆମରି ସତ୍ୟ' ଦ୍ୱାରା ଏବଂ ବିଜୟଲକ୍ଷ୍ମୀ ସାହୁ ଙ୍କ ଦ୍ୱାରା ସଂପାଦିତ ପୁସ୍ତକ 'ସ୍ମୃତିରେ ତୁମେ' ଡାକ୍ତର ସାହୁଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ ହୋଇଛି ।



# ଆମରି ସତ୍ୟ
## AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

ତ୍ରୟୋଦଶ ବର୍ଷ ◆ ପ୍ରଥମ ସଂଖ୍ୟା ◆ ଜୁଲାଇ ୨୦୨୨



**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୂପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮



**ଯୋଗାଯୋଗ:**
'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
ଶ୍ରୀଯୁକ୍ତ ପଦ୍ମନାଭ ପାଣିଗ୍ରାହୀ
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟତା | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ



**AMARISATYA :** AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in • Email:amarisatya@gmail.com , amarisatya@rediffmail.com


# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୦୨ |
| ୨. | ସମ୍ପାଦକୀୟ | | ୦୩ |
| ୩. | ହିତ ବାଣୀ | | ୦୪ |
| ୪. | ଦାରୁବ୍ରହ୍ମଙ୍କ ସନ୍ଧ୍ୟାଦର୍ଶନ | ଡ. ସୁକାନ୍ତି ମହାପାତ୍ର | ୦୫ |
| ୫. | ବ୍ୟୟ-ଅବ୍ୟୟ | ଡ. ଅଭୟ କୁମାର ନାୟକ | ୦୭ |
| ୬. | ରେବା ରାୟ | ଶ୍ରୀଯୁକ୍ତ ବ୍ରଜକିଶୋର ଦାସ | ୦୭ |
| ୭. | ମାଉସୀ ମା’ (ଅର୍ଦ୍ଧାସନୀ) | ବିପିନ ବିହାରୀ ମହାନ୍ତି | ୦୯ |
| ୫. | ଓଡିଆ ଭାଷା ଓ ବର୍ଣ୍ଣ ସଂଖ୍ୟା | ଶ୍ରୀ ନୀଳକଣ୍ଠ ତ୍ରିପାଠୀ | ୧୧ |
| ୮. | ଭାରତର ସ୍ୱାଧୀନତା ... | ଜବାହରଲାଲ ସୁବୁଦ୍ଧି | ୧୩ |
| ୯. | ଏଣୁଅ ରାସ୍ତା ପାର କରିବ | ଡ.ପ୍ରମୋଦ ଚନ୍ଦ୍ର ଦାଶ | ୧୪ |
| ୧୦. | ସଫଳତା ଦେଲା ଧରା | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୫ |
| ୧୧. | ଜୀବନକୁ ମାରିଦେଲାଣି ମୋବାଇଲ | | ୧୬ |
| ୧୨. | ସ୍ୱର୍ଗ ତ ନାହିଁ କାହିଁ | ଧ୍ରୁବ ରଣା | ୧୭ |
| ୧୩. | କଦଳୀ | ପ୍ରିୟମ୍ବଦା ସାହୁ | ୧୭ |
| ୧୪. | ମିତାଲୀ ରାଜ | ଆଶିଷ କୁମାର ରାୟ | ୧୮ |
| ୨୦. | ବିଜ୍ଞାନ ବିଚିତ୍ରା | ଡ. ପ୍ରେମଚାନ୍ଦ ମହାନ୍ତି | ୨୦ |
| ୨୧. | ଶଠି ମାଆ | ଶ୍ରୀ ନିରଞ୍ଜନ ଖଟୁଆ | ୨୨ |
| ୨୩. | ସମ୍ବାଦ ବିଚିତ୍ରା | | ୨୩ |
| ୨୪. | ସାଧାରଣ ଜ୍ଞାନ ଓ ବିବିଧ ସୂଚନା | | ୨୪-୩୨ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

(୬୯)



ରମେଶ ମଙ୍ଗରାଜ

ଆକାଶକୁ ଶୂନ୍ୟ କରିଛ ପ୍ରଭୁ ହେ
ସାଗରକୁ ପୂର୍ଣ୍ଣ କରିଛ
ତମେ ତ ସାକାର ତମେ ନିରାକାର
ଚଉଦ ବ୍ରହ୍ମାଣ୍ଡ ଧରିଛି ॥୦॥
ତମରି ଗୁମର ତମେ ହିଁ ଜାଣିଛ
ହେ’ ମୋର କଳାଠାକୁର
ତମରି ଇଙ୍ଗିତେ ଚନ୍ଦ୍ରସୂର୍ଯ୍ୟ ଚଳେ
ଘୂରଇ ସାରା ସଂସାର
କର୍ମନେଇ ପ୍ରଭୁ କାହାକୁ ମାରୁଛ
କାହାକୁ ତ’ ପୁଣି ତାରୁଛ ॥୧॥
ତମେ ତ ସାକାର.....
ତମେ ସୃଷ୍ଟିକର୍ତ୍ତା ହେ’ ବିଶ୍ୱନିୟନ୍ତା
ତମେ ପାଳନ କରତା
ତମରି ଇଚ୍ଛାରେ ଜଗତ ଚଳଇ
ତମେ ସଂହାର କରତା
ସବୁରି ମୂଳରେ ତମେ ମହାପ୍ରଭୁ
ସବୁକଥା ତମେ ଜାଣିଛ ॥୨॥
ତମେ ତ ସାକାର.....

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା,
ଖୋର୍ଦ୍ଧା - ୭୫୨୦୫୪
ମୋ - ୯୧୭୮୬୨୬୨୮୦



# ସମ୍ପାଦକୀୟ....

ଆନନ୍ଦର କଥା "ଆମରି ସତ୍ୟ"କୁ ବାରବର୍ଷ ପୁରି ତେର ବର୍ଷ ଚାଲିଲା। ନିୟମିତ ଓ ନିରବଚ୍ଛିନ ଭାବେ ଦୀର୍ଘ ୧୨ବର୍ଷ ଧରି ମାସିକ ଓଡ଼ିଆ ପତ୍ରିକାଟି ପ୍ରକାଶ ପାଇବା, ଓଡ଼ିଆ ମାସିକ ପତ୍ରିକା ପ୍ରକାଶନ ଇତିହାସରେ ଏକ ଉଲ୍ଲେଖନୀୟ ସ୍ୱାଗତଯୋଗ୍ୟ ଘଟଣା। ଦୀର୍ଘ ବାର ବର୍ଷ। ଗୋଟିଏ ଯୁଗ କୁହାଯାଇ ପାରେ। ଆମ ପାଇଁ ବର୍ତ୍ତମାନ ଆତ୍ମ ସମୀକ୍ଷା କରିବାର ସମୟ। ଅତୀତର ବର୍ଷମାନଙ୍କରେ ସମ୍ମୁଖୀନ ହୋଇଥିବା ସମସ୍ୟା ଓ ଅର୍ଜିତ ତିକ୍ତ ଓ ମଧୁର ଅଭିଜ୍ଞତାର ଅନୁଶୀଳନ ଓ ମନ୍ଥନ କରିବାର ବେଳ। ବିଗତ ବର୍ଷମାନଙ୍କରେ ଆମକୁ ପାଠକୀୟ ପ୍ରଶଂସା , ମୂଲ୍ୟବାନ ଉପଦେଶ  ଓ ଦିଶା , ନିର୍ଦ୍ଦେଶ ଆମକୁ ଅନେକ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇଛି। ଏହା ସହିତ ବହୁ ବାଧାବିଘ୍ନ, ଆର୍ଥିକ ସମସ୍ୟା, କିଛି ଗଠନମୂଳକ ଓ କିଛି ଇର୍ଷାପ୍ରଣୋଦିତ ସମାଲୋଚନା ବେଳେବେଳେ ମାନସିକ ଅସ୍ଥିରତା ଓ ଦ୍ୱନ୍ଦ ସୃଷ୍ଟି କରିଥିଲେ ବି ଆଗକୁ ବଢିବାର ଉତ୍ସାହକୁ ହ୍ରାସ କରିପାରିନାହିଁ।

ଅର୍ଜିତ ଅଭିଜ୍ଞତାର **ପ୍ରଥମ ଅନୁଭବ** ହେଉଛି ପ୍ରତିଷ୍ଠାତା ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶଙ୍କର ଉତ୍ସର୍ଗୀକୃତ  ଉଦ୍ୟମ ଓ ନିଷ୍ଠା, ସମ୍ପାଦନ ମଣ୍ଡଳୀର ନିସ୍ୱାର୍ଥ ସହଯୋଗ ଓ ଉପଦେଷ୍ଟାମାନଙ୍କର ସମୟୋପଯୋଗୀ ଦିର୍ଗଦଶନ ବହୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପତ୍ରିକାଟିକୁ ୧୩ବର୍ଷରେ ପଦାର୍ପଣ କରାଇବାରେ ସମର୍ଥ ହୋଇଛି। **ଦ୍ୱିତୀୟ ଅନୁଭବଟି** ହେଲା**:** "ଆମରି ସତ୍ୟ"ପରିବାରର ସଭ୍ୟମାନଙ୍କର ଆଗ୍ରହର ଅଭାବ ନାହିଁ, ନିଷ୍ଠାର ଅଭାବ ନାହିଁ, ପତ୍ରିକାଟି ପ୍ରତି ପାଠକୀୟ ଆଦୃତି ଓ ପ୍ରଶଂସାର ଅଭାବ ନାହିଁ, ପତ୍ରିକାଟିର ଉପାଦେୟତା ବିଷୟରେ ସନ୍ଦେହ ନାହିଁ। କିନ୍ତୁ ଅଭାବ ରହିଛି ପ୍ରକାଶନ ପାଇଁ ଆବଶ୍ୟକ ହେଉଥିବା ଅର୍ଥର। କାରଣ ସ୍ୱରୂପ କୁହାଯାଇପାରେ  ଓଡ଼ିଆ ପତ୍ର ପତ୍ରିକା କିଣି ପଢ଼ିବା ପାଇଁ ଓଡ଼ିଆ ପାଠକମାନଙ୍କର ଅନାଗ୍ରହ। ଯେଉଁଥିପାଇଁ ଅନେକ ପତ୍ରିକା ଅଳ୍ପକେତୋଟି ସଂଖ୍ୟା ପ୍ରକାଶିତ ହେବାପରେ ଅନିୟମିତ ହୋଇଯାଉଛି କିମ୍ବା ବନ୍ଦ ହୋଇଯାଉଛି। ଓଡ଼ିଆ ପତ୍ରିକା ପ୍ରକାଶନ କ୍ଷେତ୍ରରେ ସମସ୍ତଙ୍କର ଏହିପରି ଅଳ୍ପ ବହୁତ ସମାନ ଅଭିଜ୍ଞତା ଓ ସମଦଶା ରହିଛି। ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ ପତ୍ରିକାର ଦୁର୍ଗତି ପାଇଁ କେବଳ ପାଠକମାନଙ୍କୁ ଦାୟୀ କରିବା ଉଚିତ ନୁହେଁ। ପାଠକ ସୃଷ୍ଟିକରିବା ମଧ୍ୟ ପ୍ରକାଶନର କାମ। ପ୍ରକାଶକ ଆବେଦନଶୀଳ ଓ ପାଠକ ସମ୍ବେଦନଶୀଳ ହେଲେ ହିଁ ଉଭୟଙ୍କର ଶୁଭମଙ୍ଗଳ ହେବ। **ତୃତୀୟ କଥା** ହେଲା "ଆମରି ସତ୍ୟ" ସମସ୍ତଙ୍କ ପାଇଁ ଏକ ଉପାଦେୟ ଭିନ୍ନଧରଣର ପତ୍ରିକା ହୋଇଥିବା ସତ୍ତ୍ୱେ ଏହାର ଏକକ ପ୍ରଥମ ଓ ପ୍ରଧାନ ପ୍ରତିବନ୍ଧକ ହୋଇ ଠିଆହୋଇଛି ଏହାର ଆର୍ଥିକ ସମସ୍ୟା। କାରଣ 'ଆମରି ସତ୍ୟ' ଏକ ବ୍ୟବସାୟିକ ଅନୁଷ୍ଠାନ ନୁହେଁ। ପତ୍ରିକାଟିର ବିତରଣ ଓ ବିକ୍ରୟ ପାଇଁ ଏହାର କୌଣସି ବ୍ୟବସାୟିକ ଶୃଙ୍ଖଳା ବା ମାର୍କେଟିଙ୍ଗ ଚେନ ନାହିଁ। ପତ୍ରିକାର ଉନ୍ନତି ପ୍ରସାରଣ ଓ ଆର୍ଥିକ ସମ୍ବଳ ପାଇଁ ପାଠକ , 'ଆମରି ସତ୍ୟ'ର ସଭ୍ୟ ଓ ଶୁଭେଚ୍ଛୁ ମାନେହିଁ ହେଉଛନ୍ତି ଏକମାତ୍ର ବଳ ଓ ପାଥେୟ।

ପ୍ରଥମ ବାରବର୍ଷ ବିତିଗଲା। ଆସନ୍ତୁ; ଆସନ୍ତା ବାରବର୍ଷ ପାଇଁ ନୂତନ ପ୍ରସ୍ତୁତି ଆରମ୍ଭ କରିବା। ପ୍ରତ୍ୟେକ ପାଠକ ପାଠିକା, ଶୁଭେଚ୍ଛୁ ଓ ସଭ୍ୟମାନଙ୍କୁ ଏହି ଅବସରରେ ଅନୁରୋଧ କରିବା , ଆସନ୍ତୁ ସହଯୋଗୀ ଓ ସମଧର୍ମୀ ହୋଇ ଅଧିକ ପାଠକ ସୃଷ୍ଟି କରିବା ପାଇଁ ସକ୍ରିୟ ଉଦ୍ୟମ କରିବା।ଅପଣମାନଙ୍କର ସହଯୋଗ ସକ୍ରିୟତା ଓ ସଦିଚ୍ଛା କାମନା କରି ତ୍ରୟୋଦଶ ବର୍ଷର ପ୍ରଥମ ସଂଖ୍ୟାଟିକୁ ପ୍ରସ୍ତୁତି ଓ ଅର୍ପଣ କରୁଅଛି।

ଜୟ ଜଗନ୍ନାଥ


ଡ. ପ୍ରସନ୍ନ କୁମାର



ଅତି ଦୁରାଚାରୀ ମଧ୍ୟ କାୟମନୋବାକ୍ୟରେ ଭଗବାନଙ୍କ ପ୍ରତି ଢ଼ଳି ପଡ଼ିଲେ ପରଉପକାରୀ ଭଗବାନ ତାଙ୍କୁ ଟେକି ଧରନ୍ତି।

# ହିତ ବାଣୀ





## ଗୀତା

**ଯେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।**
**ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ ।୩/୩୧**

*ଯେଉଁ ମନୁଷ୍ୟମାନେ ଦୋଷଦୃଷ୍ଟିରୁ ରହିତ ହୋଇ ଏବଂ ଶ୍ରଦ୍ଧାଯୁକ୍ତ ହୋଇ ସଦାସର୍ବଦା ମୋର ଏହି ମତ ଅନୁସରଣ କରନ୍ତି, ସେମାନେ ମଧ ସମସ୍ତ କର୍ମରୁ ମୁକ୍ତ ହୋଇଯାଆନ୍ତି ।*

## ଚାଣକ୍ୟ ନୀତି

**ବୃଦ୍ଧକାଳେ ମୃତା ଭାର୍ଯ୍ୟା**
**ବଂଧୁ ହସ୍ତଗତଂ ଧନମ୍**
**ଭୋଜନଂ ଚ ପରାଧୀନମ୍**
**ତିସ୍ର ପୁସାଂ ବିଡ଼ମ୍ବନା ।**

*ଯଦି ବୃଦ୍ଧକାଳେ ପତ୍ନୀର ମୃତ୍ୟୁ ହେଲା,ଧନ ଯଦି ବନ୍ଧୁମାନଙ୍କ ହସ୍ତକୁ ଚାଲିଗଲା, ଭୋଜନ କାର୍ଯ୍ୟରେ ଯେବେ ସ୍ୱାଧୀନତା ନ ରହିଲା, ତାହା ପୁରୁଷମାନଙ୍କ ନିମନ୍ତେ ଏକ ବିଡ଼ମ୍ବନା ।*

## ଭାଗବତ ବାଣୀ

**ଯାବତ ନ ପୂରେ ଉଦର,**
**ତାବତ ଜ୍ଞାନ କାହିଁ ତାର ।।**
**ଆପଣା ହସ୍ତେ ଜିହ୍ୱା ଛେଦି,**
**କେ ତାର ଅଛି ପ୍ରତିବାଦୀ ।।**

## ଆତ୍ମ ତତ୍ତ୍ୱ

**ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ ।**
**ଯଃ ପଶ୍ୟତି ତଥାତ୍ମାନମକର୍ତ୍ତାରଂ ସ ପଶ୍ୟତି ॥**

*ଯେ ସମସ୍ତ କ୍ରିୟାକୁ ସର୍ବତୋଭାବେ ପ୍ରକୃତି ଦ୍ୱାରା କରାଯାଉଥିବାର*
*ଦେଖେ ଏବଂ ନିଜକୁ ଅକର୍ତ୍ତା ଦେଖେ(ଅନୁଭବ କରେ),*
*ସେ ଯଥାର୍ଥ ଦେଖେ ।*

## ଲୋକ ବିଚାର

-- ଧୈର୍ଯ୍ୟ ମଧ ବୁଦ୍ଧିଠାରୁ ବଡ଼

-- ଆମେ କରୁଥିବା ଭୁଲ ଯଦି ଅନ୍ୟମାନଙ୍କଠାରେ ଦେଖୁ ତେବେ ଆମକୁ ବେଶୀ ବ୍ୟସ୍ତ ଲାଗେ ।

## ଖନା ବଚନ

ଏକ କୁତା କୁତା ପାଳେ,
ଏକ କୁତା କୁତା ମାରେ
ଏକ କୁତା ଶ୍ୱଶୁର ଘରେ ଜ୍ୱାଇଁ,
ଏକ କୁତା ଭଉଣୀ ଘରେ ଭାଇ ।



ନିଜର ଶକ୍ତି ଅନୁଯାୟୀ କିଛି ନା କିଛି ଦାନ କରିବା ଭଲ । ଦାନ କରିବାର ଶକ୍ତି ଥାଇ ଯେ ଦାନ ନକରେ ସେ କେବଳ କୃପଣ ନୁହେଁ, ଦରିଦ୍ର ମଧ ।

# ଦାରୁବ୍ରହ୍ମଙ୍କ ସନ୍ଧ୍ୟାଦର୍ଶନ

ଡ. ସୁକାନ୍ତି ମହାପାତ୍ର





'ସତ୍ୟଂ ସତ୍ୟଂ ପୁନଃ ସତଂ ତେଷାଂ ଜନ୍ମ ନ ବିଦ୍ୟତେ
ସର୍ବ ତୀର୍ଥେଷୁ ତେ ସ୍ନାତାଃ ସର୍ବଯଜ୍ଞେଷୁ ଦୀକ୍ଷିତାଃ
ଆରାଧିତାଃ ସୁରାଃ ସର୍ବେ ତୈରେବ ପଠିତା ଶ୍ରୁତିଃ
ପୁରାଣାନି ଚ ସର୍ବାଣି ଜପାନି ମୁନିସତ୍ତମ୍
ଦାନଂ ଦତ୍ତଂ ତପସ୍ତପଂ ପିତରସ୍ତର୍ପିତାସ୍ତଥା
ଯାଚକାନାଂ ଚ ସନ୍ତୁଷ୍ଟିଃ କୃତା ତୈରେବନାରଦ
ଭକ୍ତ୍ୟା ପରମୟା ଯେବୈ ପଶ୍ୟନ୍ତି ଜଗତାଂ ପତିମ୍
ପୂର୍ଣ୍ଣେନ୍ଦୁରରୁବଦନଂ ନୀଳଜୀମୂତ ସୁନ୍ଦରମ୍।

ସକଳ ତୀର୍ଥରେ ସ୍ନାନ କଲେ, ସମସ୍ତେ ଯଜ୍ଞ ଅନୁଷ୍ଠାନ କଲେ, ସକଳ ଦେବତାଙ୍କୁ ଆରାଧନା କଲେ, ବେଦ ଅଧ୍ୟୟନ କଲେ, ପୁରାଣପାଠ ଅଥବା ଜପତପ, ଦାନଧର୍ମ କରି ପିତୃପୁରୁଷମାନଙ୍କୁ ତର୍ପଣଦ୍ୱାରା ସନ୍ତୁଷ୍ଟ କରି ଯେଉଁ ଆନନ୍ଦ ମିଳେ ନାହିଁ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପରମ ଭକ୍ତି ସହକାରେ ଦର୍ଶନ କଲେ ସେହି ଆନନ୍ଦ ମିଳିଥାଏ।

ଶ୍ରୀ ଜଗନ୍ନାଥ ସ୍ୱୟଂ ପୁରୁଷୋତ୍ତମ। ସେ କ୍ଷରରୁ ଅତୀତ, ପୁଣି ଅକ୍ଷରରୁ ଉତ୍ତମ। ତେଣୁ ସେ ଲୋକରେ ଓ ବେଦରେ ପୁରୁଷୋତ୍ତମ ରୂପେ ଅଭିହିତ:- 'ଯସ୍ମାତକ୍ଷର ମତୀତୋଽହମକ୍ଷରାଦପି ଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ।'

(ଶ୍ରୀମଦ୍ ଭଗବତ ଗୀତା ୧୫/୧୮)

ତେଣୁ ଆଉ ସମସ୍ତ ତତ୍ତ୍ୱ ସମସ୍ତ ଦେବାଦେବୀ, ପ୍ରାଣୀକୁଳ ଶ୍ରୀଜଗନ୍ନାଥରୂପୀ ପୁରୁଷୋତ୍ତମଙ୍କର ଅଧୀନ ତତ୍ତ୍ୱ ଅଟନ୍ତି। ତାଙ୍କୁ ପୁରୁଷୋତ୍ତମ ଭାବରେ ଯିଏ ଜାଣେ ସିଏ ସର୍ବଜ୍ଞ ହିଁ ପ୍ରକୃତ ଜ୍ଞାନୀ। ସେ ହିଁ ମହାପ୍ରଭୁଙ୍କୁ ସର୍ବତୋଭାବେ ଭଜନ କରିବାକୁ ଯୋଗ୍ୟ ହୁଅନ୍ତି :-

'ଯୋ ମାମେବମସଂମୂଢୋ ଜାନାତି ପୁରୁଷୋତ୍ତମମ୍
ସ ସର୍ବବିଦ୍‌ଭଜତି ମାଂ ସର୍ବଭାବେନ ଭାରତ।'

(ଶ୍ରୀମଦ୍ ଭଗବତ ଗୀତା ୧୫/୧୯)

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦେବାଧିଦେବ। ସେ ସମସ୍ତ ଦେବତାଙ୍କ ଦେବତା ତାଙ୍କର ଆଦି ଅନ୍ତ ଦେବତା କିମ୍ବା ଋଷି କେହି ହେଲେ ଜାଣିପାରନ୍ତି ନାହିଁ। କାରଣ ସେ ହେଉଛନ୍ତି ଦେବତା ଓ ଋଷିମାନଙ୍କର ଆଦି।

'ନ ମେ ବିଦୁଃ ସୁରଗଣାଃ ପ୍ରଭବଂନ ମହର୍ଷୟଃ
ଅହମାଦିର୍ହି ଦେବାନାଂମହର୍ଷିଣାଂ ଚ ସର୍ବଶଃ।'

(ଶ୍ରୀମଦ୍ ଭଗବତ ଗୀତା ୧୦/୦୨)

ତାଙ୍କରି ଭିତରେ ହିଁ ସମସ୍ତ ଦେବତା, ଋଷି ଚରାଚର ବିଶ୍ୱ ବିରାଜିତ। ନିଜର ପରମ ଭକ୍ତ ତଥା ପରମ ସଖା ଅର୍ଜୁନଙ୍କୁ ଦିବ୍ୟ ଚକ୍ଷୁ ପ୍ରଦାନ ପୂର୍ବକ ସେ ଯେଉଁ ବିଶ୍ୱ ରୂପ ପ୍ରଦର୍ଶନ କଲେ ସେଥିରେ ଅର୍ଜୁନ ସମସ୍ତ ଦେବଦେବୀ ଭୂତ, ଋଷିଙ୍କୁ ତଥା ଦିବ୍ୟ ସର୍ପମାନଙ୍କୁ ଦର୍ଶନ କରିଥିଲେ। ସେ ସର୍ବଦେବମୟ ସେ ବାୟୁ, ସେ ଯମ, ସେ ଅଗ୍ନି, ସେ ବରୁଣ, ସେ ଶଶାଙ୍କ, ସେ ପିତାମହ ବ୍ରହ୍ମା, ପୁଣି ପିତାଙ୍କର ପିତା ସେହିଁ ସବୁ କିଛି।

କଳିଯୁଗରେ ସର୍ବଶ୍ରେଷ୍ଠ ଦେବତା ରୂପେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ପରମ ପବିତ୍ର ଶ୍ରୀନୀଳାଚଳ ଧାମରେ ଆବିର୍ଭୂତ ହୋଇ ତାଙ୍କର ପ୍ରିୟ ସେବକମାନଙ୍କ ଦ୍ୱାରା ଉପାସିତ ହେଉଥିବାବେଳେ ଅଗଣିତ ଭକ୍ତଜନଙ୍କୁ ସାଯୁଜ୍ୟ ମୁକ୍ତି ପ୍ରଦାନ କରି ଦେବାଧିଦେବ, ରାଜାଧିରାଜ ଶ୍ରୀପୁରୁଷୋତ୍ତମ ଇତ୍ୟାଦି ନାମରେ ସମ୍ବୋଧିତ ପୂର୍ବକ ମାନବୀୟ ଲୀଳା ପ୍ରଦର୍ଶନ କରି ରଥ ଉପରେ ବିରାଜମାନ କରନ୍ତି ରଥଯାତ୍ରାରେ। ବାରମାସରେ ପ୍ରଭୁଙ୍କର ତେର ଯାତ୍ରା। ସେଥି ମଧ୍ୟରୁ ରଥଯାତ୍ରା ଶ୍ରେଷ୍ଠ। ନଅ ଦିନ ଯାଏଁ ଏ ଯାତ୍ରା ଅନୁଷ୍ଠିତ ହୁଏ। ପ୍ରଭୁ ଶ୍ରୀ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ବଡ଼ ଦାଣ୍ଡରେ ବଡ଼ ରଥରେ ବସି ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ବଡ଼ ଦାଣ୍ଡରେ ଦେବବାଦ୍ୟ ବାଜି

ଉଠେ, ଦେବ କୁସୁମ ବିଞ୍ଛି ହୋଇପଡ଼େ। ଦେବ କାମିନୀଙ୍କର ନୃତ୍ୟ ଛନ୍ଦରେ ବାତାବରଣ ଛନ୍ଦାୟିତ ହୋଇଉଠେ। ଦିବ୍ୟ ସୁବାସ ପବନ ଲହରରେ ମାଦକତା ଭରି ଦେଇଥାଏ। ଏହି ଦିବ୍ୟରୂପ ଦେଖିବା ପାଇଁ ବଡ଼ ଦାଣ୍ଡରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଖରା ବର୍ଷାକୁ ସେମାନେ ଖାତିର ନ କରି କାଳିଆ ସାଆନ୍ତଙ୍କ ପ୍ରେମରେ ପଡ଼ି ରଥକୁ ଟାଣି ଟାଣି ନେଇଥାନ୍ତି ଗୁଣ୍ଡିଚା ମନ୍ଦିରକୁ।

ତା'ପରେ ଶ୍ରୀ ବିଗ୍ରହମାନଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରକୁ ନେଇଯାଆନ୍ତି। ପବିତ୍ର ଘୋଷଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀ ବିଗ୍ରହମାନେ ଯେଉଁ ସ୍ଥାନରେ ଏକ ସପ୍ତାହ ବ୍ୟାପୀ ଅବସ୍ଥାନ କରିଥାନ୍ତି, ତାହାକୁ 'ଆଡ଼ପ ମଣ୍ଡପ' କୁହାଯାଇଥାଏ। ପୁରାଣମାନଙ୍କରେ ଏହି ମଣ୍ଡପକୁ 'ଯଜ୍ଞବେଦୀ' ଓ 'ମହାବେଦୀ' ବୋଲି ଉଲ୍ଲେଖ କରାଯାଇଛି।

ଯଜ୍ଞ ବେଦୀରିୟଂ ବିଷ୍ଣୋ ଜନ୍ମଭୂମି ସ୍ତବ ପ୍ରଭୋ
ପୂର୍ବଂ ତ୍ୱୟା ଭଗବତ ସପ୍ତାହ ମଣ୍ଡପୋତ୍ତମ
ବିଷ୍ଣୟୁ ରିତ୍ୟାଜ୍ଞା ଦତ୍ତ ତତୋ ଯାହି ଜଗତ୍ପତେ
(ନୀଳାଦ୍ରି ମହୋଦୟ ପ୍ରଥମ ଅଧ୍ୟାୟ)

ତ୍ରୈଲୋକ୍ୟାଡ଼ମ୍ବର ଯୁତେ ମହାବେଦ୍ୟାଂ ମହାତ୍ରତୋଃ
ପ୍ରାଦୁର୍ଭାବୋ ମହେଶସ୍ୟ କ୍ଷତ୍ରାର୍ଭୂଦାରୁ ବର୍ଷ୍ମତାଃ।
(ସ୍କନ୍ଦପୁରାଣ, ବୈଷ୍ଣବଖଣ୍ଡ, ୩୩ ଅଧ୍ୟାୟ)

ପରବର୍ତ୍ତୀ କାଳରେ ଏହି ମଣ୍ଡପରେ ଶ୍ରୀ ବିଗ୍ରହମାନଙ୍କର ସର୍ବୋପସ୍ଥିତି ଦେଖି ଏହି ମଣ୍ଡପକୁ 'ଆଡ଼ପ ମଣ୍ଡପ' କୁହାଯାଇଛି ବୋଲି ପଣ୍ଡିତ ହରିହର ମହାପାତ୍ର ମତ ପ୍ରକାଶ କରିଛନ୍ତି।

ଶ୍ରୀବିଗ୍ରହମାନଙ୍କର ଆଡ଼ପ ମଣ୍ଡପରେ ଅବସ୍ଥାନ ସମୟରେ ଦର୍ଶନାର୍ଥୀ ତଥା ଭକ୍ତ ସମାଜ ସେଠାରେ ସମବେତ ହେବା ପୂର୍ବକ ବ୍ରତ ପାଳନ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ ତ୍ରିକାଳ ପ୍ରଶସ୍ତି ଥିଲେ ମଧ୍ୟ ସନ୍ଧ୍ୟା ବା ରାତ୍ରିକାଳୀନ ଦର୍ଶନରେ ମହାପୁଣ୍ୟ ହୋଇଥାଏ ବୋଲି ପୁରାଣ ଓ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ରହିଅଛି। ଯଥା-

'ଦିବାତତ୍ ଦର୍ଶନଂ ପୁଣ୍ୟଂ ରାତ୍ରୌ ଦଶଭୂଜଂ ଭବେତ୍
ସପ୍ତାହ ଯୋ ନରୋନାରୀ ନ ସା ପ୍ରାକୃତ ମାନୁଷି।'
(ସ୍କନ୍ଦ ପୁରାଣ-୩୪ ଅଧ୍ୟାୟ)

ଅତ୍ର ସ୍ଥଳେ ନକ୍ତକାଳେ ଯେ ପଶ୍ୟନ୍ତି ସୁ ପୂଜିତାନ୍
ବୈକୁଣ୍ଠ ଭବନେ ନିତ୍ୟଂ ତେ ବସନ୍ତି ନ ସଂଶୟଃ।
(ବାମନ ସଂହିତା, ୧୭ ଅଧ୍ୟାୟ ୧୦ ଶ୍ଳୋକ)

ବିଭିନ୍ନ ଶାସ୍ତ୍ରାନୁଯାୟୀ ନବମୀଦିନ ମହାବେଦୀ ବା ଆଡ଼ପ ମଣ୍ଡପରେ ଶ୍ରୀ ବିଗ୍ରହମାନଙ୍କର ସନ୍ଧ୍ୟା ଦର୍ଶନ ଅତ୍ୟନ୍ତ ପୁଣ୍ୟ ଦାୟକ ଅଟେ। ନୀଳାଦ୍ରି ମହୋଦୟରେ ବର୍ଣ୍ଣିତ ହୋଇଛି ଯେ, ନୀଳାଚଳରେ ଦଶବର୍ଷ ପର୍ଯ୍ୟନ୍ତ ତ୍ରିକାଳ ପୂଜା କାଳରେ ଭକ୍ତ ସାବଧାନ ଭାବେ ଶ୍ରୀବିଗ୍ରହ ମାନଙ୍କର ଦର୍ଶନରେ ଯେଉଁ ଫଳ ପାଏ, ସେହି ଫଳ ମହାବେଦୀ ବା ଆଡ଼ପ ମଣ୍ଡପରେ ଗୋଟିଏ ଦିନର ଦର୍ଶନରେ ମିଳେ। ବିଶେଷତଃ ଏକ ଦିନର ରାତ୍ରିକାଳୀନ ଦର୍ଶନରେ ଭକ୍ତ ଫଳ ଦଶଗୁଣ ପରିବର୍ଦ୍ଧିତ ହୋଇଥାଏ। ସେହିପରି ଜନସାଧାରଣରେ ବହୁଳ ପ୍ରଚାରିତ 'ନୀଳାଦ୍ରୌ ଶତବର୍ଷାଣି ଆଡ଼ପ ମଣ୍ଡପେ ଦିନେ' ଉକ୍ତିକୁ ସ୍ମରଣ କରି ସନ୍ଧ୍ୟା ଦର୍ଶନ ଦିନ ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ, ଦୀପ ପ୍ରଜ୍ୱଳନ, ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ସେବନରେ ଆପ୍ୟାୟିତ କରୁଥିବା ଜଣାଯାଏ। ଲକ୍ଷଲକ୍ଷ ଭକ୍ତଙ୍କ ସମାଗମରେ ଶ୍ରୀଗୁଣ୍ଡିଚା ମନ୍ଦିର ଉଛୁଳି ପଡ଼େ। ଶଙ୍ଖ, ହୁଳହୁଳି, କୀର୍ତ୍ତନ, ସଂକୀର୍ତ୍ତନ, ଗୋଟିପୁଅ ନାଚ, ଓଡ଼ିଶୀନୃତ୍ୟ ଇତ୍ୟାଦି ଦେଖିଲେ ସେଠାରୁ ଆସିବା ପାଇଁ ମନେ ହୁଏ ନାହିଁ। ଶ୍ରୀଜଗନ୍ନାଥଙ୍କ ଏହି ଅପୂର୍ବ ଲୀଳା ପୃଥିବୀର ସବୁଠାରୁ ଶ୍ରେଷ୍ଠ ଲୀଳା ରୂପେ ବିବେଚିତ କେବଳ ପୁରୀ ଶ୍ରୀକ୍ଷେତ୍ରରେ।

ଶ୍ରୀଗୁଣ୍ଡିଚା ମନ୍ଦିରରେ ବାହୁଡ଼ା ପୂର୍ବଦିନ ସନ୍ଧ୍ୟାଦର୍ଶନ ବହୁ ପୁରାତନ ସମୟରୁ ପ୍ରଚଳିତ ହୋଇ ଆସୁଅଛି। ଉକ୍ତ ନବମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ଅନ୍ତିମ ଦର୍ଶନ ସନ୍ଧ୍ୟା ରୂପେ ପାଳିତ ହେଉଅଛି। ମୋଟ ଉପରେ ଏଠାରେ ସନ୍ଧ୍ୟା ଶବ୍ଦର ଅର୍ଥ ଅନ୍ତିମ ବୋଲି ବୁଝିବାକୁ ହେବ।

ନବମୀ ସନ୍ଧ୍ୟାଦର୍ଶନ ଦିନ ଠାକୁରମାନଙ୍କର କେତେକ ବିଶେଷ ନୀତି ଥିବାରୁ ପ୍ରଶାସନ ତରଫରୁ ରାତ୍ରିର ଏକ ନିର୍ଦ୍ଦିଷ୍ଟ ସମୟକୁ ମନ୍ଦିର ଭିତରକୁ ପ୍ରବେଶ ନେଇ କଟକଣା କରାଯାଇଥାଏ। ଉକ୍ତ ଦିନ ଠାକୁରମାନଙ୍କ ବଡ଼ସିଂହାର ନୀତି ସରିବା ପରେ ଶ୍ରୀମୁଖରେ ଖଣ୍ଡୁଆ ପକାଯାଇ ପୁଷ୍ପାଳକ ମାନେ ବାହାରକୁ ଆସିଥାନ୍ତି। ଏହାପରେ କୋଠ ସୁଆଁସିଆ ସିଂହାସନଠାରେ ଚାରମାଳ ବନ୍ଧା କାର୍ଯ୍ୟ କରିବା ସଂଗେ ସଂଗେ ଦଇତାପତିମାନେ ଗୁପ୍ତନୀତି ପାଇଁ ପ୍ରସ୍ତୁତ ହୋଇଥାନ୍ତି। ଏହାହିଁ ଦାରୁବ୍ରହ୍ମଙ୍କ ସନ୍ଧ୍ୟାଦର୍ଶନର ମହତ୍ତ୍ୱ ଅଟେ।

**ଅଧ୍ୟକ୍ଷା, ଏସ୍‌ଏସ୍‌ବିଡି ମହିଳା ଡିଗ୍ରୀ ମହାବିଦ୍ୟାଳୟ,**
**କନ୍ତିଆ, ଜଟଣୀ,ଖୋର୍ଦ୍ଧା**



ଈଶ୍ୱର କେବେ ତୁମଠାରୁ ଦୂରେଇ ନାହାନ୍ତି। ଯଦି ତୁମେ ନିଜ ମନକୁ ପବିତ୍ର ଓ ନିର୍ମଳ ରଖ, ତେବେ ଈଶ୍ୱର ତୁମ ପାଖେ ପାଖେ ଥିବାର ଅନୁଭବ କରିବ।



# ବ୍ୟୟ-ଅବ୍ୟୟ

ଡ. ଅଭୟ କୁମାର ନାୟକ

'ବ୍ୟୟ' ଶବ୍ଦର ଆଭିଧାନିକ ଅର୍ଥ ଗୁଡ଼ିକ ହେଲା ଖର୍ଚ୍ଚ, ଅପଚୟ, କ୍ଷୟ, ନାଶ ଇତ୍ୟାଦି। ବି+ଇ ଧାତୁ= ଗମନ କରିବା ବା ଚାଲିଯିବା। ଅର୍ଥାତ୍ କୌଣସି ଗଛିତ ପଦାର୍ଥ ବା ସଂପଦରୁ ଚାଲିଯିବା ହିଁ ବ୍ୟୟ ଅଟେ। ଯିଏ ବ୍ୟୟ କରେ ଆମେ ତାକୁ " ବ୍ୟୟକ''କହୁଥିଲା ବେଳେ ଯିଏ ବ୍ୟୟ ନକରେ ଆମେ ତାକୁ "ବ୍ୟୟ କାତର ବ୍ୟକ୍ତି" ବୋଲି କହିଥାଉଁ। ତେବେ ସାଧାରଣ ଅର୍ଥରେ ବ୍ୟୟକୁ ଆମେ ଅର୍ଥନୀତି ସଂଗେ ବ୍ୟବହୃତ କରିଥାଏଁ।

ତେବେ ଅର୍ଥନୀତି ଦୃଷ୍ଟିରେ ବ୍ୟୟକୁ ପ୍ରାଧାନ୍ୟ ଦେଇ ଅନେକ ନୀତି ଦୃଷ୍ଟିକୁ ଆସେ। ସେଥିମଧ୍ୟରୁ ଯାହା ବେଶି ପ୍ରଚଳିତ ନୀତି ତାହା ହେଲା- (କ)ଜଣଙ୍କର ବ୍ୟୟ ଅନ୍ୟ ଜଣଙ୍କର ଆୟ (ଖ)ଆମେ ସଂଚିଲେ ଦେଶ ବଂଚିବ; ଅର୍ଥାତ୍ ଆମେ ଯଦି ସଂଚୟ କରିବା ସେହି ସଂଚିତ ଅର୍ଥ ପ୍ରଗତିରେ ବିନିଯୋଗ ହେବ ଏବଂ ଦେଶରବିକାଶରେ ସହାୟକ ହେବ। ତେବେ ଏଠାରେ ବ୍ୟୟ ନକର ବା କଥାକୁହାଯାଇଛି।

ତେବେ ପ୍ରଶ୍ନ ଉଠେ ଉପରୋକ୍ତ ଦୁଇଟି ନୀତିରୁ ପ୍ରଥମଟି ବ୍ୟୟ କରିବାକୁ ଉପଦେଶ ଦେଉଥିଲା ବେଳେ ଦ୍ୱିତୀୟଟି ବ୍ୟୟ ନ କରିବାକୁ କହୁଛି। ତେଣୁ ମନରେ ସଂଶୟ ଆମେ ଏଥି ମଧ୍ୟରୁ କେଉଁଟା ପାଳନୀୟ। ଉତ୍ତରରେ ଏତିକି କୁହାଯାଇ ପାରିବ ଉଭୟ ନୀତି ହିଁ ମଣିଷର; ଦେଶର, ଅନ୍ତର୍ଜାତୀୟ ଅର୍ଥନୀତିରେ ବ୍ୟବହାରର ଯଥାର୍ଥତା ରହିଛି।

ଯେତେବେଳେ ଆମେ ଏହି ବ୍ୟୟ ଶବ୍ଦକୁ ନେଇ ଆଧ୍ୟାତ୍ମିକ ଆଲୋଚନା କରୁ ଆଉ ତାର ପ୍ରୟୋଗ ଆମ ଜୀବନରେ ଯଥାର୍ଥତା ରଖେ ନା ନାହିଁ ପରଖୁ; ସେତେବେଳେ ଆମେ ବିସ୍ମିତ ହେଉ ଯେ ଏହି ଶବ୍ଦଦ୍ୱୟ (ବ୍ୟୟ ଏବଂ ଅବ୍ୟୟ)କେତେ ପ୍ରାଧାନ୍ୟ ବିସ୍ତାର କରନ୍ତି ଆଧ୍ୟାତ୍ମିକ ଜୀବନରେ। କିନ୍ତୁ ସାଧାରଣରେ ଏହି ଶବ୍ଦଦ୍ୱୟର ବ୍ୟବହାର ବହୁତ କମ୍ ଦେଖିବାକୁ ମିଳେ। ତେବେ ପ୍ରଥମେ 'ବ୍ୟୟ'କୁ ଆଲୋଚନାକୁ ନେଇ ଆମେ ଏତିକି କହିବୁ ଯେ ପୁରାଣ ଶାସ୍ତ୍ର ଉଲ୍ଲେଖ ଅଛି ଯେ ମଣିଷ ତାର ଉପାର୍ଜିତ ଅର୍ଥର ଏକ ନିର୍ଦ୍ଦିଷ୍ଟ ଅଂଶ ପରମାର୍ଥ ଦିଗରେ ବ୍ୟୟ କରିବା କଥା। ସେ ଧର୍ମ ପାଇଁ ହେଉ ବା ଅନ୍ୟର ଉପକାର ପାଇଁ ହେଉ କିମ୍ବା ଦେଶର ବା ଜାତିର ବିକାଶ ପାଇଁ ହେଉ।

ଶାସ୍ତ୍ର କହନ୍ତି "ମାନବ ସେବାହିଁ ମାଧବ ସେବା''। ଯଦି ଆମ ଉପାର୍ଜିତ ଅର୍ଥର କିୟଦଂଶ "ନର ନାରାୟଣ ସେବା"ରେ ବ୍ୟୟ କରାଯାଏ ତାଠାରୁ ବଳି ପୁଣ୍ୟ ଆଉ କ'ଣ ହୋଇପାରେ। କିନ୍ତୁ ଏହା ପରିଲକ୍ଷିତ ହୁଏ ଯେ ଆଜିର ସମାଜରେ ଏପରି ମନୋଭାବାପନ୍ନ ବ୍ୟକ୍ତି ଖୁବ୍ କମ୍ ଅଛନ୍ତି। ସବୁବେଳେ "ମୁଁ-ମୋର" ଭାବରେ ଗୁରୁତ୍ୱ ଅର୍ଥାତ୍ ପାର୍ଥୀବ ସ୍ୱସୁଖ ପାଇଁ ସମସ୍ତେ ଧାବମାନ- 'ନର ନାରାୟଣ' ସେବାରେ କେତେଜଣ ସାମିଲ ହେଉଛନ୍ତି ଯେ! ତେବେ ଭଗବାନ୍ କୁହନ୍ତି "ଅର୍ଥ ସଂଚନ୍ତି ଯେତେ ନର, କେବଳ ଶ୍ରମ ତାହାଙ୍କର, ଅର୍ଥେ ନପାଇ କାମ ମୋକ୍ଷ। ସେ ପ୍ରାଣୀ ଅଧମ ପ୍ରତ୍ୟକ୍ଷ" ଅର୍ଥାତ୍ ଅର୍ଜିତ ଅର୍ଥକୁ ଯଥାମାର୍ଗରେ ବ୍ୟୟ କଲେ ତା'ର ସୁଫଳ ବ୍ୟକ୍ତିଟିର ଧନ ଓ ମୋକ୍ଷ ଉପରେ ଅବଶ୍ୟ ପଡ଼ିବ। ନଚେତ୍ ତାହା ଶ୍ରମରେ ହିଁ ରହିଯିବ। ତେଣୁ ମଣିଷର ଉପାର୍ଜିତ ଅଂଶର କିୟଦଂଶ ପରମାର୍ଥ ଦିଗରେ ବ୍ୟୟ ହେବା ନିତାନ୍ତ ଆବଶ୍ୟକ। ଯାହାର ଏହି ବ୍ୟୟ ଯେତେ ଅଧିକ ସେ ସେତେ ବୈରାଗ୍ୟର ଅଧିକାରୀ ଏବଂ ପରଂବ୍ରହ୍ମଙ୍କର ନିକଟତର। ଏମିତି ଦୃଷ୍ଟାନ୍ତ ଅଛି ଯେ ସାଧନା ପଥର ପଥିକଟିଏ ନିଜର ଅତ୍ୟାବଶ୍ୟକ ଚଳଣି ପାଇଁ ଯେତିକି ଅର୍ଥ ଦରକାର ସେତିକି ରଖି ଅନ୍ୟ ସମସ୍ତ ଅର୍ଥ ସେ ପରମାର୍ଥ ଦିଗରେ ବ୍ୟୟ କରନ୍ତି। ଏମିତି ସୌଭାଗ୍ୟ କେତେକଙ୍କର ଅଛି। ସାଧନା ପଥରେ ବୈରାଗ୍ୟର ପ୍ରାଧାନ୍ୟ କଥା କହିଲାବେଳେ ଦୃଷ୍ଟାନ୍ତ ଦେଖିବାକୁମିଳେ ଯେ ଯେଉଁମାନେ କଠୋର ସାଧନା କରନ୍ତି ସେମାନେ କେବଳ ପାଂଚ ଘର କିମ୍ବା ସାତ ଘରଭିକ୍ଷାରୁ ଯାହା ମିଳେ ସେଇଥିରେ ସେ ନିତିଦିନର ଗୁଜୁରାଣ ମେଣ୍ଟାନ୍ତି। ନା ଥାଏ ସଂଚିତ ଅର୍ଥ; ନା ଥାଏ ଦୁଃଖକୁ ନିମନ୍ତ୍ରଣ, -ସଦା ପ୍ରଫୁଲ୍ଲିତ ସାଧକ ।

ଏଥର ଆସନ୍ତୁ "ଅବ୍ୟୟ" କଥା ଆଲୋଚନା କରିବା। ଅବ୍ୟୟ ଶବ୍ଦର ଅର୍ଥ- ନ+ବ୍ୟୟ ଅର୍ଥାତ୍ ଯାହା ବ୍ୟୟ ସାପେକ୍ଷ ନୁହେଁ; ଯାହାକୁ ବ୍ୟୟ କରା ଯାଇ ପାରେନା। ତାହେଲେ ତାହା କ'ଣ ? ଅବ୍ୟୟ ହେଲା ଅବିନାଶୀ, ଅକ୍ଷୟ, ବ୍ରହ୍ମ, ବ୍ୟାକରଣରେ ରୂପାନ୍ତର ପାଉ ନ ଥିବା ଶବ୍ଦ, ଅପରିବର୍ତ୍ତନଶୀଳ, ଅନନ୍ତ, ଚିରସ୍ଥାୟୀ, ଇତ୍ୟାଦି। ତେବେ ଏମିତି କେଉଁ ବସ୍ତୁ ବା ପଦାର୍ଥ ଅଛି ଯାହା ଅବିନାଶୀ, ଅକ୍ଷୟ ଓ ଅପରିବର୍ତ୍ତନଶୀଳ! ତାହା ହେଉଛି ବ୍ରହ୍ମ। ବ୍ରହ୍ମର ରୂପାନ୍ତର ହୁଏନାହିଁ କିମ୍ବା ଏହା ବ୍ୟୟ ସାପେକ୍ଷ ନୁହେଁ। ସେଇଥିପାଇଁ ବ୍ୟାସଦେବ ଗୀତାରେ ଲେଖିଲେ "ମନ୍ୟସେ ଯଦି ତଚ୍ଛକ୍ୟ ମୟା ଦ୍ରଷ୍ଟମିତି ପ୍ରଭୋ। ଯୋଗେଶ୍ୱର ତତୋ ମେ ତ୍ୱଂ ଦର୍ଶୟାତ୍ମାନବ୍ୟୟମ୍"( ଗୀତା୧୧.୪)ଅର୍ଥାତ୍ ଅର୍ଜୁନ କହୁଛନ୍ତି ହେ ଯୋଗେଶ୍ୱର ଶ୍ରୀକୃଷ୍ଣ! ହେ ପ୍ରଭୁ! ଯଦି ତୁମେ ମନେକର ଯେ ମୁଁ ସେହି ରୂପ ଦର୍ଶନ କରିବାକୁ ଯୋଗ୍ୟ; ତୁମର ସେହି ଅବ୍ୟୟ ଆତ୍ମସ୍ୱରୂପକୁ ଆମକୁ ଦର୍ଶନ କରିବା ହୁଅନ୍ତୁ।"

ଏହି ଶ୍ଳୋକରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଯୋଗେଶ୍ୱର ବୋଲି ସମ୍ବୋଧନ କରିଛନ୍ତି। ଅର୍ଥାତ୍ ହେ ଯୋଗେଶ୍ୱର ତୁମେ ଆମକୁ ଏପରି ଯୋଗ ଶିଖାଅ ଯାହାଦ୍ୱାରା ଆମେ ତୁମର ସେହି ଅବ୍ୟୟ ଆତ୍ମସ୍ୱରୁପକୁ ଦର୍ଶନ କରିପାରିବୁ। କହିବାର ବାହୁଲ୍ୟ ଏହି ଯେ ଯୋଗ ହିଁ ଏକମାତ୍ର ମାଧ୍ୟମ ଯାହାଦ୍ୱାରା ତାଙ୍କୁ ଉପଲବ୍ଧି କରିହେବ ସେଇଥିପାଇଁ ସମ୍ପୂର୍ଣ୍ଣ ଯୋଗ କଥା କୁହନ୍ତି। ସେ କର୍ମ ଯୋଗ, ଜ୍ଞାନ ଯୋଗ ବା ଭକ୍ତି ଯୋଗ ହେଉ । ଆମେ ଯେ କୌଣସି ମାଧ୍ୟମ ଅବଲମ୍ବନ କରିବା ତାହା ଯେପରି ଯୋଗଯୁକ୍ତ ହୁଏ ତାହାହିଁ କରିବା ହିଁ ପ୍ରଣିଧାନ ଯୋଗ୍ୟ। ସେଇଥିପାଇଁ ଭଗବାନ ଶ୍ରୀକୃଷ୍ଣ କହିଲେ 'ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନ୍ ଅହଂ ଅବୟମ୍। ବିବସ୍ୱାନ ମନବେ ପ୍ରାହ ମନୁଃ ଇକ୍ଷାକବେଂବ୍ରବୀତ। (ଗୀତା ୪:୧)' ଅର୍ଥାତ ହେ ଅର୍ଜୁନ ମୁଁ ଏହି ଶାଶ୍ୱତ ଯୋଗ ବିଜ୍ଞାନକୁ ବୈବସ୍ୱାନଙ୍କୁ ଶିକ୍ଷା ଦେଇଥିଲି। ପରେ ବୈବସ୍ୱାନ ଏହାକୁ ମନୁଙ୍କୁ ଶିଖାଇଲେ। ମନୁ ଏହାକୁ ଇକ୍ଷାକୁଙ୍କୁ ଶିଖାଇଲେ। ଏହି ଯୋଗ ଦ୍ୱାରାହିଁ ମୋର ଏହି ଅବ୍ୟୟ ସ୍ୱରୁପକୁ ଦର୍ଶନ କରିହେବ।

ଯୋଗ ହିଁଧ୍ୟାନ ଓ ଆତ୍ମୋପଲବ୍ଧିର ପଥ। ଏହାଦ୍ୱାରା ଇନ୍ଦ୍ରିୟଗଣ ବିଶୁଦ୍ଧ ହୁଅନ୍ତି ଏବଂ ପ୍ରାଣୀ ମନ ଓ ବୁଦ୍ଧି କ୍ଷେତ୍ରରୁ ଉର୍ଦ୍ଧ୍ୱକୁ ଉଠେ। ଯୋଗ ଜୀବନକୁ ରୂପାନ୍ତରିତ କରେ ଏବଂ ଅନ୍ତରର ସୌନ୍ଦର୍ଯ୍ୟକୁ ପ୍ରକାଶିତ କରେ। ଯୋଗ ହିଁ ଆତ୍ମ ବିକାଶର ସହଜ ଓ ଆଶୁ ଫଳପ୍ରଦ ଉପାୟ। ଏହାଦ୍ୱାରାହିଁ ପ୍ରଭୁଙ୍କର ଅବ୍ୟୟ ଓ ଅବିନାଶୀ ସ୍ୱରୂପ ଦର୍ଶନ କରିହୁଏ।

ତେବେ ଏହି ଅବ୍ୟୟଙ୍କ ପାଦପଦ୍ମରେ ଶରଣ ଯିବାକୁ ପରାମର୍ଶ ଦେଇ ସନ୍ଥକବି ଭୀମଭୋଇ ଗାଇ ଉଠିଲେ "ଅବ୍ୟୟ ପାଦେ ସଦା ଶରଣ ଯେ; ଅବ୍ୟୟ ଜ୍ୟୋତି, ତୁମ ଛାମୁରେ ଏହି ପ୍ରାର୍ଥନା ନୀତି।" ଅର୍ଥାତ ହେ ଅବ୍ୟୟ ବ୍ରହ୍ମ ! ହେ ଅବ୍ୟୟ ଜ୍ୟୋତି! ହେ ଯୋଗେଶ୍ୱର ତୁମେ ଆମକୁ ସେହି ଯୋଗ ମାର୍ଗରେ ନେଇଯାଅ ଯାହାଦ୍ୱାରା ଆମେ ତୁମର ସେହି ଅବ୍ୟୟ ପାଦପଦ୍ମ ଶରଣରେ ରହି ତୁମର ଅବ୍ୟୟ ଜ୍ୟୋତି ଦର୍ଶନ କରିବୁ। ତୁମ ପାଦପଦ୍ମରେ ଆମର ଏତିକି ମାତ୍ର ନିବେଦନ।

ସେହି ଅବ୍ୟୟ ପାଦରେ ଶରଣ ଯିବାପାଇଁ ଦରକାର 'ଶ୍ରଦ୍ଧା'। ଶାସ୍ତ୍ର କହନ୍ତି 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍ '। ଯେ ଶ୍ରଦ୍ଧାବାନ୍ ହୁଏ ସେ ଭଗବତ୍ ଜ୍ଞାନ ଆହରଣ କରେ ଏବଂ ପରିଶେଷରେ ବ୍ରହ୍ମ ଦର୍ଶନ କରେ। ତେଣୁ ଆସନ୍ତୁ ଶ୍ରଦ୍ଧାବାନ୍ ହେବା ଆଉ ଶ୍ରଦ୍ଧାଧାରାରୁ ନିର୍ଗତ ଅମୃତ ପାନକରି ସେଇ ଅବ୍ୟୟ ପାଦରେ ଶରଣ ଯିବା ଫଳରେ ଆଉ ପୁନର୍ଜନ୍ମ ହେବନାହିଁ।

- ଜୟ ଜଗନ୍ନାଥ-

କୁଳପତି,ନାଇଜର,ଭୁବନେଶ୍ୱର

# ରେବା ରାୟ



ଶ୍ରୀଯୁକ୍ତ ବ୍ରଜକିଶୋର ଦାସ

ଭକ୍ତ କବି ମଧୁସୂଦନଙ୍କ ଭ୍ରାତୃଷ୍ପୁତ୍ରୀ ଶ୍ରୀମତୀ ରେବା ରାୟ ୧୮୭୬ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଶୈଶବରେ ଜଣେ ନାରୀ ଲେଖିକା ଭାବରେ ପ୍ରସିଦ୍ଧା ହେବାପାଇଁ ସେ ସଂଗ୍ରାମ କରିଥିଲେ। ଶ୍ରୀମତୀ ରେବାରାୟ ସାରସ୍ୱତ ସାଧନା ନାରୀ ଜାଗରଣ , ସମାଜ ସଂସ୍କାର ଆଦି ବହୁ ବିଧ କାର୍ଯ୍ୟରେ ନିଜର ବଳିଷ୍ଠ ନେତୃତ୍ୱ ପ୍ରଦାନ କରିଥିଲେ । ସେ ବ୍ରାହ୍ମ ସମାଜ ଦ୍ୱାରା ଅନୁପ୍ରାଣିତ ବିଶିଷ୍ଟ ବିଦ୍ୱାନ ସାଧୁଚରଣ ରାୟଙ୍କୁ ବିବାହ କରିଥିଲେ । ମାତ୍ର ପଚିଶ ବର୍ଷ ବୟସରେ ବିଧବା ହୋଇ ସେ ନିଃସଙ୍ଗ ଜୀବନଯାପନ କରୁଥିଲେ। ସ୍ୱାମୀ ସାଧୁ ଚରଣଙ୍କ ସହଯୋଗରେ ସେ ଓଡିଶାରେ ନାରୀ ଶିକ୍ଷାର ପ୍ରସାର ନିମନ୍ତେ ଆପ୍ରାଣ ଉଦ୍ୟମ କରିଥିଲେ। ସେ ପ୍ରତିଷ୍ଠା କରିଥିଲେ ଆଦର୍ଶ ବାଳିକା ବିଦ୍ୟାଳୟ ଯାହା ପରବର୍ତ୍ତୀ କାଳରେ ରେଭେନ୍ସା ବାଳିକା ବିଦ୍ୟାଳୟ ନାମରେ ପରିଚିତ ହୋଇଥିଲା।

ସେ 'ଆଶା' ନାମକ ମହିଳା ପତ୍ରିକା ଓ 'ପ୍ରଭାତ' ନାମକ ଶିଶୁ ପତ୍ରକାର ସଂପାଦିକା ଥିଲେ। ତାଙ୍କର କେତକ କବିତା ଗଳ୍ପ ଓ ପ୍ରବନ୍ଧ ସମକାଳୀନ ପତ୍ରିକାରେ ପ୍ରକାଶ ପାଇଥିଲା। ତାଙ୍କ କବିତା ଗୁରୁ "ଅଞ୍ଜଳି" (୧୯୦୩) ରେ ପ୍ରକାଶ ପାଇଥିଲା। ୪୦ଟି କବିତା ଏଥିରେ ସଂକଳିତ ହୋଇ ବହୁ ପାଠକୀୟ ସ୍ୱୀକୃତି ଲାଭ କରିଥିଲା । ୧୯୦୪ ରେ ରଚିତ ତାଙ୍କର କ୍ଷୁଦ୍ରଗଳ୍ପ ସଂକଳନ "ଶକୁନ୍ତଳା" ନାରୀମାନଙ୍କ ଦ୍ୱାରା ଲିଖିତ ସର୍ବ ପ୍ରଥମ ସାମାଜିକ କ୍ଷୁଦ୍ରଗଳ୍ପ । ଏହି ସଂକଳନ "ସୁ ସନ୍ନ୍ୟାସୀ" ତାଙ୍କର ଅନ୍ୟତମ କ୍ଷୁଦ୍ରଗଳ୍ପ। ଶାଶୂ ଓ ବୋହୁଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ହିଁ ଏହାର ମୁଖ୍ୟ ଆଧାର । ସଂଯତ ବର୍ଣ୍ଣନା ପରିପାଟୀ , ସହଜ ସ୍ୱତଃସ୍ଫୁର୍ତ ଭାଷା ଏବଂ ବାସ୍ତବ ଚିତ୍ର ଅଂକନରେ ତାଙ୍କର ମୁଖ୍ୟ ଆଧାର । ସମସ୍ତ ରଚନାରେ ତାଙ୍କର ସଂଯତ ବର୍ଣ୍ଣନା ଶୈଳୀ, ସୁବିନସ୍ତ ଭାଷା, ବାସ୍ତବ ଚିତ୍ର ଅଂକନ ତାଙ୍କ ସୃଜନଶୀଳତାର ଚମତ୍କାରିତା ପ୍ରଦର୍ଶନ କରିଥାଏ ।

ଜଣେ ନାରୀ ପ୍ରତିଭା ସଂପନ୍ନା ଲେଖିକା ଭାବରେ ଶ୍ରୀ ମତୀ ରେବା ରାୟ ଆଜୀବନ ଓଡିଆ ଭାଷା, ସାହିତ୍ୟର ଉପାସିକା, ଲେଖିକା ଭାବରେ କାଳଜୟୀ ଯଶର ଅଧିକାରିଣୀ ହୋଇପାରିଛନ୍ତି। ଆଜିର ନାରୀ ଲେଖିକା, କିଶୋରୀ, ଯୁବତୀ ଲେଖିକାଙ୍କ ପାଇଁ ସେହି ଲେଖିକା ହେଉଛନ୍ତି ଚିରଞ୍ଜିବୀ ପ୍ରେରଣା।

କଳଦିଆ,ନମୌଜା,ଆଳି,କେନ୍ଦ୍ରାପଡ଼ା
ଦୂରଭାଷ-୯୭୭୭୩୦୪



ଇଶ୍ୱର ଆମକୁ ହାତ ଦେଇଛନ୍ତି ପରିଶ୍ରମ କରିବାପାଇଁ। ଲୁଣ୍ଠନ, ଚୋରୀ ବା ବଳାତ୍କାର କରିବାପାଇଁ ନୁହେଁ।

# ମାଉସୀ ମା’ (ଅର୍ଦ୍ଧାସନୀ)



ବିପିନ ବିହାରୀ ମହାନ୍ତି



‘ମାଉସୀ ମା’’ ସମ୍ବୋଧନକୁ ପୁରୀରେ ଯାତ୍ରୀମାନଙ୍କ ପାଇଁ ଭ୍ରମ ସୃଷ୍ଟି ହୁଏ । ଅନେକ ବୁଝନ୍ତି ଯେ ଏହା ହେଉଛି ଗୁଣ୍ଡିଚା ଘର , ଯଜ୍ଞ ମଣ୍ଡପ, ଆଡ଼ପ ମଣ୍ଡପ, ମାଉସୀ ମା’, ପୁରୀ । ଏହା ଏକ ଡାକ ନାମ ମାଉସୀ ମା’ ହୋଇପାରେ । ମାତ୍ର ପ୍ରକୃତ ମାଉସୀ ମା’ ହେଉଛନ୍ତି ‘ଅର୍ଦ୍ଧାଶନୀ ଦେବୀ’ ଯିଏ କି ଦଇତାପଡ଼ା ସାହିର ପାର୍ଶ୍ୱଦେଶରେ ବଳଗଣ୍ଡି ପାଖାପାଖି ଶ୍ରୀକ୍ଷେତ୍ର ମନ୍ଦିର ଓ ଗୁଣ୍ଡିଚା ମନ୍ଦିର ପ୍ରାୟ ମଧଭାଗରେ ବଡ଼ଦାଣ୍ଡ ଦାଢ଼ରେ ଉପସ୍ଥିତ । ଏହା ଏକ ପ୍ରାଚୀନ ମନ୍ଦିର ଏବଂ ଏହାର ଉଚ୍ଚତା ପ୍ରାୟ ୨୦ ଫୁଟ । ଏହା କେଶରୀ ବଂଶର ରାଜାଙ୍କ ରାଜତ୍ୱକାଳରେ ନିର୍ମିତ କରାଯାଇଥିଲା ବୋଲି ବିଶ୍ୱାସ କରାଯାଏ ।

ପ୍ରଶ୍ନ ଉଠେ ଏ ‘ଅର୍ଦ୍ଧନାଶିନୀ’ କାହାର ମାଉସୀ ମା’ । ଜଗନ୍ନାଥଙ୍କର କି ! ସେ ତ ଅଯୋନି ସଂଭୂତ । ତାଙ୍କର କ’ଣ ବାପ-ମା’ ଅଛନ୍ତି ଯେ ମାଉସୀ ଆସିବେ ! ଏବେ ପ୍ରଶ୍ନ : ତାହାହେଲେ ଏ କିଏ ? ଶ୍ରୀମନ୍ଦିରରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ପୂଜା ପାଆନ୍ତି । ଏ ସୁଭଦ୍ରା ହେଉଛନ୍ତି ମା’ଯୋଗମାୟା । ସ୍କନ୍ଦପୁରାଣର ଉତ୍କଳ ଖଣ୍ଡର ୨୧ ଅଧ୍ୟାୟରେ ଲେଖାଅଛି :

ତର୍ୟୋମଧ୍ୟେ ସ୍ଥିତାଂ ଲକ୍ଷ୍ମୀଂ ସୁଭଦ୍ରାଭଦ୍ରା ରୂପିଣାମ୍
ସୀତାଂଙ୍କୁକୁମାରୁଣ ଦେହା ସୀତାଂ ସାକ୍ଷାତ୍ ଲକ୍ଷ୍ମୀ ମିବା ପରମ ।

ଏଥିରୁ ସୁସ୍ପଷ୍ଟ ଯେ ସୁଭଦ୍ରା ସାକ୍ଷାତ୍ ଲୋକମାତା ମା’ । ଲୋକ ଜନନୀ ରୂପେ ସେ ସମସ୍ତ ଶାସ୍ତ୍ରମାନଙ୍କରେ ସୁବିଦିତା । ଏକ ପ୍ରସଙ୍ଗରୁ ଜଣାଯାଏ ଯେ ମହାପ୍ରଳୟ କାଳରେ ପୁରୁଷୋତ୍ତମ କ୍ଷେତ୍ରସ୍ଥ ରୋହିଣୀକୁଣ୍ଡରୁ କାରଣୋଦକ ନିସୃତ ହୋଇ ମହାପ୍ରଳୟ ଘଟାଇପାରେ ପୁଣି ସେହି କୁଣ୍ଡରେ ଲୀନ ହୋଇଯାଏ । ଏହି ଜଳପ୍ରଳୟ ଯୁଗାବର୍ତ୍ତନ କାଳରେ ଘଟିଥାଏ । ଥରେ ପ୍ରଳୟପରେ ସେ କୁଣ୍ଡର ସମସ୍ତ ଜଳ କୁଣ୍ଡରେ ଲୀନ ହେଲା ନାହିଁ । ତହୁଁ ମା’ ଲକ୍ଷ୍ମୀ ବିଷ୍ଣୁମାୟା ଯୋଗମାୟାଙ୍କ ଠାରେ ଏମନ୍ତ ଘଟଣା ପ୍ରକାଶ କରନ୍ତେ ଯୋଗମାୟା ସ୍ୱଗାତ୍ରରୁ ଏକ ଶକ୍ତିଜାତକରି ଜଳପ୍ରୋଦକ ଜଳକୁ ଶୋଷଣ ନିମନ୍ତେ ଆଦେଶ ଦେଲେ । ଅଗସ୍ତି ଋଷିଙ୍କଙ୍କ ସମୁଦ୍ର ଜଳକୁ ଚଳୁ କଲାପରି, ଏ ଦେବୀ ଏ ଜଳକୁ ଶୋଷଣ କରିଦେବାରୁ ଶ୍ରୀକ୍ଷେତ୍ର ରକ୍ଷା ପାଇଗଲା ।

ଭିନ୍ନ ଏକ କାହାଣୀ ଅନୁସାରେ ଏକଦା ଲକ୍ଷ୍ମୀ କିଛିଦିନ ପାଇଁ ମନ୍ଦିର ଛାଡ଼ିଦେଲେ । ଲକ୍ଷ୍ମୀଛଡ଼ା ହୋଇ ଶ୍ରୀଜଗନ୍ନାଥ ଓ ଭାଇ ବଳଭଦ୍ର ଖାଇବାକୁ ନପାଇ ଭିକ୍ଷାବୃତ୍ତି ଆରମ୍ଭ କରିଦେଲେ । ସେତେବେଳେ ସୁଭଦ୍ରା ଏ ମାଉସୀମା’ଙ୍କ ଘରେ ଥିଲେ । ଏତିକିବେଳେ ସମୁଦ୍ର ଜୁଆର ଶ୍ରୀକ୍ଷେତ୍ର ମଧ୍ୟକୁ ମାଡ଼ିଆସି ଏହାକୁ ପ୍ଲାବିତ କଲା । ଏଥିରୁ ଅଧେପାଣି ଅର୍ଦ୍ଧାସନୀ ଦେବୀ ପାନ କରି ଦେବାରୁ ଶ୍ରୀକ୍ଷେତ୍ର ରକ୍ଷା ପାଇଗଲା। ଶୁଣାଯାଏ ମା ଅର୍ଦ୍ଧାସନୀ ଓ ପ୍ରଭୁ କନ୍ଦର୍ପମୋଚନ ଶିବ, ଏ ଦୁହେଁ ହେଉଛନ୍ତି ଶ୍ରୀକ୍ଷେତ୍ର ରକ୍ଷକ । ସ୍କନ୍ଦପୁରାଣରେ ଉଲ୍ଲେଖ ଅଛି-

“ଯୋଗ ମାୟାଙ୍ଗ, ସମ୍ଭୂତାଂ ପ୍ରଳୟୋଦକ ଶୋଷିଣୀ
ଅର୍ଦ୍ଧାସନୀ ମହାଦେବୀ କ୍ଷେତ୍ରରକ୍ଷା ବିଧାୟିନୀ ।”

ଏ ଦେବୀ ଦଇତା ବା ଶବରମାନଙ୍କର ଆରାଧ୍ୟ ଅଟନ୍ତି । ସେମାନେ ଏହି ସମୁଦ୍ର ଜଳକୁ ଶୋଷଣ କାରଣରୁ ତାଙ୍କୁ ଅର୍ଦ୍ଧଶୋଷିଣୀ ଇଷ୍ଟଦେବୀ ରୂପେ ପୂଜା କରନ୍ତି ।

ତ୍ରେତୟା ଯୁଗକୁ ଧରି ଆଉ ଏକ କାହାଣୀ ଗଢ଼ି ଆସୁଛି । କୈକେୟୀ ଓ ରାମ ଉଭୟ ପରସ୍ପରର ପ୍ରିୟପାତ୍ର ଥିଲେ । ଏହା ରାମଙ୍କ ଶୈଶବ ଅର୍ଥାତ୍ ତାଙ୍କୁ ତିନିବର୍ଷରୁ ଚଳିଆସିବା କାହାଣୀରେ କୁହାଯାଇଛି ଯେ ରାମ କୈକେୟୀଙ୍କୁ କାକିମା’ ବୋଲି ଡାକୁଥିଲେ ଏବଂ ଏକଦା ତାଙ୍କୁ ସତ୍ୟ କରାଇ କିପରି ବିଭିନ୍ନ ଅବତାର ନେଇ ସେ ଜନ୍ମ ହେବେ ଏବଂ ସେହି ଅବତାରରେ ରାବଣକୁ ମାରିବା କଥା କହିଥିଲେ ଏବଂ ସବୁ ଅବତାରରେ ସିଏ ତାଙ୍କ ଠୁ ମା’ର ସ୍ନେହ ପାଇବେ ବୋଲି କହିଥିଲେ । ଏହା ସଂପୂର୍ଣ୍ଣ ଗୋପନ ରଖିବାକୁ ଉପରୋକ୍ତ ସତ୍ୟ କରାଇଥିଲେ ଏବଂ କୌଣସି ପରିପ୍ରେକ୍ଷୀରେ ଏହା ପ୍ରକାଶ ନକରିବାକୁ କାକିମା’ଙ୍କୁ ଅନୁରୋଧ କରିଥିଲେ । ସେହି କାକିମା’ ହେଲେ ଦ୍ୱାପରର ଯଶୋଦା ଏବଂ ଏବେର ଅର୍ଦ୍ଧାସନୀ ବା ମାଉସୀମା’ । ଏ ରହସ୍ୟ ତୁଳସୀ ଦାସ ତାଙ୍କ ଗ୍ରନ୍ଥରେ ପ୍ରକାଶ କରିଛନ୍ତି । ଏବେ ଜାଣିଲେ ଯେ ପ୍ରକୃତରେ ଏ ମାଉସୀମା’ କିଏ ?



ମନୁଷ୍ୟ ଦୁଃଖ ଦହନରେ ଯେତିକି ଦଗ୍ଧ ହେବ, ତା’ର ଯାବତୀୟ ପାପ, ତାପ, ମଳିନତା ସେତିକି ପୋଡ଼ି ପାଉଁଶ ହୋଇଯିବ।

ସେହି ସ୍କନ୍ଦପୁରାଣରୁ ଜଣାପଡେ ଯେ ଏ ମା' ହେଉଛନ୍ତି ଦ୍ୱିଭୁଜା ଅଭୟମୁଦ୍ରା ବିଭୂଷିତା ବିଷ୍ଣୁଙ୍କର ପ୍ରିୟଦେବୀ ଓ ପ୍ରଳୟବାରୀ ଶୋଷଣକାରୀ।

"ଦ୍ୱିଭୁଜା ସମ୍ୟବଦନାଂ ଅଭୟ ଅକ୍ଷଧାରିଣୀ
ବିଷ୍ଣୁପ୍ରିୟାକାଂ ସମ୍ଭୂତା ପ୍ରଳୟବାରି ଶୋଷିଣାଃ
ନାନା ବସନା ଭୂଷିତାଂ ଆର୍ତ୍ତତ୍ରାଣ ପରାୟଣୀ
ଅର୍ଦ୍ଧାସନୀ ନମଃସ୍ତେତୁ ଭକ୍ତାନାଂ ଅଭୟପ୍ରଦାଂ ।"

ଜଣେ ପୂଜକଙ୍କଠାରୁ ସଂଗୃହୀତ ତଥ୍ୟ ଅନୁଯାୟୀ ପୂର୍ବଦିଗରେ ବା ଉତ୍ତର ପୂର୍ବ ପାର୍ଶ୍ୱରେ ଶବରମାନେ ନିଜର ପରବର୍ତ୍ତୀ ବସତି ସ୍ଥାପନ କଲାବେଳେ ଏହି ମୂର୍ତ୍ତି ସ୍ଥାପନ କରି ସୁଭଦ୍ରାଙ୍କ ଅଙ୍ଗଶୋଭିତା ବୋଲି ପ୍ରମାଣ କରିବାକୁ ଅଥବା ରହସ୍ୟକୁ ଗୁପ୍ତ ରଖିବାକୁ ମୂର୍ତ୍ତିର ଊର୍ଦ୍ଧ୍ୱଭାଗକୁ ଲେପ ସଂଚାର କରି କର୍ମାନୁସାରେ ସୁଭଦ୍ରାଙ୍କ ମୁଖାରବିନ୍ଦ ତୁଲ୍ୟ କରିଛନ୍ତି । ଏହା ପଛରେ ଦୁଇଟି କାରଣ ଅଛି । ପ୍ରଥମତଃ ଏ ଯୋଗମାୟାଙ୍କ ଭଗିନୀ ରୂପେ ପ୍ରତିପାଦନ କରିବା ଓ ଦ୍ୱିତୀୟତଃ ଶୈଳ ନିର୍ମିତ ମର୍ତ୍ତିକୁ ଶାବର ସଭ୍ୟତା ମଧ୍ୟରେ ସୀମିତ ରଖିବା ପାଇଁ ଲେପ ଦ୍ୱାରା ତାଙ୍କ ଗୁହ୍ୟ ମୂର୍ତ୍ତି ବୋଲି ପ୍ରମାଣ କରିବା ପାଇଁ ବୋଧେ ଏପରି କରିଛନ୍ତି ।

ଏଠାରେ ଦେବୀ ପ୍ରଳୟୋଦ୍ୟୋକ ପାୟିନୀ ରୂପେ ଯୋଗମାୟା ସୁଭଦ୍ରାଙ୍କ ଅଙ୍ଗ ସମ୍ଭୂତା । ତେଣୁ ତାଙ୍କୁ ସୁଭଦ୍ରାଙ୍କ ରୂପ ଦିଆଯାଇଛି । ଆମେ କହୁଥାଏଁ ମା' ସୁଭଦ୍ରା ବା ସୁଭଦ୍ରା ମା' ଯେହେତୁ ସେ ସୁଭଦ୍ରା ମା'ଙ୍କ ଅଙ୍ଗ ସମ୍ଭୁତା, ସେ ନିଶ୍ଚୟ ତାଙ୍କ ଭଗିନୀ ପଦବାଚ୍ୟ । ଅର୍ଥାତ୍ ତୁମ ଆମ ପାଇଁ ସେ ମାଉସୀମା' ବା ଅର୍ଦ୍ଧାସନୀ । ସେ ଜଗନ୍ନାଥଙ୍କର ମାଉସୀମା' ନୁହଁନ୍ତି । ସେ ତ ନିଜେ ନିଜର ସୃଜନ ଓ ଅନ୍ୟମାନଙ୍କର ସୃଜନଶୀଳ ପ୍ରଭୁ । ମା'ଙ୍କ ମୂର୍ତ୍ତି କୃଷ୍ଣପଥରରେ ତିଆରି । ତାଙ୍କ ଦୁଇ ପାର୍ଶ୍ୱରେ ଦୁଇପାର୍ଶ୍ୱ ଦେବୀ - ଛାୟା ଓ ମାୟା ବିଦ୍ୟମାନ । ମା'ଙ୍କର କଟିଦେଶରୁ ଶରୀର ଊର୍ଦ୍ଧ୍ୱ ଅଂଶକୁ ସୁଭଦ୍ରାଙ୍କର ମୁଖଟିଏ ଚାପି ଦିଆଯାଇଛି ବୋଲି ମୁଖଟି ସୁଭଦ୍ରାଙ୍କ ମୁଖ ପରି ଦେଖାଯାଉଛି। ବର୍ଷରେ ଦୁଇଥର ଆଶ୍ୱିନୀ ଓ ଆଷାଢ଼ ମାସରେ ମା'ଙ୍କୁ ବନକଲାଗି କରାଯାଏ । ସବୁ ମନ୍ଦିର ପରି ଏହି ମନ୍ଦିରରେ ମୁଖଶାଳା ଓ ଜଗମୋହନ ଅଛି । ଜଗମୋହନରେ ଦଶାବତାର, ଦଶମହାବିଦ୍ୟା, ଦଶଭୁଜା ଦୁର୍ଗା ଇତ୍ୟାଦି ପ୍ରତ୍ୟହ ପୂଜା ପାଆନ୍ତି । ମନ୍ଦିରର ଆଧାତ୍ମିକ ପରିବେଶରେ ନବଗ୍ରହ ଶିବପାର୍ବତୀ, ରାଧାକୃଷ୍ଣ, ରାମସୀତା, ନୃସିଂହ, ଗଣେଶ ଓ ହନୁମାନ ପ୍ରଭୃତି ସ୍ଥାନ ପାଇଛନ୍ତି । ତ୍ରେତୟାର ରାମଙ୍କ ସହିତ କୈକେୟୀଙ୍କର ସର୍ତ୍ତ ଅନୁସାରେ ଦ୍ୱାପରରେ ରାମ ହେଲେ କୃଷ୍ଣ ଓ କୈକେୟୀ ହେଲେ ମା' ଯଶୋଦା । ସେଦିନର ରାମ ଆଜିର ଜଗନ୍ନାଥ ବା ଦାରୁବ୍ରହ୍ମ ଏବଂ କୈକେୟୀ ଆଜିର ଅର୍ଦ୍ଧାସନୀ : ମାଉସୀମା' । ଏ ମା' ବନଦୁର୍ଗା ମନ୍ତ୍ରରେ ପୂଜା ପାଆନ୍ତି । ଆଜି ସେ ଯେଉଁ ବଳଗଣ୍ଡିରେ ପୂଜା ପାଉଛନ୍ତି ସେଠି ପ୍ରବାହିତ ହେଉଥିଲା ମାଳିନୀ ନଈ । ମନ୍ଦିରରୁ ଗୁଣ୍ଡିଚା ମନ୍ଦିର ଗଲା ଓ ଫେରିଲା ବେଳେ ନଦୀ ପାର ହେବାକୁ ପଡ଼େ ବୋଲି ତିନିତିନିଟା ରଥ ନିର୍ମିତ ହୋଇଥାଏ । ତେବେ ଆଷାଢ଼ ଶୁକ୍ଳ ଦଶମୀ ଦିନ ବାହୁଡ଼ା ଯାତ୍ରା ବେଳେ ଜଗନ୍ନାଥ ଏଇ ମାଉସୀମା' ମନ୍ଦିର ପାଖରେ କିଛି ସମୟ ଅଟକି ଯାଆନ୍ତି ଏବଂ ତ୍ରେତୟାରେ ଅଯୋଧ୍ୟାରେ, ଦ୍ୱାପରରେ ଯଶୋଦାଙ୍କ ଘରେ ଯେଉଁସବୁ ଉପାଦାନମାନ ଦେଇ ସୁସ୍ୱାଦ ପୋଡ଼ପିଠା ସେ ବ୍ୟଞ୍ଜନ କରୁଥିଲେ, ମା' ଅର୍ଦ୍ଧାସନୀ ସେହି ଉପାଦାନରେ ପ୍ରସ୍ତୁତ ପୋଡ଼ପିଠା ଜୀଉମାନଙ୍କୁ ଅର୍ପଣ କରିଥାନ୍ତି । ଆଗରୁ କହିଛେ ଏହା ପ୍ରଭୁ ଜଗନ୍ନାଥ ଓ ଅର୍ଦ୍ଧାସନୀଙ୍କର ପିଛିଲା ଜନ୍ମର, ଜନ୍ମଜନ୍ମାନ୍ତରର ସଂପର୍କ : ସମ୍ବୋଧିତ ସଂପର୍କ ।

**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ**
**ବିପିନ ବିହାରି ପାଠାଗାର, ବିକାଶନଗର, ଜଟଣୀ**
**ଶୂନ୍ୟ ଭାଷା : ୯୯୩୮୩୪୪୧୩୮**

## ପଖାଳ

ପଖାଳ ଓଡିଶାର ପାରମ୍ପରିକ ଖାଦ୍ୟ । ପଖାଳ ଓଡିଆଙ୍କ ପରିଚୟ । ତେବେ ପଖାଳ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ ଏବଂ ପଖାଳ ତୋରାଣୀ ପିଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ । ଭୁବନେଶ୍ୱର ଏମ୍ସ ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଏହା ସାମ୍ନାକୁ ଆସିଛି । ପଖାଳରେ କମ୍ପ୍ଲେକ୍ସ କାର୍ବୋ ହାଇଡ୍ରେଟ୍ ରହିଥାଏ । ଏହାର ତୋରଣୀରେ ଫ୍ୟାଟି ଏସିଡ ଅଧିକ ମାତ୍ରାରେ ଥାଏ । ଯାହା ଶରୀରକୁ ଶକ୍ତି ଯୋଗାଇବା ସହ ରୋଗ ପ୍ରତିରୋଧୀ ଶକ୍ତି ବୃଦ୍ଧି କରେ । ଭୁବନେଶ୍ୱ ଏମ୍ସର ପ୍ରଫେସର ବାଲାମୁରୁଗାନ୍ ରାମଦାସ ଏହି ଗବେଷଣା କରିଥିଲେ ।

୨୦୧୯ରୁ ଏଦିଗରେ ଗବେଷଣା ଚାଲିଥିଲା । ତୋରାଣୀରେ ଲାକ୍ଟୋବ୍ୟାସିଲସ୍ ବ୍ୟାକ୍ଟେରିଆ ଥିବା ଗବେଷଣାରୁ ଜଣାପଡିଥିଲା । ଏହି ଗବେଷଣ ପାଇଁ ବିଭିନ୍ନ ବ୍ୟକ୍ତିଙ୍କ ଘରୁ ପଖାଳର ପ୍ରାୟ ୨୦ଟି ନମୁନା ସଂଗ୍ରହ କରାଯାଇଥିଲା । ତୋରାଣୀରେ ଥିବା ଏସସିଏଫଏ ଉପାଦାନ ଓ ଲାକ୍ଟୋବାସିଲସ୍ ବ୍ୟାକ୍ଟେରିଆ ବା ଜୀବାଣୁ ନିକଟରେ ରୋଗ ପ୍ରତିରୋଧୀ ଶକ୍ତି ରହିଥାଏ । ଯାହା ଶରୀର ପାଇଁ ଉପଯୋଗୀ । ତୋରାଣ ପିଇବା ଦ୍ୱାରା କିଛି ସଂକ୍ରମଣ ମଧ୍ୟ ଦୂର ହୁଏ । ଫୁସଫୁସରେ ହେଉଥିବା ସାଧାରଣ ସଂକ୍ରମଣକୁ ତୋରାଣୀ ପ୍ରତିହତ କରିପାରିବ । ଏହାସହ ସବୁଦିନ ତୋରାଣୀ ପିଇବା ଦ୍ୱାର ଅପପୃଷ୍ଟିର ମୁକ୍ତି ମିଳିବ ବୋଲି ପ୍ରଫେସର ବାଲାମୁରୁଗାନ୍ ରାମଦାସ କହିଛନ୍ତି ।

# ଓଡିଆ ଭାଷା ଓ ବର୍ଣ୍ଣ ସଂଖ୍ୟା



**ଶ୍ରୀ ନୀଳକଣ୍ଠ ତ୍ରିପାଠୀ**

ଆଜି ଯଦି କୌଣସି ଛାତ୍ର କିମ୍ବା ଶିକ୍ଷିତ ଅଭିଜ୍ଞ ଲୋକକୁ ପଚରାଯାଏ ଯେ ଓଡିଆରେ ଅକ୍ଷର ସଂଖ୍ୟା କେତେ। ସେ ହଠାତ୍ ହଡ଼ବଡ଼େଇ ଯିବ। ସେ ପ୍ରଶ୍ନର ସଠିକ୍ ଉତ୍ତର ଦେଇଛି କି ନାହିଁ ନିଜକୁ ନିଜେ ପଚାରି ବସିବ। କିନ୍ତୁ ଯଦି ପଚରାଯାଏ ଇଂଲିଶ ଭାଷାରେ ଅକ୍ଷର ସଂଖ୍ୟା କେତେ ସେ ଚଟାପଟ ତାର ଉତ୍ତର ଦେଇଦେବ। କାହିଁକି ନା ବିଶ୍ୱସ୍ତରରେ ଇଂଲିଶର ଅକ୍ଷର ସଂଖ୍ୟା ୨୬ଟି ସ୍ୱୀକୃତି ପାଇଛି। ତେଣୁ ଆମ ମନରେ ସ୍ୱତପ୍ରବୃତ ପ୍ରଶ୍ନ ଉଠେ ଯେ ଆମର କାହିଁକି ନିର୍ଦ୍ଦିଷ୍ଟ ଓଡିଆ ଅକ୍ଷର ସଂଖ୍ୟାକୁ ସ୍ୱୀକୃତି ଦିଆଯାଇପାରିବ ନାହିଁ। ଏହି ସ୍ଥିତିକୁ ଆଣିବା ପାଇଁ ଆମକୁ ଓଡିଶା ସରକାରଙ୍କ ତତ୍ତ୍ୱାବଧାନରେ ଅଧିକ ଗବେଷଣା କରି ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଓଡିଆ ବର୍ଣ୍ଣକୁ ସ୍ୱୀକୃତି ଦେଇ ବିଶ୍ୱସ୍ତରରେ ସାର୍ବଜନୀନ କରିବାକୁ ହେବ। ତେଣୁ ଓଡିଆ ଭାଷାର ବର୍ଣ୍ଣସଂଖ୍ୟା ଉପରେ ଏଠାରେ ଆଲୋକପାତ କରାଯାଇଛି।

ଆଦିକାଳରୁ ମନୁଷ୍ୟର ଭାବକୁ ପରିପ୍ରକାଶ କରିବାକୁ ଧ୍ୱନି ଓ ପରେ ଭାଷା ସୃଷ୍ଟି ହୋଇଛି। ଭାଷାକୁ ପରିପ୍ରକାଶ କରିବାକୁ ଲିପିବଦ୍ଧ କରି ରଖିବା ପାଇଁ ବର୍ଣ୍ଣର ସୃଷ୍ଟି ଓ ଭାଷାକୁ ବର୍ଣ୍ଣରେ ରୂପାନ୍ତରିତ କଲାବେଳେ ଉଚ୍ଚାରଣ ପ୍ରାଧାନ୍ୟ ଅଧିକ ହୋଇଥାଏ। ସତ କହିବାକୁ ଗଲେ ଉଚ୍ଚାରଣ ହିଁ ବର୍ଣ୍ଣକୁ ଜନସମାଜକୁ ଆଣିଛି। ବ୍ରାହ୍ମୀଲିପି ଓ କଳିଙ୍ଗ ଲିପିର ପୃଷ୍ଟପୋଷକତାରେ ଓଡ଼ିଆ ବର୍ଣ୍ଣ ସୃଷ୍ଟି ହୋଇଛି। କଳିଙ୍ଗ୍ ଲିପି ୧୦୫୧ ମସିହାରୁ ବ୍ୟବହାର ଆରମ୍ଭ ହୋଇଛି।

ଆମର ମାତୃଭାଷା ହେଉଛି ଓଡ଼ିଆ। ଆଜିର ସଭ୍ୟସମାଜରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ମାତୃଭାଷା ଅଧୋଗାମୀ। କିଛି ମାତୃଭାଷା ମଧ୍ୟ ବିଲୋପ ହେଇଗଲାଣି। UNESCO ର ଗବେଷଣାରୁ ଏହି ତଥ୍ୟ ନିଷ୍କର୍ଷ ହୋଇଛି ଯେ ଭାରତ ବର୍ଷରୁ ୪୨ଟି ଓ ଓଡ଼ିଶାରୁ ୩ଟି ମାତୃଭାଷା ବିଲୁପ୍ତ ହୋଇଗଲାଣି। ଯାହାକି ଉଦ୍‌ବେଗର ବିଷୟ ଅଟେ।

କିଏ କହିବ ଯେ ଆଜିର ଓଡ଼ିଆ ଭାଷା ସମୟର ଗତିରେ କଣ ହେବ ? UNESCO ତଥ୍ୟରୁ ଏହା ଭଲଭାବରେ ଜଣାପଡେ ଯେ ମାତୃଭାଷା ସଂକଟ ମଧ୍ୟରେ ଗତି କରୁଛି। ତେଣୁ ପୃଥିବୀର ଅଧିବାସୀମାନଙ୍କୁ ସଚେତନ କରିବା ପାଇଁ ବିଶ୍ୱ ମାତୃଭାଷା ଦିବସ ପାଳନ ହେଉଛି। ପ୍ରତ୍ୟେକ ବର୍ଷ ଫେବୃଆରୀ ମାସ ୨୧ ତାରିଖକୁ ବିଶ୍ୱ ମାତୃଭାଷା ଦିବସ ରୂପେ ପାଳନ କରାଯାଇଛି।

ଭାରତରେ ସଂସ୍କୃତ, ତେଲୁଗୁ, ତାମିଲ, କନ୍ନଡ, ଓ ମାଲାୟାଲାମ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଛି। ଆମର ଓଡିଆ ମାତୃଭାଷାକୁ ତା ୧୧.୦୩.୨୦୧୪ରିଖରେ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଅଛି। ଆମର ମାତୃଭାଷା ହେଉଛି ଏକ ମୌଳିକ ଭାଷା। ଏହିଭାଷା କେଉଁ କାଳରୁ ସୃଷ୍ଟି ହୋଇଛି କହିବା ଏକ କଠିନ ବ୍ୟାପାର। ଏହି ଭାଷାର ଉଚ୍ଚାରଣ ଓ ବର୍ଣ୍ଣ ଅନ୍ୟ ଶାସ୍ତ୍ରୀୟ ଭାଷାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ଅଲଗା। ଓଡ଼ିଆ ଭାଷାରେ କେତୋଟି ବର୍ଣ୍ଣ ରହିଛି ସଠିକ୍ ଭାବେ ଏବେ କୌଣସି ଓଡ଼ିଆ କହୁଥିବା ଲୋକ କହିପାରୁନାହାନ୍ତି। ଓଡିଆ ବର୍ଣ୍ଣକୁ ନେଇ କେତେ ବୃଦ୍ଧିଜୀବୀ ଓ ଭାଷାବିତ ତାଙ୍କର ମତ ବିଭିନ୍ନ ପତ୍ରପତ୍ରିକା ଓ ଦୈନିକ ଖବରକାଗଜରେ ଉତ୍ଥାପନ କରିଛନ୍ତି। କିନ୍ତୁ ସେମାନେ ଏକମତ ହୋଇପାରିନାହାନ୍ତି। ସରକାରଙ୍କର ତରଫରୁ ସ୍ୱୀକୃତି ପାଇଥିବା ବର୍ଣ୍ଣ ସଂଖ୍ୟା ଏପର୍ଯ୍ୟନ୍ତ ପ୍ରକାଶ ପାଇପାରିନାହିଁ।

ଓଡିଆ ବର୍ଣ୍ଣ ସଂଖ୍ୟାକୁ ନେଇ ବିଭିନ୍ନ ମତ ପ୍ରକାଶ ପାଇଛି। ଯେତେବେଳେ ଓଡିଆ ଭାଷାର ଦୁର୍ଗତି ଚାଲିଥିଲା ଓ ଅନ୍ୟ ଭାଷାଭାଷୀ ଲୋକମାନେ ଏହି ଭାଷାକୁ ଲୋପ କରିଦେବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇଥିଲେ, ସେତେବେଳେ ଶ୍ରୀ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ପ୍ରକାଶ ପାଇଲା। ସେଥିରେ ଶ୍ରୀ ରାଓ ୪୯ଟି ଓ ୫ଟି ଅତିରିକ୍ତ ଓଡ଼ିଆ ଅକ୍ଷରକୁ ସ୍ଥାନ ଦେଇଛନ୍ତି। ସେଥିମଧ୍ୟରୁ ୧୩ଟି ସ୍ୱରବର୍ଣ୍ଣ। ସ୍ୱରବର୍ଣ୍ଣ ଉଚ୍ଚାରଣକୁ ନେଇ ଦୁଇ ଭାଗରେ ବିଭକ୍ତ କରାଯାଇଛି।

ହ୍ରସ୍ୱ ସ୍ୱର ଓ ଦୀର୍ଘ ସ୍ୱର-

ହ୍ରସ୍ୱ ସ୍ୱର ୫ଟି ଯଥା - ଅ,ଇ,ଉ,ଋ,,ଌ

ଦୀର୍ଘ ସ୍ୱର ୮ଟି ଯଥା- ଆ,ଈ,ଊ,ୠ,ଏ,ଐ,ଓ.ଔ

ବ୍ୟଞ୍ଜନ ବର୍ଣ୍ଣରେ ୩୬ ଅକ୍ଷରକୁ ସ୍ଥାନ ଦେଇଛନ୍ତି।

ସେଗୁଡିକ ହେଲା -କ ଖ ଗ ଘ ଙ ଚ ଛ ଜ ଝ ଞ

ଟ ଠ ଡ ଢ ଣ ତ ଥ ଦ ଧ ନ ପ ଫ ବ ଭ ମ ଯ ର ଳ ବ (ଵ)

ଶ ସ ଷ ହ ଂ ଃ ଁ

ଅତିରିକ୍ତ ବର୍ଣ୍ଣ ହେଲା- କ୍ଷ ଡ ଢ ୟ ଲ

ଅନ୍ତସ୍ଥ ବର୍ଣ୍ଣ 'ବ' ଆଜିକାଲି ଲେଖାରେ ମିଳୁନାହିଁ। ଉଚ୍ଚାରଣ ଅନୁସାରେ 'ବ' କୁ 'ୱ' ପରି ଲେଖାଯାଇଛି।

ଆଜିକାଲି ଧର୍ମଗ୍ରନ୍ଥ ଷ୍ଟୋର ଦ୍ୱାରା ପ୍ରକାଶିତ ସଚିତ୍ର ଓ ବୃହତ୍ତ ଚଟଶାଳୀ ପାଠ (ନୂତନ ମୁଦ୍ରଣ) ବଜାରରେ ଉପଲବ୍ଧ ହେଉଛି। ସେଥିରେ ଌ,ୡ କୁ ଛାଡି ଦିଆଯାଇଛି। ସ୍ୱରବର୍ଣ୍ଣକୁ ୧୨ଟି ଅକ୍ଷରରେ ସୀମିତ ରଖାଯାଇଛି। ଅତିରିକ୍ତ ୫ଟି ବର୍ଣ୍ଣକୁ ମିଶାଇ ୪୧ଟି ବ୍ୟଞ୍ଜନ ବର୍ଣ୍ଣ ସୃଷ୍ଟି କରାଯାଇଛି। ତେଣୁ ଚଟଶାଳୀ ପାଠ ବହିରେ ଓଡ଼ିଆ ଅକ୍ଷର ସଂଖ୍ୟା (୧୨+୪୧)=୫୩ ରଖାଯାଇଛି। ସେଥିରେ ୧୨ଟି ମାତ୍ରା ଓ ୮ଟି ଫଳାର ବ୍ୟବହାର ଦେଖାଇ ଦିଆଯାଇଛି।



କାର୍ଯ୍ୟ ଯେତେ ଟିକିଏ କର ପଛକେ କିନ୍ତୁ ଏପରି ନିଖୁଣ ଭାବରେ କରିବ ଯେଉଁଥିରେ କେହି କିଛି କହିପାରିବେ ନାହିଁ ।

ପଣ୍ଡିତ ଶ୍ରୀ ନାରାୟଣ ମହାପାତ୍ର ଓ ଅଧ୍ୟାପକ ଶ୍ରୀ ଶ୍ରୀଧର ଦାସଙ୍କ ଲିଖିତ ପୁସ୍ତକ "ସର୍ବସାର ବ୍ୟାକରଣ'' The Board of Secondary Education , Orissa ଦ୍ୱାରା ଗୃହିତ ହୋଇ The High School Certificate Examination and pre university Examination of Berhempure, Utkal and Sambalpur University ପାଇଁ ପାଠ୍ୟପୁସ୍ତକ ରୂପେ ପ୍ରଚଳିତ ହୋଇଥିଲା। ଉପରୋକ୍ତ ଉଭୟ ଲେଖକ ଦ୍ୱୟ ତାଙ୍କର ମିଳିତ ଉଦ୍ୟମରେ ସେ ପୁସ୍ତକକୁ ପୂର୍ଣ୍ଣାଙ୍ଗ ରୂପ ଦେବାପାଇଁ -

(୧) ପଣ୍ଡିତ ଶ୍ରୀ ବିନାୟକ ମିଶ୍ର କୃତ - ଓଡିଆ ଭାଷାର ଇତିହାସ

(୨) ରାୟ ରାଧନାଥ ରାୟ ବାହାଦୂର କୃତ- ବ୍ୟାକରଣ ପ୍ରବେଶ

(୩) ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସଙ୍କ କୃତ - ଓଡିଆ ବ୍ୟାକରଣ

(୪) ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦଙ୍କ କୃତ- ଓଡିଆ ଭାଷାତତ୍ତ୍ୱ

(୫) ଶ୍ରୀ ଜଗଦୀଶ ଚନ୍ଦ୍ର ଘୋଷଙ୍କ କୃତ- ଆଧୁନିକ ବଙ୍ଗଳା ବ୍ୟାକରଣ

(୬) ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ ରାୟ ବ୍ୟାକରଣ ବାହାଦରଙ୍କ ସମ୍ପଳିତ- ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ କୁ ଅନୁସରଣ କରିଛନ୍ତି।

ସର୍ବସାର ବ୍ୟାକରଣରେ ୧୩ଟି ସ୍ୱରବର୍ଣ୍ଣ ଓ ୩୬ଟି ବଞ୍ଜନ ବର୍ଣ୍ଣକୁ ମିଶାଇ ୪୯ଟି ବର୍ଣ୍ଣକୁ ସ୍ଥାନ ଦେଇଛନ୍ତି। ସେମାନେ ସ୍ୱରବର୍ଣ୍ଣ ଌ କୁ ବାଦ ଦେଇଛନ୍ତି। ୫ଟି ଅତିରିକ୍ତ ବର୍ଣ୍ଣକୁ ଅକ୍ଷର ମାଳାରେ ସ୍ଥାନ ଦେଇନାହାନ୍ତି। ପ୍ରତ୍ୟେକ ବ୍ୟଞ୍ଜନ ବର୍ଣ୍ଣ ଂ ଃ ଁ କୁ ଛାଡି ସବୁଥିରେ ହସନ୍ତ / ହଳନ୍ତ() ଚିହ୍ନରେ ଚିହ୍ନିତ କରିଛନ୍ତି। ପ୍ରଥମ ୨୫ଟି ବର୍ଗ୍ୟ ବର୍ଣ୍ଣ ଓ ଅବଶିଷ୍ଟ ୧୧ଟି ବର୍ଣ୍ଣକୁ ଅବର୍ଗ୍ୟ ରୂପେ ଦର୍ଶାଇଛନ୍ତି।

ଅବର୍ଗ୍ୟ ବର୍ଣ୍ଣକୁ ତିନିଭାଗରେ ବିଭକ୍ତ କରିଛନ୍ତି।

ଯଥା- ଯ ର ଳ ବ - ଏହି ୪ଟି ଅନ୍ତଃସ୍ଥ ବର୍ଣ୍ଣ

ଶ ଷ ସ ହ - ଏହି ୪ଟି ଉଷ୍ମ ବର୍ଣ୍ଣ

ଂ ଃ ଁ - ଏହି ୩ଟି ଅଯୋଗବାହ ବର୍ଣ୍ଣ

ବର୍ଗ୍ୟ 'ବ' ଅବର୍ଗ୍ୟ 'ବ' ର ପ୍ରଭେଦ ଲୋପ ପାଇଛି।

ଏହାଠାରୁ ପୁରାତନ ଗ୍ରନ୍ଥ ହେଲା ଶ୍ରୀ ଜଗନ୍ନାଥ ଦାସଙ୍କ କୃତ ନବାକ୍ଷରୀ ଓଡିଆ ଶ୍ରୀମଦ୍ ଭାଗବତମ୍ । ଶ୍ରୀ ଜଗନ୍ନାଥ ଦାସ ତାଙ୍କର ରଚିତ ଶ୍ରୀମଦ୍ ଭାଗବତମ୍‌ର ଦ୍ୱାଦଶ ସ୍କନ୍ଦ ୭ମ ଅଧ୍ୟାୟରେ ପ୍ରମାଣ ଦେଇଛନ୍ତି। ଓଡିଆ ଅକ୍ଷର ହେଉଛି ୫୦ଟି। (ଓଡିଆ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ)

ତ୍ରୟ ସ୍ୱରୂପ ବ୍ରହ୍ମ ଜ୍ୟୋତି, ବ୍ରହ୍ମପ୍ରକାଶ ହୋଇଛନ୍ତି।
ଏକାକ୍ଷର ବ୍ରହ୍ମ ପ୍ରଣବ, ଶବଦ ରୂପୀ ବୀଜ ସର୍ବ।
ତାହାଙ୍କ ତହୁଁ ଉତ୍ପନ ଚଉଦ ଆକାରାଦି ବର୍ଣ୍ଣ ।
ଚଉଦ ସ୍ୱର ଏ ବୋଲନ୍ତି ଏ ଭାବେ ଅକ୍ଷରର ଗତି।
'କ' କାର ଆଦି ଚଉତ୍ରିଂଶ ବ୍ୟଞ୍ଜନ ଶବଦ ବିଶେଷ।
ଏ ସ୍ୱରମାନେ ବିଷ୍ଣୁରୂପ, ବ୍ୟଞ୍ଜନ ମାୟାର ସ୍ୱରୂପ।
ଏ ସର୍ବ ଅକ୍ଷର ମାତୃକା, ପ୍ରକୃତି ବଶ ଶବ୍ଦ ଏକା।
ସ୍ୱରମାନେ ଦୀର୍ଘ ଯେ ହ୍ରସ୍ୱ ପ୍ଲୁତ ନାମରେ ପରକାଶ
ସନ୍ଧି ଅକ୍ଷର ଏ ବୋଲଇ ଏ କାର ଆଦି ଚାରି ସେହି
ପଚିଶ ବର୍ଣ୍ଣେ ପଞ୍ଚ ପଞ୍ଚ ପାଞ୍ଚ ବର୍ଣ୍ଣରେ ବର୍ଗ ସଞ୍ଚ
ଏ ଅନ୍ତେ ଅନ୍ତ୍ୟସ୍ଥ ଏ ଜାଣ ଯରଳବ ଏ ଚାରିବର୍ଣ୍ଣ
ଶ ଷ ସ ହ ଏ ଚାରିବର୍ଣ୍ଣ ଉଷ୍ମ ବର୍ଣ୍ଣ ବିଦ୍ୟମାନ
ବିନ୍ଦୁ ଅନୁସାରେ ବୋଲାଇ ସେ ବିନ୍ଦୁ ଯେବେଦୁଇ ହୋଇ
ବିସର୍ଗ ନାମ ସେ ବୋଲାଇ ଗଜ କୁମ୍ଭାକୃତି ଯେ ହୋଇ
ଏ ମନ୍ତ ହୋଇ ଶବ୍ଦବ୍ରହ୍ମ ପଞ୍ଚାଶ ବର୍ଣ୍ଣ ଭେଦ ନାମ।

ଶ୍ରୀ ଜଗନ୍ନାଥ ଦାସ ସ୍ୱରବର୍ଣ୍ଣରେ ୧୪ଟି ଅକ୍ଷର ନେଇଛନ୍ତି। ଏହି ୧୪ଟି ଅକ୍ଷରଗୁଡିକୁ ୩ଭାଗରେ ବିଭକ୍ତ କରିଛନ୍ତି। ଯଥା- ହ୍ରସ୍ୱ ସ୍ୱର, ଦୀର୍ଘସ୍ୱର ଓ ପ୍ଳୁତ ସ୍ୱର। ବ୍ୟଞ୍ଜନ ବର୍ଣ୍ଣରେ ୩୪ଟି ବର୍ଣ୍ଣ ରଖିଛନ୍ତି ଯାହାକି 'କ' ଠାରୁ 'ମ' ହେଉଛି ୨୫ଟି ବର୍ଣ୍ଣ, ୪ଟି ଅନ୍ତସ୍ଥ - ଯ ର ଳ ବ, ୪ଟି ଉଷ୍ମବର୍ଣ୍ଣ, ଯଥା- ଶ ଷ ସ ହ ଓ ଅଯୋଗ ବାହ ବର୍ଣ୍ଣ- ବିନ୍ଦୁ ଅନୁସାର ବିସର୍ଗ। କିନ୍ତୁ ବର୍ତ୍ତମାନ ଌ ଓ ୡ ର ବ୍ୟବହାର ଓଡିଆ ଭାଷାରେ କେଉଁଠି ଦେଖାଯାଉନାହିଁ। ତାର ବିଲୋପ ପ୍ରାୟ ଘଟି ଗଲାଣି।

ଓଡିଆ ଅକ୍ଷର ଇନଟରନେଟ୍‌ରେ ମଧ୍ୟ ଉପଲବ୍ଧ ହେଉଛି। ଌ ୡକୁ ମିଶାଇ ୧୪ଟି ସ୍ୱର ବର୍ଣ୍ଣ, ୩୬ଟି ବଞ୍ଜନ ବର୍ଣ୍ଣ ଓ ୫ଟି ଅତିରିକ୍ତ ବର୍ଣ୍ଣ ଓ () ହସନ୍ତ (ହଳନ୍ତ) ସ୍ଥାନ ଦିଆଯାଇଛି। ଅବର୍ଗ 'ବ' ର ରୂପାନ୍ତରିତ ହୋଇ ୱ ଆଜିକାଲି ଲେଖାଯାଇଛି । ଏଗୁଡିକୁ ମିଶାଇଲେ ଅକ୍ଷର ସଂଖ୍ୟା ହେଉଛି (୧୪+୩୬+୫+୧) ୫୬ଟି। ଇନଟରନେଟ୍‌ରେ ଉଲ୍ଲେଖ ହୋଇନାହିଁ ଯେ ସରକାରଙ୍କର କେଉଁ ଆଦେଶ ବା ବଜ୍ଞପ୍ତି ବଳରେ ଏସବୁକୁ ଓଡ଼ିଆ ଅକ୍ଷର ମାଳାରେ ସ୍ଥାନ ପାଇଛନ୍ତି।

ଉପରୋକ୍ତ ତଥ୍ୟକୁ ତର୍ଜମା କଲେ ଏହା ଜଣାପଡେ ଯେ ସଠିକ୍ ଭାବରେ ଜଣେ କହିପାରିବ ନାହିଁ ଯେ ପ୍ରକୃତରେ ଓଡିଆ ଅକ୍ଷର ସଂଖ୍ୟା କେତେ ? ଏ ସବୁ ପାର୍ଥକ୍ୟକୁ ଦୂର କରାଯାଇ ସମସ୍ତ ପାଠ୍ୟ ପୁସ୍ତକ ଓ ଅନ୍ୟ ପ୍ରକାଶିତ ପୁସ୍ତକରେ ସମାନ ସଂଖ୍ୟକ ଅକ୍ଷର ରଖାଯାଉ- ଆଉ ମଧ୍ୟ ସମସ୍ତ ଓଡିଆ ଭାଷାଭାଷୀ ଜନସାଧାରଣଙ୍କ ପାଇଁ ଓଡ଼ିଆ ଅକ୍ଷର ସଂଖ୍ୟାକୁ ନିର୍ଦ୍ଦିଷ୍ଟ ଭାବରେ ସରକାରୀ ସ୍ତରରେ ଘୋଷଣା କରାଯାଉ, ଯାହାଫଳରେ ଜଣେ ସାଧାରଣ ଲୋକ ଓଡ଼ିଆ ଅକ୍ଷର ସଂଖ୍ୟା ଠିକ୍ ଭାବରେ କହିପାରିବ।

ଖୋରଧା
ଦୂରଭାଷ-୯୪୩୭୩୫୯୪୩୧



ସଂସାରରେ ନିଶ୍ଚୟ ରହିବ, କିନ୍ତୁ ସେଥିରେ ଯେମିତି ବୁଡ଼ି ନଯାଅ।

# ଭାରତର ସ୍ୱାଧୀନତା ସଂଗ୍ରାମରେ ବୀରା ରମଣୀ



ଜବାହରଲାଲ ସୁବୁଦ୍ଧି

ଭାରତ ସଂଗ୍ରାମର ସ୍ୱତନ୍ତ୍ରତା ସଂଗ୍ରାମରେ ମହାତ୍ମା ଗାନ୍ଧୀ ଆମ ଦେଶର ହଜାର ହଜାର ମହିଳାମାନଙ୍କୁ ଦେଶ ପାଇଁ ସ୍ୱେଚ୍ଛାସେବୀ ରୂପେ କାର୍ଯ୍ୟକରିବା ପାଇଁ ପ୍ରବର୍ତ୍ତାଇ ପାରିଥିଲେ। ମହିଳାମାନଙ୍କୁ ସେ ସାହାସୀ କରିଥିଲେ। ମହିଳାମାନଙ୍କୁ ଦକ୍ଷତାର ସହ ସଫଳ ହେବାର ଶିକ୍ଷା ଦେଲେ। ପ୍ରତି କ୍ଷେତ୍ରରେ ମହିଳାମାନେ ସମ ଭାଗରେ ଭାଗୀଦାର ବୋଲି ସେମାନଙ୍କୁ ହୃଦବୋଧ କରାଇଲେ। ମହିଳାମାନେ ପୁରୁଷମାନଙ୍କର ଭୋଗ୍ୟବସ୍ତୁ ନହୋଇ ଗୃହକର୍ମ ସହିତ ଦେଶସେବା ସହିତ ଆଗକୁ ଆସିବାକୁ ଗାନ୍ଧୀ ସେମାନଙ୍କୁ ପ୍ରେରଣା ଦେଲେ । ଗାନ୍ଧୀ ଦକ୍ଷିଣ ଆଫ୍ରିକା ଭଳି ଭାରତ ବର୍ଷରେ ନାରୀମାନଙ୍କୁ ସତ୍ୟାଗ୍ରହରେ ଯୋଗଦେବାକୁ ଉତ୍ସାହିତ କଲେ। ନାରୀମାନେ ପୁରୁଷମାନଙ୍କ ପରି କାନ୍ଧକୁ କାନ୍ଧ ମିଳାଇ ଅସହଯୋଗ ଆନ୍ଦଳୋନ ଓ ଆଇନ ଆମାନ୍ୟ ଆନ୍ଦୋଳନରେ ଦକ୍ଷତାର ସହ ଯୋଗଦାନ କଲେ। ଗାନ୍ଧୀଙ୍କଦ୍ୱାରା ଅନୁପ୍ରାଣିତ ହୋଇ ପୁରୁଷମାନଙ୍କ ସହ ମିଶି ମନ୍ଦ ଶକ୍ତିକୁ ପ୍ରତିରୋଧ କଲେ ଓ ତା ବିରୁଦ୍ଧରେ ଲଢିଲେ।

ମହାତ୍ମା ଗାନ୍ଧୀ ମହିଳାମାନଙ୍କୁ କେବଳ ଭାରତର ସ୍ୱତନ୍ତ୍ରତା ସଂଗ୍ରାମରେ ନିୟୋଜିତ କରିନଥିଲେ ବରଂ ତା ସହିତ ସାମାଜିକ ପରିବର୍ତ୍ତନରେ ଅଂଶଗହଣ କରିବାକୁ ଉତ୍ସାହିତ କରିଥିଲେ। ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ନୀତିକୁ ଆଦର୍ଶ ଭାବରେ ଗ୍ରହଣ କରି ଦେଶରେ ଅନେକ ବୀରାରମଣୀ ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ।

ଗାନ୍ଧୀ କୁହନ୍ତି (ଭାରତୀୟ ମହିଳାମାନଙ୍କୁ ଦେଶ ସେବାରେ ନିୟୋଜିତ କରିଥିଲେ । ଯଦି ଓ ସତ୍ୟାଗ୍ରହ ଭାରତୀୟ ମହିଳାମାନଙ୍କୁ ସ୍ୱତଃ ଅନ୍ଧାକାର ଭିତରୁ ବାହରକୁ ବାହାର କରି ଆଣିଥିଲା, ଏତେ କମ୍ ସମୟ ମଧରେ ସେମିତି ବେଶି କିଛି ହେଲା ଭଳି ଲାଗୁନଥିଲା। ସ୍ୱରାଜ ପାଇଁ ଲଢୁଥିବା କଂଗ୍ରେସ ଲୋକମାନେ ଅନୁଭବ କରିପାରିନଥିଲେ ଯେ ସେମାନଙ୍କ ପାଇଁ ମହିଳାମାନେ ସମାନ ଭାବରେ ସହଯୋଗୀ ହୋଇପାରିବେ। ସେମାନେ ଉପଲବ୍ଧି କରିନଥିଲେ ଯେ ସେ କ୍ଷେତ୍ରରେ ମହିଳାମାନଙ୍କ ସାହାଯ୍ୟ ଓ ସହାୟତା ନିହାତି ଆବଶ୍ୟକ ସେମାନଙ୍କୁ ଉପେକ୍ଷା କଲେ ହେବ ନାହିଁ। ନାରୀମାନେ ସମାଜରେ ପ୍ରଚଳିତ ରୀତିନୀତି ଓ ନୀୟମ କାନୁନର ଶୃଙ୍ଖଳ ଭିତରେ ନିକ୍ଷେପିତ ହେଉଥିଲେ । ଯେଉଁ ରୀତିନୀତି ପ୍ରଣୟନ କରିବାରେ ସେମାନଙ୍କର ଭୂମିକା ନଥିଲା। ସବୁଥିଲା ପୁରୁଷ କର୍ତ୍ତୃକ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଅହିଂସା ଉପାୟରେ ବଞ୍ଚିବାର ଶୈଳୀକୁ ନିଜ ରୁଚିରେ ରୂପ ଦେବା ପାଇଁ ପୁରୁଷର ଯେତିକି ଅଧିକାର ଅଛି ନାରୀର ମଧ ସେତିକି ଅଧିକାର ରହିଛି, କିନ୍ତୁ ଗୋଟିଏ ଅହିଂସକ ସମାଜରେ ପ୍ରତ୍ୟେକ ଅଧିକାର ପୂର୍ବରୁ ସଂପନ୍ନ କରାଯାଇଥିବା କର୍ତ୍ତବ୍ୟ ଅନୁସାରେ ଆଗକୁ ବଢିଚାଲିଥାଏ, ତେଣୁ ସାମାଜିକ ଆଚାରଣ ବିଧି ପାରସ୍ପାରିକ ସହଯୋଗ ଓ ପରାମର୍ଶ ଭିତ୍ତିଭୂମିରେ ଗଢା ହେବା ଉଚିତ। ଏହି ଆଚରଣ ବିଧି ବଳପୂର୍ବକ ସେମାନଙ୍କ ଉପରେ ଲଦିଦିଆଯିବା ଉଚିତ ନୁହେଁ। ପୁରୁଷ ନାରୀମାନଙ୍କ ପ୍ରତି କରୁଥିବା ବ୍ୟବହାରରେ ଏହି ସତ୍ୟ ଉପଲବ୍ଧି କରିପାରିନାହିଁ। ନାରୀମାନଙ୍କୁ ସାଥୀ ଓ ସହକର୍ମୀ କରିବା ପରିବର୍ତ୍ତେ ସେମାନେ ନିଜକୁ ଦେବତା ଓ ମାଲିକ ବୋଲି ଭାବନ୍ତି। ଏବେ ମହିଳାମାନଙ୍କ ହାତଧରି ଉପରକୁ ଉପରକୁ ଉଠାଇବା ପାଇଁ କଂଗ୍ରେସ ଲୋକମାନଙ୍କୁ ଯେଉଁ ବିଶେଷ ସୁବିଧା ମିଳିଛି ତାର ସଦୁପଯୋଗ କରିବା ଉଚିତ।

ଭାରତବର୍ଷର ସ୍ୱତନ୍ତ୍ରତା ସଂଗ୍ରାମରେ ଭାରତୀୟ ବୀରା ରମଣୀମାନଙ୍କର ତ୍ୟାଗ, ଉତ୍ସର୍ଗ ଏବଂ ନୈତିକ ମାନଦଣ୍ଡର ଭୂମିକାକୁ ଭୂୟୋଦର୍ଶୀ ଜନନାୟକ ଗାନ୍ଧୀଜୀ ମହତ୍ତ୍ୱ ପ୍ରଦାନ କରିଥିଲେ। ନାରୀ ଜାଗରଣ ଥିଲା ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ବଳିଷ୍ଠ ସଂସ୍କାରଧର୍ମୀ ଅସ୍ପୃହା ଗାନ୍ଧୀଙ୍କ ସହିତ ବହୁ ମହିଳା ସତ୍ୟଗ୍ରହରେ ସାମିଲ ହୋଇ କାରବରଣ ମଧ୍ୟ କରିଥିଲେ।

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା
ଯତ୍ରେତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଫଳାଃ କ୍ରିୟାଃ "
(ମନୁ ସଂହିତା ଶ୍ଳୋକଃ୫୬)

ଯେଉଁ ଦେଶରେ ଏହି ପବିତ୍ର ବାଣୀ ଉଦଘୋଷିତ ହୋଇଥିଲା ,ସେହି ଦେଶର ବିଶ୍ୱ ବରଣ୍ୟ ଜନନାୟକ ଗାନ୍ଧିଜୀ ନାରୀ ଶକ୍ତିକୁ ସତ୍ୟାଗ୍ରହ, ସଂଗଠନ ଓ ସମାଜ ସେବାରେ ପ୍ରୟୋଗ କରିଥିଲେ।

ଗାନ୍ଧିଜୀ ଆଧୁନିକ ନାରୀର ସତୀତ୍ୱ, ପବିତ୍ରତା ଓ ସହନଶୀଳତାକୁ ତାର ଅସୀମ ଶକ୍ତି ଗୃହ ବୋଲି ସମ୍ମାନ ଦଶାଇ ଦ୍ରୌପଦୀଙ୍କ ସ୍ଥିତପ୍ରଜ୍ଞ ଲକ୍ଷଣ, ସୀତାଙ୍କ ଦୃଢ ସଂକଳ୍ପବଳି ମନୋଭାବକୁ ସମ୍ମାନ ପ୍ରଦର୍ଶନ କରିବାକୁ ସର୍ବଦା ସଚେତନ କରିଥିଲେ। ସାବିତ୍ରୀ , ତାରା, ମନ୍ଦୋଦରୀ , ଦମୟନ୍ତୀ , ଅରୁନ୍ଧତୀ, ଯଶୋଦା, ଶାରଦାମଣୀ , ଭଗିନୀ ନିବେଦିତାଙ୍କ ଭଳି ମହୀୟସୀ ନାରୀଶକ୍ତି ଗାନ୍ଧିଜୀଙ୍କ ଦୃଷ୍ଟିରେ ନିତ୍ୟ ପୂଜ୍ୟାଥିଲେ। ଗାନ୍ଧିଜୀଙ୍କ ମତରେ "She must revolt against any pretension on the part of man and woman is born to be his play thing" । ସ୍ତ୍ରୀ ଅବା ମହିଳା ପୁରୁଷର ଭୋଗବିଳାସର ସାମଗ୍ରୀ, କୀଡାନକ, ଅନୁଚର ଅବା ଦାସୀ ନୁହେଁ, ପୁରୁଷ ନାରୀର ମୁନିବ ମଧ୍ୟ ନୁହେଁ। ମାତୃତ୍ୱ ନାରୀକୁ ସାମାଜିକ

ପରିଚୟ ପ୍ରଦାନ ନକରିଥାଏ । 'ମାତୃତ୍ୱ' ନିମନ୍ତେ ଲିଙ୍ଗୀୟ ପବିତ୍ରତା ଅପରିହାର୍ଯ୍ୟ । ଏହି ପରିପେକ୍ଷୀରେ ନେପୋଲିୟନଙ୍କ ପ୍ରଣିଧାନଯୋଗ୍ୟ ଉକ୍ତି "ଆମ ପାଇଁ ଶ୍ରେଷ୍ଠା ଜନନୀ ଯୋଗାଇ ଦିଅ, ମୁଁ ତୁମକୁ ଗୋଟିଏ ଉତ୍ତମ ଜାତି ଯୋଗାଇଦେବି । ତେଣୁ ନାରୀ ସ୍ବଂୟ ସ୍ୱର୍ଗୀୟ ପ୍ରେମର ଭଣ୍ଡାର ବୋଲି କୁହାଯାଇପାରିବ ।

୧୯୧୪-୧୯୧୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱଯୁଦ୍ଧ ଏବଂ ପରେ ପରେ ୧୯୨୧ ମସିହା ମାର୍ଚ୍ଚ ୨୪ ତାରିଖରେ ଗାନ୍ଧିଜୀଙ୍କ ପ୍ରଥମ ଓଡିଶା ଆବିଷ୍କାର ଥିଲା ଏକ ଅପୂର୍ବ ଐତିହାସିକ ଘଟଣା ଗାନ୍ଧିଜୀଙ୍କୁ ଓଡିଶାରେ ନାରୀ ଆନ୍ଦୋଳନର ପୁରୋଧା ରୂପେ ମହତ୍ତ୍ୱ ଦେଇ ଶ୍ରୀମତୀ ସାରଳା ଦେବୀ ଉଲ୍ଲେଖ କରିଥିଲେ " ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ସହଯୋଗ କରିଥିବା ଗାନ୍ଧୀବାଦୀ ବୀରା ରମଣୀ ମଧ୍ୟରେ ଅଧରମଣି ଦେବୀ ଏବଂ ଭୂଦାନ ଆନ୍ଦୋଳନର ନେତ୍ରୀ ମା ରମାଦେବୀ, ଗାନ୍ଧୀଙ୍କ ମୌଳିକ ଶିକ୍ଷାରେ କାର୍ଯ୍ୟରତା ଅନ୍ନପୂର୍ଣ୍ଣା ଦାସ, ଅବର୍ତ୍ତୀ ଲକ୍ଷ୍ମୀବାଈ, ଅବନ୍ତୀ ଦେବୀ, ଅମ୍ବିକା ଦେବୀ, ଇନ୍ଦୁମତୀ ଦାସ, ସର୍ବୋଦୟ ନେତ୍ରୀ କିରଣବାଳା ମହାନ୍ତି , କୁନ୍ତଳା କୁମାରୀ କୃଷ୍ଣକାମିନୀ ଦେବୀ, କୋକିଳା ଦେବୀ, କ୍ଷେତ୍ରମଣି ଦେବୀ, ଗୁରୁବାରି ଜାନୀ, ଚାରୁଲତା ଭଟ୍ଟାଚାର୍ଯ୍ୟ ଜାହ୍ନବୀ ଦେବୀ, ନିଶାମଣି ଦେବୀ, ବହ୍ନିକନ୍ୟା ପାର୍ବତୀ ଗିରି, ପି. ତାରମ୍ମା, ପୁରୁବାଈ, ପ୍ରମିଳା ଆଚାର୍ଯ୍ୟ, ପ୍ରିୟମ୍ବଦା ମହାନ୍ତି, ମନୋରମା ମହାନ୍ତି, ମାଳତୀ ଚୌଧୁରୀ, ରମାଦେବୀ, ଶୈଳବାଳା ଦାସ, ସରସ୍ୱତୀ ଦେବୀ, ସୁନ୍ଦରମଣି ପଟ୍ଟନାୟକ, ସୁନାମଣି ଦେବୀ, ସୂର୍ଯ୍ୟାମ୍ମା, ହାରାମଣୀ କାନୁନଗୋ ତଥା ହୈମବତୀ ମିଶ୍ର, ପ୍ରମୁଖ ଥିଲେ ବିଶିଷ୍ଟ ବୀରା ରମଣୀ ସଂଗ୍ରାମୀ ଆଦି ୧୯୩୨ ମସିହାରେ ଅସ୍ପୃଶ୍ୟତା ଦୂରୀକରଣ, ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଜୀଙ୍କ ନେତୃତ୍ତ୍ୱରେ ଆନ୍ଦୋଳନ ସୂତ୍ରପାତରେ ପୂର୍ଣ୍ଣ ସହଯୋଗ କରି ଚନ୍ଦ୍ରସୂର୍ଯ୍ୟଙ୍କ ଆତଯାତ ହେବା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅଲିଭା ଜ୍ୟୋତିଭାବେ ଲୋକଙ୍କ ହୃଦୟରେ ଚିରଦିନ ରହିବେ ।

.................................................................


ସହାୟକ ଗ୍ରନ୍ଥ

୧. ଗାନ୍ଧୀଙ୍କ ଆତ୍ମକଥା

୨. ଗାନ୍ଧୀ ବିବିଧତା

୩. ଗାନ୍ଧୀଙ୍କୁ ଫେରାଇ ଆଣିବା

୪. ଗାନ୍ଧୀ କଥା ଓ କାହାଣୀ



ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ

ବଡତୋଟା, ଜଟଣୀ, ଖୋର୍ଦ୍ଧା

ମୋ-୮୦୧୮୮୫୨୦୯୫


# ଏଣ୍ଡୁଅ ରାସ୍ତା ପାର କରିବ

ଡ.ପ୍ରମୋଦ ଚନ୍ଦ୍ର ଦାଶ

ଗୋଟିଏ ଏଣ୍ଡୁଅ ରାସ୍ତା ପାର କରିବ । ବର୍ଷା ଦିନ । ରାସ୍ତାରେ ଗାଡ଼ି ମଟର ଚାଲୁଛି । ସ୍କୁଟି, ମଟରସାଇକଲ, କାର, ବସ, ଟ୍ରକ, ଟ୍ରାକ୍ଟର ଏମିତି ଅନେକ । ଗୋଟିଏ ଏଣ୍ଡୁଅ ରାସ୍ତା ପାର ହୋଇ ସେପଟକୁ ଯିବ । ତାକୁ ମୁଁ ବାଟରେ ଯିବା ସମୟରେ ଦେଖିଲି । ଅଟକି ଗଲି । ଭାବିଲି ତା'ପାଖକୁ ଯିବି । ତାକୁ ଧରି ରାସ୍ତା ପାର କରିଦେବି । କାଳେ ଗାଡ଼ି ଚଢ଼ିଯିବ, ବିଚରା ମରିଯିବ । ପୁଣି ଭାବିଲି ସେ ମୋତେ ଧରା ଦେବ ତଃ ! ପ୍ରାୟ ନୁହେଁ । କିନ୍ତୁ ସେ ଯଦି ମୋ ଆଖି ଆଗରେ ମରିଯାଏ, ମୋତେ କଷ୍ଟ ହେବ । ତେଣୁ ମୁଁ ତା'ପାଖକୁ ଗଲି । ଟିକିଏ ନିକଟତର ହେବା ମାତ୍ରେ ସେ ପଛକୁ ଫେରିଗଲା । ଭାବିଲି ଚାଲିଗଲା । ମାତ୍ର ସେ ମୋତେ ଦେଖୁଥିଲା । କାରଣ ତାର ମୁହଁଟି ମୋ ଆଡ଼କୁ ଥିଲା ।

ମୋ ମନରେ କୌତୂହଳ ଜାତ ହେଲା । ଦେଖିବା ସେ କିପରି ରାସ୍ତା ପାରି ହେବ ?

କିଛି ସମୟ ସେ ଅପେକ୍ଷା କଲା ଗାଡ଼ି ମଟର ସଂଖ୍ୟା ଟିକେ କମିଯିବା ପରେ ଯାଏ ଏବଂ ଫେରେ । ଏମିତି ଚେଷ୍ଟାକରି ଶେଷରେ ସେ ରାସ୍ତାଟିକୁ ପାର ହେଲା । ରାସ୍ତା ମଝିରେ ଥିବା ଡିଭାଇଡରର ଏକ ଛୋଟ କନିଅରୀ ଗଛରେ ଚଢ଼ିଗଲା । ଆରେ ଆର ରାସ୍ତା ପାରିହେବ ନା ନାହିଁ । କିନ୍ତୁ ସେ ସହି ଗଛରେ ରହି ଗଲା । କାରଣ ସେ ଗଛରେ ତାର ଏକ ସାଥି ଥିଲା ।

ଏତିକି ଦେଖିସାରିବା ପରେ ମୋ ମନରେ ଏକ ଭାବନା ଜାତ ହେଲା । ସାମାନ୍ୟ ଏଣ୍ଡୁଅଟେ । କେତେ ବୁଦ୍ଧି । କଥା କହି ପାରୁନି । ସବୁ ବୁଝୁଛି । ସବୁ ଜାଣୁଛି । ନିଜର ଏକ ସାଥି ସେ ପଟେ ଅଛି ସେ ତା ପାଖକୁ ଯିବ । କଷ୍ଟ ସହିବାକୁ ପଡ଼ିବ । ଜୀବନକୁ ବି ବାଜି ଲଗାଇବାକୁ ପଡ଼ିବ । ଏତିକ ଜାଣି ବି ସେ ନିଜର ବୁଦ୍ଧି ଏବଂ ଦୂରଦୃଷ୍ଟି ଖଟାଇ ରାସ୍ତା ପାରି ହେଲା । ଆସନ୍ନ ଦୁର୍ଘଟଣାରୁ ନିସ୍ତାର ପାଇଲା ।ଏଣ୍ଡୁଅ ରଙ୍ଗ ପରିବର୍ତ୍ତନ କରେ ନିଜର ଜୀବନ ରକ୍ଷାପାଇଁ । ମାତ୍ର ନିଜ ପ୍ରିୟଜନପାଇଁ ସେ ଜୀବନ ଦେଇପାରେ । ତେଣୁ ଏ ମଣିଷ ରଙ୍ଗ ପରିବର୍ତ୍ତନ କରେ ନିଜ ସୁବିଧାପାଇଁ । ଲୋଭର ବଶବର୍ତ୍ତୀ ହୋଇ ସେ ନିଜ ପରିଜନଙ୍କଠାରୁ ଦୂରେଇ ରୁହେ କାହିଁକି ?

ନିଜର ପ୍ରିୟଜନଙ୍କ ସହ ସମାଜରେ ଥିବା ବନ୍ଧୁମାନଙ୍କୁ ଯଦି ଆମେ ନିଜର ବୋଲି ଭାବିବା ତେବେ ଆମଭିତରର ମଣିଷପଣିଆଟି ଜାଗ୍ରତ ହେବ । ଏଣ୍ଡୁଏଟି ପରି ଆସ,୧୪ ସମସ୍ତଙ୍କୁ ଭଲ ପାଇବା ।

ଦୂରଭାଷ-୯୪୩୭୨୮୧୬୫୫



ଯେ କୌଣସି ଦୁଃଖର ତୀବ୍ରତାକୁ କାଳ ଦିନେ ନା ଦିନେ ଲଘୁ କରିଦେବ ।

# ସଫଳତା ଦେଲା ଧରା



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ସମ୍ଭବତଃ ଏହା ଥିଲା ପୃଥିବୀର ସର୍ବବୃହତ୍ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତା। ସେଥିରେ ୧୭୭ଟି ରାଷ୍ଟ୍ରରୁ ୬,୫୦୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। କେତେକ ଦୃଷ୍ଟିରୁ ଦେଖିଲେ ଏହା ମଧ୍ୟ ସର୍ବାଧିକ ପ୍ରେରଣାଦାୟକ ଥିଲା। କାରଣ ପ୍ରତ୍ୟେକ ପ୍ରତିଯୋଗୀ ଥିଲେ ମାନସିକ ଅଗ୍ରସର - ସଂଗ୍ରାମ କରି ଚାଲିଥିଲେ ସାମାଜିକ ବାସନ୍ଦ ସହ।

ହେଲେ କେଉଁଠି ଅନୁଷ୍ଠିତ ହୋଇଥିଲା ଏହି ପ୍ରତିଯୋଗିତା? ପୁଣି ଅନୁଷ୍ଠିତ ହୋଇଥିଲା କେବେ? ଏହି ସ୍ୱତନ୍ତ୍ର ଅଲମ୍ପିକ ବିଶ୍ୱକ୍ରିଡା ଅନୁଷ୍ଠିତ ହୋଇଥିଲା ୨୦୧୫ ମସିହାରେ, ଯୁକ୍ତରାଷ୍ଟ୍ର ଆମେରିକାର ଲସ୍ ଏଞ୍ଜେଲେସ୍‌ରେ। ୧୭୩ଟି ପଦକ ଜିତି ଭାରତୀୟ ପ୍ରତିଯୋଗୀଦଳ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପଦକ ଜିତିବାରେ ଭାରତର ସ୍ଥାନ ଥିଲା ତୃତୀୟ ଆମେରିକା ଓ ଚୀନ ତଳକୁ। ମାତ୍ର ପରିତାପର ବିଷୟ ଯେ ସେମାନଙ୍କର ଏହି କୃତିତ୍ୱପ୍ରତି ଭାରତରେ କେହି ବିଶେଷ ଗୁରୁତ୍ୱ ଦେଇନଥିଲେ।

ଯେଉଁମାନେ ପଦକ ଜିତି ଭାରତର ନାମ ଉଜ୍ଜଳ କରିଥରଲେ ସେମାନଙ୍କ ଭିତରେ ଥିଲା ପୂଜା ରାଜୁ । ପୂଜା ଜିତିଥିଲେ ତିନୋଟି ପଦକ - ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ରାପ୍ୟ। ରିଲେ ଦୌଡରେ ସ୍ୱର୍ଣ୍ଣ ଏବଂ ରୋପ୍ୟ ୧୦୦ମିଟର ଓ ୨୦୦ ମିଟର ଦୌଡରେ। ସେତେବେଳକୁ ପୂଜାଙ୍କ ବୟସ ୧୫। ତାଙ୍କ ମୁଖମଣ୍ଡଳକୁ ଉଦ୍‌ଭାସିତ କରିଦେଉଥିଲା ଓଠରେ ଲାଖିରହିଥିବା ମୁରୁକି ହସ। ସେହି ହସରେ ସମସ୍ତେ ବଶୀଭୂତ ହୋଇପଡୁଥିଲେ।

ପୂଜା ଜନ୍ମ ହୋଇଥିଲେ ଉତ୍ତରପ୍ରଦେଶର ଇଟାହ୍ୱା ଅନ୍ତର୍ଗତ ଏକ ଗାଆଁରେ। ଶୈଶବକୁ ଉପଭୋଗ କରିବା ବଦଳରେ ନିର୍ଯ୍ୟାତନା ହିଁ ଥିଲା ସବୁଦିନର ସାଥୀ। ଠିକା ଚାକରାଣୀ କାମ କରୁଥିବା ମାଆଙ୍କଠାରୁ ସବୁଦିନେ ମାଡ ଗାଳି ଖାଇବା ପାଇଁ ପଡୁଥିଲା। ମାତ୍ର କାହିଁକି ସେହି ଶାରୀରିକ ନିର୍ଯ୍ୟାତନା? ହୁଏତ ଭଲ ପାଠ ହେଉନଥିବା ଏବଂ ପିଲାଳିଆ ଦୁଷ୍ଟାମି ଏହାର କାରଣ ହୋଇପାରିଥିବ। ବାପା ବି କିଛି କମ୍ ନଥିଲେ। ବାପା ଥିଲେ ଜଣେ ଦରଜି। ଛାତରୁ ଝୁଲୁଥିବା ଫ୍ୟାନରେ ଗୋଡକୁ ବାନ୍ଧି ବାପା ଝୁଲେଇ ଦେଉଥିଲେ ପୂଜାଙ୍କୁ। କିନ୍ତୁ ବାପାମାଆଙ୍କ ଏଭଳି ନିଷ୍ଠୁର ଆଚରଣର କାରଣ କଅଣ, ତାହା ପୂଜା ଜାଣିପାରିବା ସମ୍ଭବ ନଥିଲା। ସେ ଆଉ ନିର୍ଯାତନା ସହି ପାରିଲେନି। ତାଙ୍କୁ ଯେତେବେଳେ ଆଠ ବର୍ଷ , ସେ ଘରଛାଡି ପଳେଇ ଯିବା ନିମନ୍ତେ ନିଷ୍ପତ୍ତି ନେଲେ। ପାଖରେ ଟଙ୍କାଟିଏ ବି ନଥାଇ ବସ୍ ଚଢି ଇଟାହ୍ୱାରେ ପହଞ୍ଚିଗଲେ। ଇଟାହ୍ୱାରୁ ଟ୍ରେନ୍ ଚଢି ପହଞ୍ଚିଗଲେ ଦିଲ୍ଲୀରେ।

ପୁରୁଣା ଦିଲ୍ଲୀ ରେଳ ଷ୍ଟେସନ୍ ରେ ଲୋକେ ତାଙ୍କୁ ଖାଇବା ପାଇଁ ଦେଲେ। ଶେଷରେ କୌଣସିମତେ ସେ ପହଞ୍ଚିଗଲେ ବାରବୁଲା ପିଲାମାନଙ୍କପାଇଁ ଉଦ୍‌ଦିଷ୍ଟ ଏକ ଆଶ୍ରୟସ୍ଥଳରେ। ଆଶ୍ରୟସ୍ଥଳଟିକୁ ପରିଚାଳନା କରୁଥିଲା ଏକ ବେସରକାରୀ ସଂସ୍ଥା। ପୂଜା କଥାବାର୍ତ୍ତା କରୁଥିଲେ ଥଙ୍ଗେଇ ଥଙ୍ଗେଇ। ନିଜର ଅବସ୍ଥା କଥା ବି ସେ ଅନ୍ୟମାନଙ୍କୁ ଭଲ ଭାବରେ ବୁଝେଇପାରୁନଥିଲେ। ଫଳରେ ତାଙ୍କୁ ରେଳଷ୍ଟେସନରୁ ଉଦ୍ଧାର କରିଥିବା ସ୍ୱେଚ୍ଛାସେବୀ ହସ୍ତାନ୍ତର କରିଦେଲେ ପୋଲିସକୁ।

ତାଙ୍କପ୍ରତି ପୋଲିସ୍ କର୍ମଚାରୀମାନେ ଥିଲେ ଅତି ମାତ୍ରାରେ ଅନୁକମ୍ପାଶୀଳ। ପୂଜାଙ୍କୁ ଖାଇବାପିଇବାକୁ ଦେଇ ତାଙ୍କ ପିତାମାତାଙ୍କ ଖୋଜଖବର ନେବା ବିଷୟରେ ପଚାରିଲେ। କିନ୍ତୁ ଘରକୁ ଫେରିବାପାଇଁ ରୋକଠୋକ୍ ମନା କରିଦେଲେ ପୂଜା। ତେଣୁ ବାଧ୍ୟ ହୋଇ ପୋଲିସ୍ ତାଙ୍କୁ ଚାଇଲ୍ଡ ୱେଲ୍‌ଫେୟାର କମିଟିକୁ ହସ୍ତାନ୍ତର କରିଦେଲେ ଏବଂ ଏହି କମିଟି ଦିଲ୍ଲୀର କାଶ୍ମୀରୀ ଗେଟ୍ ନିକଟରେ ଥିବା ବାସହୀନ ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଆବାସିକ ବିଦ୍ୟାଳୟରେ ପୂଜାଙ୍କୁ ଭର୍ତ୍ତି କରିଦେଲେ। ବିଦ୍ୟାଳୟଟିର ନାଁ ଥିଲା କିଲକାରି।

କିଲକାରିରେ ରହିବାରେ ପୂଜାଙ୍କ ପାଇଁ କୌଣସି ଅସୁବିଧା ହେଲା ନାହିଁ। ଅଳ୍ପ ଦିନ ଭିତରେ ସେ ସମସ୍ତଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିପକାଇଲେ। କିନ୍ତୁ ସ୍ପଷ୍ଟ ଭାବରେ ପଢିବା, ଲେଖିବା ଓ କଥାବାର୍ତ୍ତା କରିବାରେ ତାଙ୍କଠାରେ ଅସାମର୍ଥ୍ୟ ଥିବା ଲକ୍ଷ୍ୟ କଲେ ଶିକ୍ଷକମାନେ। ଏହାପରେ ପୂଜାଙ୍କର ଡାକ୍ତରୀ ପରୀକ୍ଷା କରାଗଲା। ଡାକ୍ତରମାନେ ମତ ଦେଲେ ଯେ ପୂଜାଙ୍କ ଠାରେ ରହିଛି ବୌଦ୍ଧିକ ଅକ୍ଷମତା। ତେଣୁ ତାଙ୍କପାଇଁ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ ଲୋଡା।

ଏ ପ୍ରକାରର ସ୍କୁଲ ଖୋଜା ଚାଲିଲା। ସ୍କୁଲର ସନ୍ଧାନ ମିଳିଲା କଲକାରିଠାରୁ ବେଶ୍ ଦୂର କାର୍‌କାର୍‌ଡୁମାରେ। ସଂସ୍ଥାଟିର ନାଁ ଅମର ଜ୍ୟୋତି। ସେଠାରେ ଶାରୀରିକ ଏବଂ ମାନସିକ ଭିନ୍ନକ୍ଷମ ପିଲାମାନଙ୍କ ସର୍ବାଙ୍ଗୀ ତଥା ପୂର୍ଣ୍ଣାଙ୍ଗ ଶିକ୍ଷାର ବ୍ୟବସ୍ଥା ରହିଛି। ସଂସ୍ଥାଟିର ମଧ୍ୟ ଭଲ ନାଁ। ଏହାପରେ କିଲକାରି ସ୍କୁଲର କର୍ତ୍ତୃପକ୍ଷ ଗୋଟିଏ ବିଶ୍ୱସ୍ତ ଅଟୋଡ୍ରାଇଭର ନିଯୁକ୍ତି କଲେ। ସେହି ଅଟୋରେ ପ୍ରତିଦିନ ପୂଜା ସମେତ ଅନ୍ୟ କେତେଜଣ ଛାତ୍ରୀ ତଥା ଅନ୍ତେବାସୀ ମଧ୍ୟ ଗଲେ ଅମର

ଜ୍ୟୋତିକୁ ।

ଅମର ଜ୍ୟୋତିର ତତ୍ତ୍ୱାବଧାନରେ ପୂଜାଙ୍କର ଅସାଧାରଣ ପରିବର୍ତ୍ତନ ପରିଲକ୍ଷିତ ହେଲା । କଥାବାର୍ତ୍ତା ହୋଇଗଲା ବେଶ୍ ସ୍ପଷ୍ଟ । ନୃତ୍ୟକଳାପ୍ରତି ତାଙ୍କଠାରେ ଖୁବ୍ ଆଗ୍ରହ ପ୍ରକାଶ ପାଇଲା । ମାତ୍ର କ୍ରୀଡାରେ ହିଁ ତାଙ୍କଠାରେ ବାରି ହୋଇପଡିଲା ସ୍ୱତନ୍ତ୍ର ନୈପୁଣ୍ୟ ।। କ୍ୟାରମ୍ ବା ବ୍ୟାଡମିଣ୍ଟନ ଖେଳ ପ୍ରତି ତାଙ୍କର ଅଧିକ ଆଗ୍ରହ ଥିଲେ ମଧ୍ୟ ଜଣେ ଦୌଡାଳି ଭାବରେ ପରିଚିତ ହେବା ଥିଲା ତାଙ୍କର ପ୍ରବଳ ଇଚ୍ଛା । ରାଜ୍ୟସ୍ତରୀୟ ଓ ଜାତୀୟ ସ୍ତରର ଦୌଡ ପ୍ରତିଯୋଗିତାରେ ସ୍କୁଲ ପୂଜାଙ୍କ ନାଁ ଭର୍ତ୍ତି କରିଦେଲା । ପୂଜା ସେମାନଙ୍କୁ ନିରାଶ କଲେନି । ସେ ସବୁ ପ୍ରତିଯୋଗୀଙ୍କୁ ପଛରେ ପକେଇ ମାରିନେଲେ ଜିତାପଟ ।

ଭାରତର ଜାତୀୟ ଦଳରେ ମନୋନୀତ ହୋଇ ସେ ବିଭିନ୍ନ ସହରରେ ଆୟୋଜିତ ତାଲିମ କ୍ୟାମ୍ପରେ ଯୋଗ ଦେଇ ଚାଲିଲେ । ସର୍ବଶେଷରେ ସ୍ୱତନ୍ତ୍ର ଅଲିମ୍ପିକ ବିଶ୍ୱ କ୍ରୀଡା ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବା ନିମନ୍ତେ ମନୋନୀତ ହୋଇଗଲେ । ତେବେ ଆମେରିକା ଯିବା ନିମନ୍ତେ ପାସ୍‌ପୋଟ୍ ପାଇବାରେ ପ୍ରଥମେ କିଛି ସମସ୍ୟା ଉପୁଜିଥିଲେ ମଧ୍ୟ ତାହା ସହଜରେ ସମାଧାନ ହୋଇଗଲା ।

ଲସ୍ ଏଞ୍ଜେଲେସ୍‌ରେ ପଦକ ଜିତି ଭାରତ ଫେରନ୍ତା ଟିମ୍‌କୁ ଦିଲ୍ଲୀ ବିମାନବନ୍ଦରରେ ଢୋଲ ବଜେଇ ଓ ମୋମୋ ଖାଇବାକୁ ଦେଇ ସ୍ୱାଗତ କରାଯିବା ନିମନ୍ତେ ସର୍ତ୍ତ ବାଢିଥିଲେ ପୂଜା । କର୍ତ୍ତୃପକ୍ଷ ସେହି ସର୍ତ୍ତ ପାଳନ କରିବାରେ କୌଣସି ତ୍ରୁଟି କରିନଥିଲେ ।

ଏହି ଅବସରରେ ପୂଜାଙ୍କୁ ପ୍ରଶ୍ନ କରାଯାଇଥିଲା, " ଏବେ ତୁମ ପିତାମାତାଙ୍କ ଖୋଜଖବର ନେବା କି ? " ପୂଜା ଦୃଢତାର ସହ ଉତ୍ତର ଦେଇଥିଲା," ନା, ଆଦୌ ନୁହେଁ । ମୋର ଜୀବନ ଥିବା ପର୍ଯ୍ୟନ୍ତ ମୁଁ ସେମାନଙ୍କ ମୁହଁ ଦେଖିବା ପାଇଁ ଋହେଁନି ।

ଜାଣିରଖନ୍ତୁ, ଭଗବାନ ଉନ୍ନତି ପାଇଁ ଗୋଟିଏ ଦ୍ୱାର ବନ୍ଦ କରିରଖିଥିଲେ ମଧ୍ୟ ଉନ୍ନତିର ଅନ୍ୟଦ୍ୱାର ଉନ୍ମୁକ୍ତ ରଖିଥାନ୍ତି । କିନ୍ତୁ ସେହି ଅନ୍ୟ ଦ୍ୱାରଟିକୁ ଆମକୁ ଆବିଷ୍କାର କରିବା ପାଇଁ ପଡିବ । ଶାରୀରିକ ଓ ମାନସିକ ଦୃଷ୍ଟିରୁ ଭିନ୍ନକ୍ଷମ ଥାଇ ଓ ଲେଖା ଓ ପଢାରେ ଖୁବ୍ ଦୁର୍ବଳ ରହି ମଧ୍ୟ ପୂଜା କ୍ରୀଡାକ୍ଷେତ୍ରରେ ଦେଇପାରିଛନ୍ତି ନିଜ ନୈପୁଣ୍ୟର ପ୍ରମାଣ । ପୂଜାଙ୍କ କ୍ଷେତ୍ରରେ ଯାହା ପ୍ରଯୁଜ୍ୟ, ଆମ୍ଭମାନଙ୍କ କ୍ଷେତ୍ରରେ ମଧ୍ୟ ତାହା ସମାନ ଭାବରେ ପ୍ରଯୁଜ୍ୟ ।

ଅଭୀପ୍‌ସା,
ସେକ୍ଟର -୬, ପ୍ଲଟ ନଂ- ୧୧୩୧,
ଅଭିନବ ବିଡାନାସୀ, କଟକ- ୭୫୩୦୧୪

# ଜୀବନକୁ ମାରିଦେଲାଣି ମୋବାଇଲ

ଜୀବନକୁ ମାରିଦେଲାଣି ମୋବାଇଲ । ଗୋଟିଏ ଯନ୍ତ୍ରାଂଶରେ ହିଁ ଯାଉଛି ଲୋକଙ୍କ ସମୟ । ବାସ୍ତବ ଦୁନିଆ ଠାରୁ ବେଶ ଦୂରକୁ ଠେଲି ହୋଇଯାଉଛନ୍ତି ଆଜିର ଯୁବପିଢି । ମୋବାଇଲ ଖଣ୍ଡେ ମିଳିଗଲେ ଆବଶ୍ୟକ ନାହିଁ କୌଣସି ବ୍ୟକ୍ତି କିମ୍ବା ସମ୍ପର୍କ । କିନ୍ତୁ ଏହି ମୋବାଇଲ ଅଜାଣତରେ ଲୋକଙ୍କ ଜୀବନକୁ ଦୁର୍ବିସହ କରିଦେଲାଣି । ଯୁବପିଢିଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଲାଣି । ବେଳଥାଉଁ ଯଦି ମୋବାଇଲର ବ୍ୟବହାରକୁ କମ୍ କରାନଯିବ ତେବେ ବିରାଟ କ୍ଷତି ଘଟିବା ଅବଶ୍ୟମ୍ଭାବୀ । ଏକଥା କହିଛନ୍ତି ଖୋଦ ମୋବାଇଲକୁ ଆବିଷ୍କାର କରିଥିବା ମାର୍ଟିନ କୁପର । ମୋବାଇଲ ଆବିଷ୍କାରର ସମସ୍ତ ଶ୍ରେୟ ମାର୍ଟିନ କୁପରଙ୍କୁ ହିଁ ଦିଆଯାଇଥାଏ । ୧୯୭୩ ମସିହାରେ ପ୍ରଥମ କରି ମୋବାଇଲର ଆବିଷ୍କାର କରିଥିଲେ ମାର୍ଟିନ ।

ଯେତେବେଳେ ଅନ୍ୟ ସ୍ଥାନକୁ ଯୋଗାଯୋଗ କରିବାରେ ବାଧା ଉପୁଜିଥିଲା । ପରିଜନ - ପ୍ରିୟ ଲୋକଙ୍କ ଖବର ପାଇବାର କୌଣସି ସୁବିଧା ନଥିଲା, ସେତେବେଳେ ବିଶ୍ୱକୁ ଗୋଟେ ବଡ ଉପହାର ଦେଇଥିଲେ ମାର୍ଟିନ କୁପର ।

ତାହା ନିର୍ଶ୍ଚିତ ଭାବେ ଆଜିର ପିଢିକୁ ଚମକାଇ ଦେଲାଭଳି । ମାର୍ଟିନ ହାତ ଯୋଡି ମଧ୍ୟ ମୋବାଇଲର ବ୍ୟବହାରକୁ କମ କରିବାକୁ ଅନୁରୋଧ କରିଛନ୍ତି ।

ବିବିସିର ଏକ କାର୍ଯ୍ୟକ୍ରମରେ ମାର୍ଟିନ କହିଛନ୍ତି । ସମଗ୍ର ଦିନରୁ ସେ ମୋବାଇଲକୁ କେବଳ ୫ ପ୍ରତିଶତ ସମୟ ଦେଇଥାନ୍ତି । ବାକି ସମୟରେ ସେ ମୋବାଇଲକୁ ଦେଖନ୍ତି ନାହିଁ କିମ୍ବା ଛୁଅନ୍ତି ନାହିଁ । ଚିକାଗୋରେ ରହୁଥିବା ମୋବାଇଲ ଆବିଷ୍କାରକ ମାର୍ଟିନଙ୍କୁ ଯେତେବେଳେ ପଚରାଯାଇଥିଲା, ଆପଣ ସେହି ଲୋକମାନଙ୍କ କଣ କହିବାକୁ ଚାହିଁବେ । ଯେଉଁମାନେ ସମଗ୍ର ଦିନଟି ମୋବାଇଲ ସହ ବିତାଇ ଦେଉଛନ୍ତି ? ଏହାର ଉତ୍ତର ଦେଇ ମାର୍ଟିନ କହିଥିଲେ, ସେହି ଲୋକମାନଙ୍କୁ ଅନୁରୋଧ ମୋବାଇଲ ଅଫ କରିଦିଅନ୍ତୁ ଏବଂ ବାକି ଜୀବନକୁ ଉପଭୋଗ କରନ୍ତୁ ।

ସୌଜନ୍ୟ - ନନ୍ଦିଘୋଷ ବ୍ୟୁରୋ

# ସ୍ୱର୍ଗ ତ ନାହିଁ କାହିଁ



ଧ୍ରୁବ ରଣା

ସ୍ୱର୍ଗ ବୋଲି ନାହିଁ କିଛି
ଏହା ଏକ କଳ୍ପନାର କଥା
ନନ୍ଦନକାନନ ଚିରବସନ୍ତର ଗାଥା
ସବୁ ମିଥ୍ୟା, ସବୁ ଭ୍ରମ
ସବୁ ପ୍ରବଂଚନା
କାଳ କାଳ ଧରି ମାଟିର ଏ ମଣିଷକୁ
କରିଛି ବଂଚନା ।
ଏ ଧରିତ୍ରୀ, ଏ ପୃଥିବୀ
ଧରଣୀରେ ଅଛି ସ୍ୱର୍ଗ
ଅଛି ତା'ର ପବିତ୍ର ସାୟରୀ
ଯହିଁରେ ସମୁଦ୍ର ଗାଏ
ଝରଣାର କଳନାଦ
ପକ୍ଷୀର କାକଳି
ଶିଶୁର ଦରୋଟି ହସ
ମଣିଷର ହର୍ଷ ଓ ବିଷାଦ
ବିପୁଳ ତା' ଜୀବନ କାଳରେ
ଭୋଗେ ଯେତେ ସୁଖ-ଦୁଃଖ
ପରମ ଆନନ୍ଦ
ସେଥିରେ ସେ ପାଏ ସ୍ୱର୍ଗ
ବାସ୍ତବ ବିଳାସ
କଳ୍ପନାର ନୁହେଁ ସେତ
ଜୀବନ୍ତ ସଂଗୀତ
ଏ ମର ମାଟିରୁ
ପାଏ ସ୍ୱର୍ଗ ସୁଖ
ହସ କାନ୍ଦ ସବୁ କିଛି
ଆନନ୍ଦ ଓ ନିରାନନ୍ଦ
ଏକାନ୍ତ ବାସ୍ତବ
ଅତିତ ଓ ବର୍ତ୍ତମାନ
ଜଡିତ ତା' ପ୍ରାଣର ସମ୍ବନ୍ଧ ।
ଶ୍ୟାମଳ କେଦାର କଣ୍ଠେ
ପୃଥିବୀର ଗୀତ
ଋତୁ ପାର୍ବଣର ଓଠେ
ସୁଗମ ସଂଗୀତ
ସବୁ ଅଛି ଧରଣୀରେ
ତାରେ ସ୍ୱର୍ଗ କହି
ସ୍ୱର୍ଗ ବୋଲି ଯାହା ତାହା
ଏ ଧରଣୀ ସେହି
ତା' ବ୍ୟତୀତ
ସ୍ୱର୍ଗ ନାହିଁ କାହିଁ ।

ଭଗତସିଂ ବିହାର, ବଡମ୍ବା, କଟକ
ଫୋନ୍-୯୧୭୮୨୧୪୭୨୪

# କଦଳୀ




ପ୍ରିୟମ୍ବଦା ସାହୁ

ମୋ ନାଁଟି କଦଳୀ -
ବିଶ୍ୱ ଦରବାରେ ଠାଆକୁ
ଠାଆ ନାମ ଯାଇଥାଏ ବଦଳି...
ମଞ୍ଜି ନାହିଁ ମୋ ପୁଆରୁ ଗଛ
କାନ୍ଧିରେ ଖଞ୍ଜା ମୁଁ ପଛକୁ ପଛ
କଅଁଳ ପତରେ ନ ମାରି ହାତ
ବଡ଼ ପତ୍ର କାଟି ଖାଆନ୍ତି ଭାତ
ମୋ ମଆର ଛୁଆ ସାରି କି ସାରି
ଥରେ ଛୁଆ ଦେଇ ଯାଏ ସେ ମରି
ଭଣ୍ଡା ଗର୍ଭେ ରହେ ଫୁଲ ମୋହର
ବାଛିବା ରାନ୍ଧିବା କାଇଦା ଦର୍କାର
ପେଟ ଫାଡ଼ି ଦେଲେ ବାହାରେ ମଞ୍ଜା
ପାଟୁଙ୍ଗାରେ ଭସା କାର୍ତ୍ତିକ ଡଙ୍ଗା
ପାଟୁଙ୍ଗା ସୂତାରେ ଗୁନ୍ଥନ୍ତି ଫୁଲ
ସେ ହାର ଦେଉଳେ ଅମୂଲ ମୂଲ
ଶୁଭ କାର୍ଯ୍ୟେ ପୋତା ରମ୍ଭାର ବୃକ୍ଷ
ମୋ ବୃକ୍ଷ ଦର୍ଶନ ଶୁଭ ପ୍ରତୀକ
ବୈଜ୍ଞାନିକ ମଥା ବୁଦ୍ଧିର ଖଣି
ପାଟୁଙ୍ଗାରୁ କାଗଜ ସୃଷ୍ଟି କଲେଣି
ପ୍ରତି ଅଙ୍ଗ ମୋର କାମରେ ଆସେ
ତେଣୁ ମୋ ସ୍ମରଣେ ସୁଧା ବରଷେ
କଞ୍ଚା ପାଚିଲା ଜାତି ଜାତିକା
ଭିଆଣ କରନ୍ତି ଈଶ୍ୱର ଏକା
ବନ୍ତଳ, ବତିଶା, ପାଟକାପୁରା,
ବଣୁଆ, ମୋହନବଂଶୀ, ଶଙ୍କରା,
ଚମ୍ପା, ଖଣ୍ଡଚିନି, ସିଙ୍ଗାପୁରିଆ,
ଦକ୍ଷିଣୀସାଗର, ମାଜପୁରିଆ
ମୋଟା ଖୋଳପାରେ ସୁରକ୍ଷା ରହେ
ଜୀବାଣୁ ନ ପଶେ ମୋହରି ଦେହେ
ଅତି ନରମ ମସୃଣ ତନୁ ମୋର
ଶିଶୁରୁ ବୃଦ୍ଧ ଯାଏ ସଦା ଆଦର
ଋତୁ, ବର୍ଷକୁ ମୋ ଖାତର ନାହିଁ
ବାରମାସୀ ସେବା ଦିଏ ଯୋଗାଇ
ଭୋଗରାଗରେ ପରା କରିଛି ପଟା
ଅଦର୍ଶନେ ପୂଜାରୀ ମନ ଖଟା
ଫଳ ମଧ୍ୟେ ସୁଲଭ ମୋର ଦର
ଧନୀ-ଗରିବ ନୋହେ ଭେଦ-ବିଚାର
ବର୍ଷସାରା ଯେତେ ପୂଜା-ପାର୍ବଣ
ସବୁଥିରେ ମୋର ଦରକାର ଜାଣ
(ତେଣୁ)
ହାଟ ବଜାରରେ ଗଳି ମୁଣ୍ଡଠାରେ
ଗ୍ରାହକ ପକାନ୍ତି ମୋତେ ଉଣ୍ଡାଳି
ଭାଇ !
କେଲା, ବାନାନା କି
ଅନ୍ୟ କିଛି ନୁହେଁ,
ମୁଁ ପରା ତୁମ ଓଡ଼ିଆ କଦଳୀ !

ମହାନଦୀ ବିହାର, କଟକ



ଭୟକୁ ତୁମେ ନିଜ ଭିତରେ ରଖ। ସାହସକୁ ଅନ୍ୟମାନଙ୍କୁ ଦେଖାଅ।



# ମହିଳା କ୍ରିକେଟ ତାରକା ମିତାଲୀ ରାଜ



**ଆଶିଷ କୁମାର ରାୟ**

ମିତାଲୀ ରାଜ ହେଉଛନ୍ତି କ୍ରିକେଟ ଜଗତର ଅନ୍ୟତମ ଶ୍ରେଷ୍ଠ ତାରକା; ଆଉ ତାଙ୍କୁ ଯଦି ମହିଳା କ୍ରକେଟର ସୁପରଷ୍ଟାର ଆଖ୍ୟା ଦିଆଯାଏ ତେବେ କିଛି ଭୁଲ୍ ହେବ ନାହିଁ। ସେ ହେଉଛନ୍ତି ଆନ୍ତର୍ଜାତିକ ମହିଳା କ୍ରିକେଟରେ ସର୍ବାଧିକ ରନ ସଂଗ୍ରହକାରୀ। ନିଜ କ୍ୟାରିୟରରେ ୧୨ଟି ଟେଷ୍ଟ, ୨୩୨ଟି ଏକଦିବସୀୟ ଆନ୍ତର୍ଜାତିକ ତଥା ୮୯ଟି ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚରେ ଅଂଶଗ୍ରହଣ କରି ପାଖାପଖି ଏଗାର ହଜାର ରନ ସ୍କୋର୍ କରିଛନ୍ତି ସେ। ଦୀର୍ଘ ଦିନ ଧରି ଦଳର ନେତୃତ୍ୱ ଭାର ମଧ ସେ ବହନ କରିଛନ୍ତି। ଭାରତରେ ମହିଳା କ୍ରିକେଟର ଲୋକପ୍ରିୟତା ବୃଦ୍ଧି କରିବାରେ ତାଙ୍କର ଭୂମିକା ଯଥେଷ୍ଟ ଅଧିକ। ଛଅଟି ମହିଳା ବିଶ୍ୱକପ୍ ତଥା ସମାନ ସଂଖ୍ୟକ ଟି-ଟ୍ୱେଣ୍ଟି ବିଶ୍ୱକପରେ ଭାରତର ପ୍ରତିନିଧିତ୍ୱ କରିଥିବା ମିତାଲୀ ୧୯୯୯ରୁ ୨୦୨୨ ପର୍ଯ୍ୟନ୍ତ ଦୀର୍ଘ ୨୩ ବର୍ଷ ଆନ୍ତର୍ଜାତିକ କ୍ରିକେଟରେ ସକ୍ରିୟ ରହିବା ପରେ ଏବେ ନିଜର ଅବସର ଘୋଷଣା କରିଛନ୍ତି।

୩ ଡିସେମ୍ବର ୧୯୮୨ରେ ରାଜସ୍ଥାନର ଯୋଧପୁରରେ ଜନ୍ମଗ୍ରହଣ କରିଥିବା ମିତାଲୀ ପିଲାଟି ଦିନରୁ ନିଜ ମାତା ଲୀନା ରାଜଙ୍କ ତତ୍ତ୍ୱାବଧାନରେ ଭାରତନାଟ୍ୟମ୍ ଭଳି ଶାସ୍ତ୍ରୀୟ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ତେବେ ଘରେ ସେ ଅଧିକ ସମୟ ଶୋଇ ରହୁଥିବାରୁ ପିତା ଦୋରାଇ ରାଜ ଝିଅକୁ କ୍ରିକେଟ ଖେଳିବା ପାଇଁ ପଡ଼ିଆକୁ ନେଇଯାଉଥିଲେ। କିଛିବର୍ଷ ପରେ ଦୋରାଇ ରାଜ ସେନାବାହିନୀରୁ ଅବସର ନେଇ ନିଜ ଗୃହନଗରୀ ହାଇଦ୍ରାବାଦରେ ଅବସ୍ଥାନ କରିବା ପରେ ସେଠାରେ ମଧ ମିତଲୀଙ୍କର କ୍ରୀଡ଼ା ପ୍ରଶିକ୍ଷଣ ଜାରି ରହିଲା ଏବଂ ଧୀରେ ଧୀରେ ସେ ଏଥିରେ ପରିପକ୍ୱ ହେବାରେ ଲାଗିଲେ। ଜଣେ ବିଶ୍ୱସ୍ତରୀୟ ବ୍ୟାଟର୍ ହେବା ନିମନ୍ତେ ଆରମ୍ଭ ହେଲା ତାଙ୍କର କଠିନ ଶ୍ରମ, ସାଧନା ତଥା ନିଷ୍ଠାପର ଉଦ୍ୟମ, ଯାହାକି ପରବର୍ତ୍ତୀ ସମୟରେ ମହିଳା କ୍ରିକେଟରେ ନିଜର ରାଜ୍ ପ୍ରତିଷ୍ଠା କରିବା ନିମନ୍ତେ ସହାୟକ ହୋଇଥିଲା।

୧୯୯୯ରେ ମାତ୍ର ୧୬ ବର୍ଷ ବୟସରେ ମିତାଲୀ ରାଜ ଆୟର୍ଲାଣ୍ଡ ବିପକ୍ଷରେ ଏକଦିବସୀୟ ମ୍ୟାଚ ଖେଳି ଆରମ୍ଭ କରିଥିଲେ ଆନ୍ତର୍ଜାତିକ କ୍ରିକେଟ ଜୀବନ, ଯାହାକି ଦୀର୍ଘ ୨୩ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରହିଲା। ପରବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୦୦ ମସିହାର ନଭେମ୍ବର-ଡିସେମ୍ବର ମାସରେ ନ୍ୟୁଜିଲାଣ୍ଡରେ ଆୟୋଜିତ ବିଶ୍ୱକପ୍ ପାଇଁ ମଧ ତାଙ୍କର ଚୟନ ହୋଇଥିଲା। ଅଞ୍ଜୁ ଜୈନଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳରେ ମିତାଲୀ ଥିଲେ ସର୍ବକନିଷ୍ଠ ସଦସ୍ୟା। ସେହି ବିଶ୍ୱକପ୍‌ରେ ଭାରତ ସେମି ଫାଇନାଲକୁ ଉନ୍ନୀତ ହୋଇ ନ୍ୟୁଜିଲାଣ୍ଡଠାରୁ ପରାଜିତ ହୋଇଥିଲା। ସେହି ପ୍ରତିଯୋଗିତା ଅବସରରେ ଏବଂ ପରବର୍ତ୍ତୀ ଦୁଇ-ତିନିବର୍ଷ ମଧରେ ମିତାଲୀ ନିଜର ଚମତ୍କାର ପ୍ରଦର୍ଶନ ବଳରେ ଭାରତୀୟ ବ୍ୟାଟିଂ ଲାଇନ୍‌ର ମେରୁଦଣ୍ଡ ପାଲଟିଗଲେ।

ଜାନୁଆରୀ ୨୦୦୨ରେ ଲକ୍ଷ୍ନୌଠାରେ ମିତାଲୀ ଇଂଲାଣ୍ଡ ବିରୁଦ୍ଧରେ ଖେଳିଥିଲେ ନିଜର ପ୍ରଥମ ଟେଷ୍ଟ ମ୍ୟାଚ। ସେହି ମ୍ୟାଚରେ ସେ କିନ୍ତୁ ଖାତା ଖୋଲି ପାରିନଥିଲେ। ତେବେ କିଛିମାସ ପରେ ସେହି ଇଂଲାଣ୍ଡ ଦଳ ବିରୁଦ୍ଧରେ ତାଙ୍କରି ଦେଶରେ ମିତାଲୀ ସଫଳତାର ଏକ ନୂଆ ଇତିହାସ ସୃଷ୍ଟି କଲେ। ଟାଉଣ୍ଟନ୍ ଠାରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚରେ ସେ ୨୧୪ ରନର ମାରାଥନ ଇନିଂସ ଖେଳି ମହିଳା ଟେଷ୍ଟ କ୍ରିକେଟର ଗୋଟିଏ ଇନିଂସରେ ସର୍ବାଧିକ ରନ୍‌ର ବିଶ୍ୱ ରେକର୍ଡ ସ୍ଥାପନ କରିଦେଲେ। ଏହି ଦ୍ୱିଶତକଟି ତାଙ୍କୁ ରାତାରାତି କ୍ରିକେଟ ଜଗତରେ ପରିଚିତ କରାଇଦେଲା। ପରବର୍ତ୍ତୀ ସମୟରେ ସେହି ରେକର୍ଡ ଭଙ୍ଗ ହୋଇଯାଇଥିଲେ ହେଁ ମିତାଲୀଙ୍କ ବ୍ୟାଟରୁ ରନ ସ୍କୋର୍ ହେବାର ଧାରା ଅବ୍ୟାହତ ରହିଥିଲା। ବିଭିନ୍ନ ଦଳ ବିରୁଦ୍ଧରେ ସେ ଖେଳିଥିଲେ ଗୋଟିଏ ପରେ ଗୋଟିଏ ମ୍ୟାଚ ବିଜୟୀ ଇନିଂସ।

ଏହାପରେ ୨୦୦୫ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବିଶ୍ୱକପ୍‌ର କିଛିଦିନ ପୂର୍ବରୁ ମମତା ମାବେନ୍‌ଙ୍କ ସ୍ଥାନରେ ମିତାଲୀଙ୍କୁ ଭାରତୀୟ ଦଳର ଅଧିନାୟିକା ଭାବେ ଦାୟିତ୍ୱ ଅର୍ପଣ କରାଯିବା ଥିଲା ଏକ ଅପ୍ରତ୍ୟାଶିତ ଘଟଣା। ଦଳରେ କେତେଜଣ ଅଭିଜ୍ଞ ଖେଳାଳି ଥିବା ସତ୍ତ୍ୱେ ପୂର୍ବରୁ ଆନ୍ତର୍ଜାତିକ ମ୍ୟାଚରେ ନେତୃତ୍ୱ ନେବାର କୌଣସି ଅଭିଜ୍ଞତା ନଥିବା ମିତାଲୀଙ୍କୁ ଅଧିନାୟିକା କରାଯିବା ଘଟଣାକୁ ଅନେକ କ୍ରୀଡ଼ା ବିଶେଷଜ୍ଞ ନାପସନ୍ଦ କରିଥିଲେ ସେତେବେଳେ। ତେବେ ଏହି ଗୁରୁଦାୟିତ୍ୱ ବହନ କରିବାରେ ସେ ଯେ ସଂପୂର୍ଣ୍ଣ ସମର୍ଥ ତାହାର

ପ୍ରମାଣ ଖୁବ୍ ଶୀଘ୍ର ମିଳିଗଲା । ତାଙ୍କରି ନେତୃତ୍ୱରେ ଭାରତ ପ୍ରଥମଥର ସକାଶେ ବିଶ୍ୱକପ୍‌ର ଫାଇନାଲରେ ପଦାର୍ପଣ କଲା । ନ୍ୟୁଜିଲାଣ୍ଡ ବିପକ୍ଷରେ ସେମିଫାଇନାଲରେ ମିଳିଥିବା କୃତିତ୍ୱପୂର୍ଣ୍ଣ ବିଜୟରେ ତାଙ୍କର ଅପରାଜିତ ୯୧ରନ ହିଁ ଗ୍ରହଣ କରିଥିଲା ମହତ୍ୱପୂର୍ଣ୍ଣ ଭୂମିକା । ସେହି ବିଶ୍ୱକପର ଫାଇନାଲରେ କିନ୍ତୁ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହେବା ଫଳରେ ମିତାଲୀଙ୍କ ଦଳକୁ ଉପବିଜେତା ଭାବେ ସନ୍ତୁଷ୍ଟ ରହିବାକୁ ପଡ଼ିଲା ।

ସେହିଭଳି ୨୦୧୭ରେ ଇଂଲାଣ୍ଡରେ ଆୟୋଜିତ ବିଶ୍ୱକପ୍‌ରେ ମଧ୍ୟ ଭାରତ ରନର୍ସ ଅପ୍ ହୋଇଥିଲା । ମିତାଲୀ ରାଜଙ୍କ ନେତୃତ୍ୱରେ ଭାରତ ଏହି ପ୍ରତିଯୋଗିତାର ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତକରି ଫାଇନାଲରେ ପହଁଚିଥିଲା । ଫାଇନାଲରେ ମଧ୍ୟ ଇଂଲାଣ୍ଡ ବିରୁଦ୍ଧରେ ଚମତ୍କାର ପ୍ରଦର୍ଶନ କରି ବିଶ୍ୱ ଚାମ୍ପିଆନ ହେବା ଦିଗରେ ଅଗ୍ରସର ହେଉଥିଲା । ସେହି ମ୍ୟାଚରେ ଇଂଲାଣ୍ଡର ୨୨୮ରନର ଜବାବରେ ଭାରତ ଏକଦା ୩ ୱିକେଟରେ ୧୯୧ ରନ କରି ଭଲ ସ୍ଥିତିରେ ଥିଲା, କିନ୍ତୁ ଏହା ପରଠାରୁ ଲଗାତାର ୱିକେଟ ହରାଇ ପରିଶେଷରେ ମାତ୍ର ୯ ରନରେ ପରାଜିତ ହେଲା । ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ମଧ୍ୟ ତାଙ୍କ ନେତୃତ୍ୱରେ ଭଲ ଖେଳିଥିଲେ ମଧ୍ୟ ଦଳ ସେମିଫାଇନାଲରେ ପରାଜିତ ହୋଇଥିଲା । ତେବେ ମିତାଲୀଙ୍କ ନେତୃତ୍ୱରେ ଭାରତ ୨୦୦୬ରେ ଇଂଲାଣ୍ଡରେ ଆୟୋଜିତ ଟେଷ୍ଟ ସିରିଜ ଜିତିବା ଥିଲା ଏକ ବଡ଼ ସଫଳତା । ଏଥିରେ ଦଳୀୟ ସାଥୀ ଝୁଲନ ଗୋସ୍ୱାମୀଙ୍କୁ ଚମତ୍କାର ବୋଲିଂ ସଫଳତା ମିଳିଥିବା ବେଳେ ମିତାଲୀଙ୍କୁ ମିଳିଥିଲା ବ୍ୟାଟିଂ ସଫଳତା ।

ତେବେ ଦୁଃଖର ବିଷୟ ହେଲା ମିତାଲୀ ରାଜଙ୍କ ନେତୃତ୍ୱରେ ଭାରତୀୟ ଦଳ ଟେଷ୍ଟ ମ୍ୟାଚରେ ସୁନ୍ଦର ପ୍ରଦର୍ଶନ କରିବା ସତ୍ତ୍ୱେ ଆମ ଦେଶର କ୍ରିକେଟ ବୋର୍ଡ ପକ୍ଷରୁ ଦୀର୍ଘ ଆଠ ବର୍ଷ ଧରି ଗୋଟିଏ ବି ଟେଷ୍ଟର ଆୟୋଜନ ହୋଇନଥିଲା । ୨୦୦୬ର ଟେଷ୍ଟ ସଫଳତା ପରେ ୨୦୧୪ରେ ଯାଇ ଇଂଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ବିରୁଦ୍ଧରେ ଦୁଇଟି ଟେଷ୍ଟ ଖେଳି ଭାରତ ଦୁଇଟିଯାକରେ ବିଜୟୀ ହେଲା । ଏହାପରେ ପୁଣି ସାତ ବର୍ଷର ବ୍ୟବଧାନ ପରେ ୨୦୨୧ରେ ଯାଇ ଇଂଲାଣ୍ଡ ଓ ଅଷ୍ଟ୍ରେଲିଆ ସହିତ ଦୁଇଟି ଟେଷ୍ଟ ଖେଳିବାର ସୁଯୋଗ ମିଳିଲା । ସୁତରାଂ ମହିଳା ଟେଷ୍ଟ ଆୟୋଜନ ନିମନ୍ତେ ଭାରତୀୟ କ୍ରିକେଟ ବୋର୍ଡର ଅନାଗ୍ରହ ଫଳରେ ୨୦ବର୍ଷ ମଧ୍ୟରେ ମିତାଲୀ ମାତ୍ର ୧୨ଟି ଟେଷ୍ଟ ଖେଳି ୬୯୯ ରନ ସଂଗ୍ରହ କରିଛନ୍ତି ।

ତେବେ ଏକ ଦିବସୀୟ ଆନ୍ତର୍ଜାତିକରେ ମିତାଲୀଙ୍କ ପ୍ରଦର୍ଶନ ତାଙ୍କୁ ବିଶ୍ୱର ସର୍ବୋଚ୍ଚ ରନ ସଂଗ୍ରହକାରୀର ମାନ୍ୟତା ପ୍ରଦାନ କରିଛି । ଏହି ଶୈଳୀର କ୍ରିକେଟରେ ସେ ମୋଟ ୨୩୨ଟି ମ୍ୟାଚ ଖେଳି ସ୍କୋର୍ କରିଛନ୍ତି ୭୮୦୫ ରନ, ଯେଉଁଥିରେ ସାତଟି ଶତକ ଓ ୬୪ଟି ଅର୍ଦ୍ଧଶତକ ସାମିଲ ରହିଛି । ସେହିଭଳି ୨୦୦୬ରୁ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚର



ଧାରା ଆରମ୍ଭ ହେବା ପରଠାରୁ ସେ ୮୯ଟି ଏ ଧରଣର ମ୍ୟାଚ ଖେଳି ସଂଗ୍ରହ କରିଛନ୍ତି ୨୩୬୪ରନ । ଟେଷ୍ଟ, ଏକ ଦିବସୀୟ ତଥା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚକୁ ମିଶାଇ ତାଙ୍କର ସର୍ବମୋଟ ରନ ସଂଖ୍ୟା ହେଲା ୧୦୮୬୮ । ଆନ୍ତର୍ଜାତିକ ମୁକାବିଲାରେ ଦଶହଜାରରୁ ଅଧିକ ରନ କରିବା ଦିଗରେ ମିତାଲୀ ହେଉଛନ୍ତି ବିଶ୍ୱର ଏକମାତ୍ର ମହିଳା କ୍ରିକେଟ ତାରକା ।

ନିଜର ଚମତ୍କାର ବ୍ୟାଟିଂ ବ୍ୟତୀତ ଦଳର ଅନ୍ୟ ଖେଳାଳିଙ୍କ ପାଇଁ ସେ ଥିଲେ ପ୍ରେରଣାର ସ୍ରୋତ । ଏତଦ୍‌ବ୍ୟତୀତ ଦୀର୍ଘଦିନ ଧରି ଆନ୍ତର୍ଜାତିକ କ୍ରିକେଟରେ ତିଷ୍ଠି ରହିବା ନିଶ୍ଚିତ ଭାବେ ତାଙ୍କ ସାମର୍ଥ୍ୟକୁ ପ୍ରତିପାଦିତ କରୁଛି । ୨୦୨୧ରେ ମିତାଲୀଙ୍କୁ କ୍ରୀଡ଼ା କ୍ଷେତ୍ରରେ ଦେଶର ସର୍ବୋଚ୍ଚ ପୁରସ୍କାର ଧ୍ୟାନଚାନ୍ଦ ଖେଳରତ୍ନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି । କ୍ରିକେଟ ଖେଳର ପ୍ରେମରେ ପଡ଼ି ଏପର୍ଯ୍ୟନ୍ତ ଅବିବାହିତ ରହିଥିବା ମିତାଲୀ ରାଜଙ୍କ ଭଳି ଖେଳାଳି ନିଶ୍ଚିତ ଭାବେ ଜଣେ ବିରଳ ପ୍ରତିଭା । ତାଙ୍କ ଜୀବନ କାହାଣୀ ଉପରେ 'ସାବସ ମିଠୁ' ନାମକ ଏକ ଚଳଚିତ୍ର ମଧ୍ୟ ନିର୍ମିତ ହୋଇଛି ।

ମୋ-୯୪୩୭୬୨୭୫୧୪



ଶଠତା ମନୁଷ୍ୟକୁ ସମାଜରେ ଯେଉଁଭଳି ଭାବରେ ନ୍ୟୁନ କରିଦିଏ, ଅନ୍ୟ କୌଣସ ବଦଗୁଣ ଏଭଳି କରିପାରେନାହିଁ ।


# ବିଜ୍ଞାନ ବିଚିତ୍ରା



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଦୈହିକ ପରିଶ୍ରମ ଆପଣଙ୍କ ମସ୍ତିଷ୍କକୁ ସକ୍ରିୟ ରଖେ** – ୟୁନିଭର୍ସିଟି ଅଫ୍ ଜର୍ଜିଆର ବୈଜ୍ଞାନିକ ମାରିସା ଗଗନିଏଟଙ୍କ ଦ୍ୱାରା ୫୧ ଜଣ ବୟସ୍କ ବ୍ୟକ୍ତିଙ୍କୁ ନେଇ ହୋଇଥିବା ଏକ ଗବେଷଣାରୁ ଜଣା ପଡିଛି ଯେ ବୟସ ବଢିବା ସହିତ ଯଦି ଆମେ ପ୍ରତ୍ୟେହ ବ୍ୟାୟାମ କରିବା ତେବେ ଆମର ମସ୍ତିଷ୍କ ସୁସ୍ଥ ରହିବା ସହିତ ବୃଦ୍ଧାବସ୍ଥାରେ ଅନ୍ୟ ଉପରେ ନିର୍ଭରଶୀଳତାକୁ କମ କରି ହେବ। ତାମାନେ ନୁହେଁ ଯେ ବୃଦ୍ଧ ବୟସରେ ବାହାରକୁ ଯାଇ ଦୌଡିବେ କିମ୍ବା କଠିନ ପରିଶ୍ରମ କରିବେ। ନିଜ ପରିବେଶରେ ଅଧିକ ବୁଲିବା,ପର ଉପରେ ଆଶ୍ରା ନକରି ନିଜ କାମ ନିଜେ କରିବା ଇତ୍ୟାଦି ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ବ୍ୟକ୍ତିମାନଙ୍କ ପରିଶ୍ରମ ସହିତ ମସ୍ତିଷ୍କର କଗନିଟିଭ ଫଙ୍କସନିଙ୍ଗକୁ ଜାଣିବାକୁ ଏମ.ଆର.ଆଇ କରାଯାଇଥିଲା। ସେମାନଙ୍କୁ ଏଥିପାଇଁ ୬ ମିନିଟ ପାଇଁ ଚାଲିବାକୁ କୁହାଗଲା। ଦେଖାଗଲା ଯେ ଏହି ଚାଲିବା ଦ୍ୱାରା ମସ୍ତିଷ୍କର ଗତିଶୀଳତା ବଢି ଯାଉଛି। ପ୍ରକୃତରେ ଆମ ମସ୍ତିଷ୍କରେ ପୁଳା ପୁଳା ହୋଇ ସ୍ନାୟବିକ ନେଟୱାର୍କ ସବୁ ରହିଛି ଯେଉଁମାନେ ଅବିରତ ଭାବେ ଯୋଗାଯୋଗ ଓ ବାର୍ତ୍ତା ପ୍ରେରଣରେ ଲାଗିଥାନ୍ତି। କିନ୍ତୁ ଏଗୁଡିକ ମଧ୍ୟରୁ ବିଭିନ୍ନ ଅଂଶ ବିଭିନ୍ନ ସମୟରେ ସକ୍ରିୟ ରହନ୍ତି। ଏହି ଅଧ୍ୟୟନରେ ମୁଖ୍ୟତଃ ସେହି ନେଟୱାର୍କର କାର୍ଯ୍ୟ ଦକ୍ଷତା ସହ ପରିଶ୍ରମର ସମ୍ପର୍କକୁ ପରଖା ଯାଇଥିଲା। ଏହାର ଗୁରୁତ୍ୱପୂର୍ଣ ଦିଗ ହେଲା ଯେ ଯଦି ଜଣେ ବ୍ୟକ୍ତିର ମସ୍ତିଷ୍କ ଶିଥିଳ ହୋଇ ଯାଇଛି ଯଦ୍ୱାରା ତାଙ୍କୁ କୌଣସି କାର୍ଯ୍ୟ କରିବାକୁ ମନ ହେଉନାହିଁ ତେବେ ତାଙ୍କୁ କିଛି ସମୟ ବାହାରେ ବୁଲାଇ ଆଣନ୍ତୁ ଦେଖିବେ ପୂର୍ବାପେକ୍ଷା ସେ ଚଂଚଳ ହୋଇ ଉଠିବେ। କିନ୍ତୁ ଏହି ପରିଶ୍ରମଟି ଅତ୍ୟଧିକ ଦୈହିକ କସରତ ନୁହେଁ।


**ଫ୍ରାଗାଇଲ ଏକ୍ସ ସିଣ୍ଡ୍ରୋମ** ;- ଭାରତରେ ପ୍ରାୟ ୨ ଲକ୍ଷ ଶିଶୁ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି ଯେଉଁମାନଙ୍କ ପିତାମାତା ନିଜ ଅଜ୍ଞତା ହେତୁ ଏହାକୁ ଚିହ୍ନି ନପାରି ଚିକିତ୍ସା କରାଇ ନଥାନ୍ତି। ଏହା ଗୋଟିଏ ଏକକ ଜିନଯୁକ୍ତ ଆନିତ ରୋଗ ଯଦ୍ୱାରା ଜଣେ ଶିଶୁ ପାଖରେ ଅଟିଜମ ଓ ବୁଦ୍ଧିମତା ଦୁର୍ବଳତା ଭଳି ବିଲକ୍ଷଣ ଦେଖାଯାଏ। ଏପରି ଶିଶୁ ଏକ ଧ୍ୟାନ କୈନ୍ଦ୍ରିକ,ଅତିବ ପ୍ରତିକ୍ରିୟାଶୀଳ ଓ ଭାଷାର ଆଦାନ ପ୍ରଦାନରେ ଶିଥିଳତା ପ୍ରଦର୍ଶନ କରିଥାନ୍ତି। ଶତକଡା ୨୫ ଭାଗ ରୋଗୀ ମୂର୍ଚ୍ଛା ଯାଇଥାନ୍ତି। ଏହାର ଅନ୍ୟ ଲକ୍ଷଣ ଗୁଡିକ ହେଲା ଏହା ମହିଳାଙ୍କ ଅପେକ୍ଷା ପୁରୁଷ ଶିଶୁଙ୍କଠାରେ ଅଧିକ ଦୃଶ୍ୟମାନ ହୁଏ। ଏପରି ଶିଶୁ ଆଖିରେ ଆଖି ମିଳାଇ କଥା କହନ୍ତି ନାହିଁ। ଆଲୋକ




ଏବଂ ଶବ୍ଦ ପ୍ରତି ଏମାନେ ଅତ୍ୟନ୍ତ ସମ୍ବେଦନଶୀଳ। ଏମାନଙ୍କୁ ସେମାନେ କରୁଥିବା କାର୍ଯ୍ୟଠୁ ଧ୍ୟାନ ହଠାଇବା କଠିନ ଅଟେ। ଏମାନେ ଅତୀବ ପ୍ରତିକ୍ରିୟାଶୀଳ ଓ ଭଙ୍ଗାଭଙ୍ଗୀ କାର୍ଯ୍ୟରେ ସିଦ୍ଧହସ୍ତ। ଏହାକୁ ଡି ଏନ ଏ ରକ୍ତ ପରୀକ୍ଷଣ ଦ୍ୱାରା ପ୍ରାୟ ୯୯% ସଠିକତା ସହ ଜାଣି ହୁଏ। ଏହାର କାରଣ ହେଲା ଏକ୍ସ କ୍ରୋମୋଜୋମରେ ଥିବା ଏଫ୍ ଏମ୍ ଆର-୧ ଜିନଯାହା ଏକ ପ୍ରକାର ପ୍ରୋଟିନ ତିଆରି କରେ ଯାହାର କାର୍ଯ୍ୟ ହେଲା ସ୍ନାୟୁ କୋଷ ମାନଙ୍କ ମଧ୍ୟରେ ବାର୍ତ୍ତାଳାପକୁ ସୁଗମ କରିବା । ଗୋଟିଏ ଶିଶୁର ମସ୍ତିଷ୍କ ସଠିକ ଭାବେ କାର୍ଯ୍ୟ କରିବା ପାଇଁ ଏହି ପ୍ରୋଟିନ ଅତ୍ୟନ୍ତ ଆବଶ୍ୟକ କିନ୍ତୁ ଯଦି ଏହାର ମାତ୍ରା ଆବଶ୍ୟକତାଠାରୁ କମ କିମ୍ବା ବେଶୀ ହୁଏ ତେବେ ଶିଶୁ ଏହି ରୋଗର ଶୀକାର ହୋଇଥାଏ। ଯଦି ମଆ ପାଖରେ ଏହି ଜିନ ଥାଏ ତେବେ ନିଜର ପୁତ୍ର କିମ୍ବା କନ୍ୟା ପାଖକୁ ଏହି ରୋଗ ଯିବାର ୫୦ -୫୦% ସମ୍ଭାବନା ଥାଏ କିନ୍ତୁ ବାପା ପାଖରୁ ଏହା କେବଳ କନ୍ୟା ସନ୍ତାନ ପାଖକୁ ଯାଇଥାଏ। ଭାରତରେ ପ୍ରାୟ ୪ ଲକ୍ଷ ଶିଶୁ ଏପରି ରୋଗରେ ପଡିଥାନ୍ତି। ପ୍ରତ୍ୟେକ ବର୍ଷ ଜୁଲାଇ ୨୨ ତାରିଖକୁ ଫ୍ରାଗାଇଲ ଏକ୍ସ ସିଣ୍ଡ୍ରୋମ ସଚେତନତା ଦିବସ ରୁପେ ପାଳନ କରାଯାଏ। ଯଦି ଏହି ରୋଗ ପରିବାରରେ ଜଣକୁ ହୋଇଥାଏ ତେବେ ବଂଶାନୁକ୍ରମିକଭାବେ ଏହା ଗୋଟିଏ ପିଢିରୁ ଅନ୍ୟ ପିଢୀକୁ ଗତି କରିଥାଏ। ଯଦି କୌଣସି ବି ଶିଶୁଠାରେ ବୁଦ୍ଧିମତାରେ ଶିଥିଳତା ,କଥା କହିବାରେ ବିଳମ୍ବ ଭଳି ଲକ୍ଷଣ ଦେଖନ୍ତି ତେବେ ନିହାତିଭାବେ ଏଫ ଏକ୍ସ ଏସ ପରୀକ୍ଷଣ କରାଇ ନେବା ଜରୁରୀ ଅମ ଦେଶରେ ୨୦୦୩ ମସିହାରେ ଫ୍ରାଗାଇଲ ଏକ୍ସ ସୋସାଇଟି ଗଠିତ ହୋଇଥିଲା ଯାହାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଏହିପରି ପରିବାର ମାନଙ୍କୁ ସଠିକ ସୂଚନା ଆଧାରରେ ସହାୟତା ପ୍ରଦାନ କରିବା। ଏହାର କୌଣସି ଚିକିତ୍ସା ନାହିଁ କିନ୍ତୁ ଉପଯୁକ୍ତ ଡାକ୍ତରଙ୍କଠାରୁ ପରାମର୍ଶ ମୁତାବକ ଔଷଧ ଗ୍ରହଣ କଲେ ଏମାନଙ୍କଠାରେ ଦେଖା ଦେଉଥିବା ବ୍ୟତିକ୍ରମ ସବୁକୁ ଠିକ କରାଯାଇ ପାରିବ। ତାଛଡା ସ୍ପିଚ ଓ ଲାଙ୍ଗୁଏଜ ଥେରାପୀ

, ଅକୁପେସନାଲ ଥେରାପୀ ଓ ବିହେଭିଅର ଥେରାପୀ ଦ୍ୱାରା ଶିଶୁଠାରେ ଦେଖା ଯାଉଥିବା ଶିଥିଳତାକୁ ଦୂର କରା ଯାଇପାରିବ। କିନ୍ତୁ ବ୍ୟବହାରରେ ପରିବର୍ତ୍ତନ, ପ୍ରତିକ୍ରିୟାଶୀଳତାକୁ ପ୍ରଶମିତ କରିବା ଓ କୌଣସି ଖରାପ କାମଠୁ ତାର ଧ୍ୟାନ ହଟାଇବା ପାଇଁ ଶିଶୁକୁ କେତୋଟି ଔଷଧ ଦେବାକୁହିଁ ପଡିବ। ଏହା ଯେତେଶୀଘ୍ର ଆରମ୍ଭ ହେବ ସେତେ ଭଲ। ଏ ସଂପର୍କରେ କୌଣସି ବି ଦେୟ ବିହୀନ ପରାମର୍ଶ ପାଇଁ ଆପଣ ଡ. ଶାଳିନୀ କେଡିଆ , ଚେଆରମେନ ଫ୍ରାଗାଇଲ ଏକ୍ସ ସୋସାଇଟି ଅଫ୍ ଇଣ୍ଡିଆଙ୍କ ସହ ଯୋଗାଯୋଗ କରନ୍ତୁ।

**ଫେଟି ଲିଭର ରୋଗ** ;- ନାମକରଣରୁ ଯାହା ଜଣା ପଡେ ଏହି ରୋଗରେ ରୋଗୀଟିର ଲିଭର ବା ଯକୃତ ଆବଶ୍ୟକତାଠୁ ଅଧିକ ଫୁଲିଯାଏ। ଏହା ଦୁଇ ପ୍ରକାରର ଯଥା ମଦ୍ୟପଙ୍କ କ୍ଷେତ୍ରରେ ଆଲକହଲିକ ଓ ଅଣ ମଦ୍ୟପଙ୍କ କ୍ଷେତ୍ରରେ ଏହାକୁ ନନ୍ ଆଲକହଲିକ ଫେଟି ଲିଭର ଡିଜିଜ୍ କୁହାଯାଏ। ଏହି ରୋଗର ମାରାତ୍ମକତା ଯୋଗୁଁ ଲୋକଙ୍କୁ ଜାଗ୍ରତ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୧୯ ତାରିଖକୁ ବିଶ୍ୱ ଯକୃତ ଦିବସ ରୁପେ ପାଳନ କରାଯାଏ।




ଆମ ଶରୀରରେ ମସ୍ତିଷ୍କ ପଛକୁ ଯକୃତ ହେଉଛି ସବୁଠୁ ବୃହତ ଏବଂ ଜଟିଳ ଅଙ୍ଗ। ଆମର ପାଚନ କ୍ରିୟାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ରୋଗରେ ଲିଭରରେ ମେଦ ଅଂଶ ବୃଦ୍ଧି ପାଇ ପ୍ରଦାହ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଘାଆ ବା କ୍ଷତରେ ପରିଣତ ହୁଏ। ଏହା ଅଧିକ ଦିନ ଲାଗି ରହିଲେ ଲିଭର ଫେଲୁଅର ହୋଇ ରୋଗୀର ମୃତ୍ୟୁ ଘଟେ। ଜୀବନଶୈଳୀର ପରିବର୍ତ୍ତନ ସହ ମୋଟାପା ବୃଦ୍ଧି ହେଲେ ତଥା ଅଧିକ ଚର୍ବି, ତୈଳ ଓ ଶର୍କରାଯୁକ୍ତ ଖାଦ୍ୟ ଖାଇଲେ ଓ ମଦ୍ୟପାନ କଲେ ଏହି ରୋଗ ହୋଇଥାଏ। କିଛି ଦଶକ ପୂର୍ବରୁ ଭାରତରେ ଏହି ରୋଗର ମୁଖ୍ୟ କାରଣ ହେପାଟାଇଟିସ-ବି ସଂକ୍ରମଣ ଥିଲା ଯାହାର ଚିକିତ୍ସାରେ ଅବହେଳା ହେତୁ ତାହା ଲିଭର ସିରୋସିସ ,ଲିଭର କ୍ୟାନସର କିମ୍ବା ଲିଭର ଫେଲୁଅରର କାରଣ ସାଜୁଥିଲା। ଆଜିକାଲି ଅଲଟ୍ରାସାଉଣ୍ଡ ପାଇଁ ଆସୁଥିବା ୮୦% ବ୍ୟକ୍ତି ଏହି ରୋଗରେ ପୀଡିତ ଥିବା ଜଣା ଯାଉଛି। ମଦ୍ୟପାନ କରୁନଥିବା ରୋଗୀଙ୍କ କ୍ଷେତ୍ରରେ ଏହାକୁ ଏକ ମେଟାବଲିକ ଡିଜଅଡର ରୁପେ ଗଣନା କରାଯାଉଛି।

**ଷଷ୍ଠ ଇନ୍ଦ୍ରିୟ ସଂପର୍କରେ** ;- ଆମେ ପଂଚେନ୍ଦ୍ରିୟ ସଂପର୍କରେ ଭଲଭାବେ ପରିଚିତ ଯାହାଦ୍ୱାରା ସ୍ପର୍ଶ, ଆଘ୍ରାଣ, ଦର୍ଶନ, ସ୍ୱାଦ ଓ ଶ୍ରବଣ କ୍ରିୟା ସମ୍ପାଦିତ ହୋଇଥାଏ। ଏଗୁଡିକ ବ୍ୟତୀତ ଆମ ଶରୀରର ଭୌତିକ ଓ ମାନସିକ କ୍ରିୟାକୁ ନିୟନ୍ତ୍ରଣ କରୁଥିବା ଅନ୍ୟ ଏକ ଇନ୍ଦ୍ରିୟ ରହିଛି ଯାହାକୁ ଷଷ୍ଠେନ୍ଦ୍ରିୟ କୁହାଯାଏ। ଆମ ଶରୀରର ତାପମାତ୍ରା, ହୃତସ୍ପନ୍ଦନର ଗତି, କ୍ଷୁଧା,ତୃଷା,ଫୁସଫୁସର ସଂକୋଚନ,ପ୍ରସାରଣ ,ପାକସ୍ଥଳୀର କ୍ରିୟା ଆଦିକୁ ନିରବରେ ଲୁଚିରହି ମସ୍ତିଷ୍କରୁ ସିଧାସଳଖ ବାର୍ତ୍ତା ପ୍ରେରଣର ଅନ୍ତରାଳରେ ଏହି ଇନ୍ଦ୍ରିୟର ପ୍ରମୁଖ ଭୂମିକା ରହିଛି। ଏହାକୁ ଇଂଟେରୋସେପସନ କ୍ରିୟା କହନ୍ତି ଯାହା ଜୀବନର ଖୁସି, ନିରାପତ୍ତା ଓ ନିରାମୟତା ପାଇଁ ଅତ୍ୟନ୍ତ ଜରୁରୀ। ଆପଣ ଏହା ସଂପର୍କରେ ସଚେତନ କି ନୁହଁ ତାହା ଜାଣିବାକୁ ଏକ ସରଳ ପରୀକ୍ଷା କରିବା। ଆପଣ ଗୋଟିଏ ନିରୋଳା ସ୍ଥାନରେ ବସି ଆଖି ବନ୍ଦ କରନ୍ତୁ ଓ ନିଶ୍ୱାସ, ପ୍ରଶ୍ୱାସକୁ ଜାଣିବାକୁ ତଥା ହୃତ ସ୍ପନ୍ଦନ କ୍ରିୟାକୁ ଅନୁଭବ କରି ସ୍ପନ୍ଦନର ସଂଖ୍ୟାକୁ ଗଣିବାକୁ ଚେଷ୍ଟା କରନ୍ତୁ। ଯଦି ଏଥିରେ କୃତକାର୍ଯ୍ୟ ନହୁଅନ୍ତି ତେବେ ଉଠି ପଡନ୍ତୁ ଅର୍ଥାତ ଆପଣ ନିଜର ଷଷ୍ଠେନ୍ଦ୍ରିୟକୁ ଚିହ୍ନି ପାରି ନାହାନ୍ତି।କୌଣସି ନିଷ୍ପତ୍ତି ନେବା,ସମ୍ବେଦନଶୀଳତା,ପରିବେଶକୁ ଖାପ ଖୁଆଇ ପ୍ରତିକ୍ରିୟା ପ୍ରକାଶ କରିବା, ସାମାଜିକ ଶାଳୀନତା ବଜାୟ ରଖି ନିଜ ଇଚ୍ଛାକୁ ଅବଦମିତ କରି ରଖିବା ଭଳି ସୂକ୍ଷ୍ମ ଚିନ୍ତନକୁ ଇଂଟେରୋସେପସନ କ୍ରିୟା ପ୍ରଭାବିତ କରିଥାଏ। ଯଦି ଏଥିରେ ବ୍ୟାଘାତ ଘଟେ ତେବେ ଭାବାବେଗରେ ପରିବର୍ତ୍ତନ,ଉତ୍କଂଠା,ଭୋଜନରେ ଅନିୟମିତତା,କୁସଙ୍ଗ ଦୋଷ,ନିଶାପ୍ରୀତି ବଢିବା,ବଚନରେ ଅସାମଞ୍ଜସ୍ୟତା ଓ ବ୍ୟବହାରରେ ପାଗଳାମି ଭଳି ଲକ୍ଷଣ ଦେଖିବାକୁ ମିଳିଥାଏ। ବିଗତ ଦଶନ୍ଧିରୁ ଏହା ଉପରେ ବିଶେଷ ଗବେଷଣା ଜାରି ରହିଛି କାରଣ ଏହାଦ୍ୱାରା ଉଭୟ ରୋଗୀ ଓ ଡାକ୍ତର ଉପକୃତ ହୋଇଥାନ୍ତି। ରୋଗୀର ମାନସିକ ସ୍ଥିତି ସଂପର୍କରେ ସଠିକ ଧାରଣା ମିଳିବାରୁ ତାର ଚିକିତ୍ସା ଡାକ୍ତରଙ୍କ ପାଇଁ ସହଜ ହୋଇଥାଏ। ଯେହେତୁ ଏହି ଇନ୍ଦ୍ରିୟଟି ଅବଚେତନ ଅବସ୍ଥାରେ କ୍ରିୟାଶୀଳ ହୋଇଥାଏ ତେଣୁ ଲକ୍ଷଣ ଜାଣି ନ ପାରିବାରୁ ରୋଗୀଟି ବିବ୍ରତ ହେବା ଉଚିତ ନୁହଁ। ଏହା ଏକ ସ୍ୱୟଂକ୍ରିୟ ଫିଡବେକ ପ୍ରଣାଳୀ କିନ୍ତୁ ଚେତନ ଅବସ୍ଥାରେ କେତୋଟି ଲକ୍ଷଣ ଯେପରିକି ମାଂସପେଶୀରେ ପୀଡା ହେବା, ଦାନ୍ତ ଚୋବାଇବା, ପେଟ ଘୁଡୁଘୁଡୁ ହେବା, ଅନେକ ସମୟରେ ଦୀର୍ଘଶ୍ୱାସ ନେବା, ଆଦି ଲକ୍ଷଣକୁ ଅବହେଳା ନକରି ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇଲେ ଭବିଷ୍ୟତର ଜଟିଳତାକୁ ଏଡାଇ ହେବ। ଇଂଟେରୋସେପସନ କ୍ରିୟା ମୁଖ୍ୟତଃ ଏକ ଶରୀର ସମ୍ବନ୍ଧୀୟ କ୍ରିୟା ଯାହାକୁ ହୋମିଓ ଷ୍ଟେସିସ କୁହାଯାଏ। ଏହା କ୍ଷୁଧାପରିତୃପ୍ତିମାନସିକ ଅବସାଦ, ଥଣ୍ଡା ଓ ଗରମ ଭଳି ଅନୁଭୂତିକୁ ନିୟନ୍ତ୍ରିତ କରିଥାଏ। ଏହାର ଅନ୍ୟ ଏକ ଭୂମିକା ହେଲା କୌଣସି ବି ପରିସ୍ଥିତିରେ ସମ୍ମୁଖୀନ ହେବା ,ପରିବେଶକୁ ଆବୋରି ନେବା ,ନିଜକୁ ପ୍ରସ୍ତୁତ ରଖି ଦୈନନ୍ଦିନ କାର୍ଯ୍ୟକୁ ଜାରି ରଖିବା ଇତ୍ୟାଦି। ବାଲ୍ୟ କାଳର କିଛି ଦୁର୍ଘଟଣା ପରବର୍ତ୍ତୀ ଜୀବନରେ ଜଣେ ବ୍ୟକ୍ତିକୁ ଏହି



ସତ୍ୟକୁ ଅସତ୍ୟ ବୋଲି ପ୍ରମାଣ କରିବାପାଇଁ ଯଦି ଜଣେ ବୁଦ୍ଧି ଖଟାଇବାକୁ ଯିବ ସେ ନିଜର ବୁଦ୍ଧିକୁ ହିଁ ଅପମାନ ଦେଲା।

ଇନ୍ଦ୍ରିୟକୁ ଅନୁଭବ କରିବାଠୁ ବଂଚିତ କରିପାରେ । ମୁଖ୍ୟତଃ ମସ୍ତିଷ୍କର ପ୍ରି-'ଫ୍ରେଫଟାଲ କର୍ଟେକ୍ସରେ ଆଘାତ ଯୋଗୁଁ ଏପରି ହୋଇଥାଏ । ମୁମ୍ବାଇର ମନସ୍ତତ୍ତ୍ୱବିତ ଡକ୍ଟର ମୃଦୁଳା କପିଳାଙ୍କ ମତରେ ଜଣେ ଚାହିଁଲେ ଏହି ଇନ୍ଦ୍ରିୟର କାର୍ଯ୍ୟ କ୍ଷମତାକୁ ବୃଦ୍ଧି କରି ପାରିବ । ସେଥିପାଇଁ କେତୋଟି ଉପାୟ ହେଲା ମନସ୍ଥ ହୋଇ ନିଜ ଭାବନା ଉପରେ ନଜର ରଖିବା ସହିତ ଏହାର ମୂଳ କାରଣକୁ ଖୋଜିବାକୁ ଚେଷ୍ଟା କର, ମନ, ମସ୍ତିଷ୍କ ଓ ମୁହଁ ବନ୍ଦ ଥିଲାବେଳେ ଶରୀର ପ୍ରେରଣ କରୁଥିବା ସଙ୍କେତକୁ ବୁଝି ନିଜ ମନକୁ ଶରୀର ମଧ୍ୟସ୍ଥ ସେହି ଅଙ୍ଗ ପାଖରେ ନିବଦ୍ଧ କର । ଅବଶ୍ୟ ଏହା ଏତେ ସହଜ ନୁହେଁ । ଏଥିପାଇଁ ସାଧନା ଦରକାର । ସବୁଠାରୁ ସରଳ ଉପାୟ ହେଲା ଏପରି ଭାବାବେଗ ଆସିଲା ପରେ ବାହାରେ ଟିକେ ବୁଲି ଆସନ୍ତୁ କିମ୍ବା ଧ୍ୟାନସ୍ଥ ହୁଅନ୍ତୁ,କିମ୍ବା ଶୋଇ ପଡନ୍ତୁ ଅଥବା କେତୋଟି ନିଶ୍ୱାସ ପ୍ରଶ୍ୱାସ ଶୈଳୀ ଆପଣାନ୍ତୁ ଯାହା ଏହି ସଂକେତ ଗୁଡ଼ିକୁ ଅଧିକ ତୀବ୍ର କରି ଆପଣଙ୍କ ପାଇଁ ସୁଗମ କରିଦେବ । ଏହାକୁ ଯେତେ ଅଭ୍ୟାସ କରିବେ ଆପଣଙ୍କ ଶରୀର ଭିତରର ଡାକ୍ତରଙ୍କ ସହିତ ଆପଣଙ୍କ ସଂପର୍କ ସେତେ ନିବିଡ ହୋଇ ପାରିବ ।

**ଶୟନାବସ୍ଥାରେ ବି ଡାକ୍ତର ପାଇବେ ସବୁ ବିବରଣୀ** ;- ଜଣେ ଗୁରୁତର ରୋଗୀକୁ ଚିକିତ୍ସା କଲାବେଳେ ଡକ୍ଟର, ନର୍ସ ଓ ଅନ୍ୟ ଷ୍ଟାଫଙ୍କୁ ବାରମ୍ବାର ରକ୍ତଚାପ,ପଲ୍ସରେଟ ଆଦି ମାପିବାକୁ ପଡେ । ଏହାର ବିକଳ୍ପ ରୂପେ ଜୁରିଚର ସ୍ଲିପିଜ ଏଜି ନାମକ କଂପାନି କୃତ୍ରିମ ବୁଦ୍ଧିମତା, ୱେରଲେସ ମିମି ୱେଭ ଟେକ୍ନୋଲୋଜି ଓ ସେନ୍ସର ଫ୍ୟୁଜନ କୌଶଳର ମିଶ୍ରଣରେ ଏପରି ଏକ ଯନ୍ତ୍ର ବାହାର କରିଛନ୍ତି ଯାହାକୁ କେବଳ ରୋଗୀର ଶଯ୍ୟା ପାର୍ଶ୍ୱରେ ରଖିଦେଲେ ୨୪ ଘଂଟାଯାକ ରୋଗୀର ଶ୍ୱାସକ୍ରିୟା, ହୃତସ୍ପନ୍ଦନ ଗତି ଓ ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗର ଚଳନକୁ କେବଳ ଯେ ମାପିବ ତା ନୁହଁ ବରଂ ସେହି ବିବରଣୀକୁ ସିଧାସଳଖ ଡାକ୍ତରଙ୍କ ପାଖକୁ ପ୍ରେରଣ କରିଦେବ । ଏଥିରେ ଏକ ମିମି ୱେଭ ଉପଳର ରାଡାର ଲାଗିଛି ଯାହା ଆମ ବାହ୍ୟ ଶରୀରର ୦.୨ ମିଲିମିଟର ଉଠିବାପଡିବାକୁ ବି ମାପି ପାରିବ । ଲଙ୍ଗ ଟର୍ମ ଇଭାଲୁଏସନ ଦ୍ୱାରା ସବୁ ବିବରଣୀକୁ ଏହା ସର୍ଭରକୁ ପଠାଏ । ଏହା ବ୍ୟାଟେରୀ ଚାଳିତ ଓ ଏଥିରେ ଥିବା ବଟନକୁ ଚିପି ରୋଗୀର ବିଗତ କିଛି ଦିନର ଶୋଇବା ସମୟର ବିବରଣୀକୁ ବି ଡାକ୍ତରଙ୍କୁ ଦିଆ ଯାଇପାରେ । ଏହି ଯନ୍ତ୍ରରେ ଥିବା ସଫ୍ଟୱେର ଡିଜିଟାଲ ସିଗନାଲ ପ୍ରସେସିଙ୍ଗ ଦ୍ୱାରା ରାଡାର ସିଗନାଲରୁ ଆସୁଥିବା ଡାଟା ଗୁଡ଼ିକୁ ନିଶ୍ୱାସପ୍ରଶ୍ୱାସ ର ଗତି,ହୃତ ସ୍ପନ୍ଦନ ଓ ଶରୀରର ଅନ୍ୟ ଅଙ୍ଗର ଚଳନ ଭଳି ପାରାମିଟରକୁ ପରିବର୍ତ୍ତିତ କରିପାରେ । ବିଗତ ଜାନୁଆରୀ ମାସରେ ଏହାର ପ୍ରଚଳନ କେବଳ କାର୍ଡିଓ-ପଲମୋନାରୀ ବିଭାଗରେ ହୋଇ ଥିଲେହେଁ ଭବିଷ୍ୟତରେ ଏହାକୁ ସ୍ନାୟୁ , ନିଶ୍ଚେତକ ଓ ଜଟିଳ ଅବସ୍ଥାରେ ଥିବା ରୋଗୀଙ୍କ କ୍ଷେତ୍ରରେ ବି ବ୍ୟବହାର କରା ଯାଇପାରିବ । ଏଥିପାଇଁ ରୋଗୀକୁ ଦୈନିକ ୫୦୦ ଟଂକା ଖର୍ଚ୍ଚ ପଡିବ । ଏହାର ଉପ ଯୋଗୀତାକୁ ଚାହିଁଲେ ଏ ଖର୍ଚ୍ଚ କିଛି ନୁହେଁ ।

ବୁର୍ଲା,ସମ୍ବଲପୁର

୯୪୩୭୧୨୭୮୨୦

# ଶଠି ମାଆ



ନିରଞ୍ଜନ ଖଟୁଆ

ପୁଅକୁ ଦେଖାଇ ମାଆ କହୁଥିଲେ
ଏହି ତୋର ଶଠି ଘର ।।
ଏଇଠୁ ଶୁଭିଲା କୁଆଁ କୁଆଁ ଡାକ
ପୁରି ଉଠୁଥିଲା ଘର ।।
ସବୁ କଷ୍ଟ ମୋର ଦୂର ହୋଇଗଲା
ନାଲିଆ ଓଠକୁ ଦେଖି
କାନ୍ଦିଲେ ଟିକିଏ କୋଳେ ଟେକିନିଏ
ଛାତିରେ ଧରଇ ଜାକି ।।
ହସ ଶିଖାଇଲା ଖେଳ ଶିଖାଇଲା
ଚାଲି ଶିଖାଇଲା ତୋତେ
ଶଠି ମାଆ ମୋତେ ବୁଝାଇ ଶୁଝାଇ
କହି ଯାଇଅଛି କେତେ ।।
ଠୁକୁ ଠୁକୁ ଚାଲି ଦରଟିଆ କଥା
ଖିଲିଖିଲି ହସ ତୋର
ଯାହା ଦେଖୁତାହା ପାଟିକୁ ନେବାକୁ
ହେଉଥାଉ ତରବର ।।
ବୁଢ଼ା ଆଙ୍ଗୁଠିକୁ ପାଟିରେ ପୁରାଇ
ଚୁମୁଥାଉ ସବୁବେଳେ
ସେହି ଆଙ୍ଗୁଠିରେ କିରସ ଦେଇଛି
ଶଠି ମାଆ କଉଶଳେ ।।

କମରପଦା, ଯଶପଡା
କଟକ
ଦୂରଭାଷ : ୯୮୬୧୭୩୭୪୩୬



କୁଟିଳ ବ୍ୟକ୍ତିକୁ କେହି ଆଦର୍ଶ ଦୃଷ୍ଟିରେ ଦେଖନ୍ତି ନାହିଁ । ପକ୍ଷୀ କଦାପି ପିପାସା ଦୂର କରିବାପାଇଁ ଲବଣାକ୍ତ ସମୁଦ୍ରକୁ ଯାଏନାହିଁ ।

# ସମ୍ବାଦ ବିଚିତ୍ରା

୧. ଦୌଡ଼ରାଣି ପି.ଟି ଉଷା, ଖ୍ୟାତନାମା ସଂଗୀତ ବିଶାରଦ ଇଲୟାରାଜା, ଜନସେବୀ ବୀରେନ୍ଦ୍ର ହେଗଡେ ଓ ପ୍ରଚ୍ଛଦ ଲେଖକ-ନିର୍ଦ୍ଦେଶକ ଭି ବିଜୟେନ୍ଦ୍ର ପ୍ରସାଦଙ୍କୁ ରାଜ୍ୟସଭାକୁ ମନୋନୀତ କରାଯାଇଛି।

୨. ରେଳ ଷ୍ଟେସନ୍ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ମଧ୍ୟରେ ୧୫ଟି ଷ୍ଟେସନ୍ ସମେତ ଦେଶର ୭୫୬ ଷ୍ଟେସନ୍‌ରେ ନିର୍ଭୟା ପାଣ୍ଠି ଅଧୀନରେ ଭିଡିଓ ସର୍ଭେଲାନ୍ସ ସିଷ୍ଟମ (ଭିଏସଏସ) ତଥା ସିସିଟିଭି କ୍ୟାମେରା ନେଟୱାର୍କ କାର୍ଯ୍ୟକାରୀ କରାଯିବ।

୩. ହାଇଦ୍ରାବାଦର ସଂସ୍ଥା କେଆର ହସପିଟାଲ ଗ୍ରୁପ୍, ଇନ୍ଦୋରର ସି.ଏଚ୍.ଏଲ୍ ହସପିଟାଲକୁ ଅଧିଗ୍ରହଣ କରିଛି।

୪. ଦେଶର ବୃହତ୍ତମ କାର ନିର୍ମାଣକାରୀ କମ୍ପାନୀ "ମାରୁତି ସୁଜୁକି" ଆସନ୍ତା ୭ବର୍ଷରୁ ୧୦ବର୍ଷ ମଧ୍ୟରେ ପେଟ୍ରୋଲ ଗାଡି ନିର୍ମାଣ ସଂପୂର୍ଣ୍ଣ ବନ୍ଦ କରିଦେବ।

୫. ଖାଦ୍ୟ ଓ ପୋଷଣ ସୁରକ୍ଷାରେ ଓଡିଶା ଦେଶର ଶୀର୍ଷରେ ରହିବା ସହିତ ୨ୟ ସ୍ଥାନରେ ଉତ୍ତରପ୍ରଦେଶ ରହିଛି।

୬. ନାଟୋ ର ୩୦ ସହଯୋଗୀ ଦେଶ ସୁଇଡେନ ଏବଂ ଫିନ୍‌ଲାଣ୍ଡକୁ ସଦସ୍ୟ କରିବା ପାଇଁ ପ୍ରୋଟୋକଲ ଉପରେ ହସ୍ତାକ୍ଷର କରିଛନ୍ତି।

୭. ବିଶ୍ୱ ବ୍ୟାଙ୍କର ରିପୋର୍ଟକୁ ଆଧାର କରି ବିଜନେସ୍ ଷ୍ଟାଣ୍ଡାର୍ଡ ପ୍ରକାଶ କରିଥିବା ଖବର ଅନୁସାରେ ବ୍ରିଟେନରୁ ଭାରତ ୧୩ବିଲିଅନ୍ ଡଲାର ପଛରେ ଅଛି।

୮. ଷ୍ଟାର୍ଟଅପ୍ ରେଙ୍କିଙ୍ଗ ତାଲିକାରେ ଓଡିଶା ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ପାଇଛି।

୯. ଯାଜପୁର ଜିଲ୍ଲା କଳିଙ୍ଗନଗରରେ ଥିବା ନୀଳାଚଳ ଇସ୍ପାତ ନିଗମକୁ ୧୨,୧୦୦ କୋଟି ଟଙ୍କାରେ ଟାଟା ଗ୍ରୁପ୍ କିଣିନେଲା।

୧୦. ଖାଦ୍ୟ ବିଲ୍‌ରେ କୌଣସି ହୋଟେଲ୍ ସେବା ବା ସର୍ଭିସ ଚାର୍ଜ ଲାଗୁ କରିପାରିବେ ନାହିଁ।

୧୧. କର୍ଣ୍ଣାଟକର ସିନି ସେଟ୍ଟୀ ମିସ୍ ଇଣ୍ଡିଆ୨୦୨୨ ବିଜୟିନୀ ହୋଇଛନ୍ତି।

୧୨. ରିର୍ଜଭ ବ୍ୟାଙ୍କର ନୂଆ ନିଷ୍ପତ୍ତି ଅନୁସାରେ ଏଣିକି ନୋଟ ଗଣିବା ବଦଳରେ ନୋଟର ଫିଟ୍‌ନେସ୍ ଚେକ୍ ମେସିନ୍ ବ୍ୟବହାର ହେବ।

୧୩. ଆର୍ଥିକ ବର୍ଷ ୨୦୨୧-୨୨ରେ ଇନଫୋସିସ୍‌ର କ୍ୟାପିଟାଲ ରିଟର୍ଣ୍ଣ ୨୪,୧୦୦ କୋଟି ଲାଭାଂଶ ଘୋଷଣା କଲା ।

୧୪ ସାଧାରଣ ଜନତାଙ୍କ ତୁଳନାରେ ନେତାଙ୍କ ଆୟୁଷ ଅଧିକ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଆଇଏଫ୍ଏଲ ସାଇନ୍ସ ସଂସ୍ଥାର ଗବେଷକ ଏପରି ସୂଚନା ଦେଇଛନ୍ତି।

୧୫. କେନ୍ଦୁଝରେ ବଳଦେବ ଜୀଉ ରଥ ବିଶ୍ୱର ଉଚ୍ଚତମ ରଥ ଭାବେ ଗିନିଜ୍ ବୁକରେ ସ୍ଥାନ ପାଇବାକୁ ନେଇ କ୍ଷୋଭ ପ୍ରକାଶ କଲେ ଗଜପତି।

୧୬ .କଥାକାର ଡ. ଗୌରହରି ଦାସ ଓ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କୁ ୨୦୨୧ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ଅନୁବାଦ ନିମନ୍ତେ ପୁରସ୍କାର ପ୍ରଦାନ କରାଯିବ।

୧୭ .ହିମାଂଶୁ ଶେଖର ଖଟୁଆଙ୍କୁ ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ (ଏସ୍‌ଆର୍‌ଏଫ୍‌ଟିଆଇ), କୋଲକତା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

୧୮. ଆସନ୍ତା ମାସରୁ ଦେଶରେ ନୂଆଶ୍ରମ କୋର୍ଡ କାର୍ଯ୍ୟକାରୀ ହୋଇପାରେ। ୨୯ଟି କେନ୍ଦ୍ରୀୟ ଶ୍ରମ ନିୟମକୁ ପରିବର୍ତ୍ତନ କରି ୪ଟି କୋର୍ଡରେ ପରିଣତ କରାଯାଇଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଯୋଗଦାନ ବଢ଼ିପାରେ। ଏଥିସହିତ ସପ୍ତାହକୁ ୪ଦିନ କାମ କରିବାର ସୁଯୋଗ ମଧ୍ୟ ମିଳିପାରେ। ତେବେ ଦିନକୁ ୮ଘଣ୍ଟା ପରିବର୍ତ୍ତେ ସେମାନଙ୍କୁ ୧୨ ଘଣ୍ଟା କାମ କରିବାକୁ ପଡିବ।

୧୯. ଆତ୍ମହତ୍ୟା ହାର (ପ୍ରତି ଏକଲକ୍ଷ ଲୋକରେ ଆତ୍ମହତ୍ୟା ଘଟଣା) ରେ ଦଶ ଶତାଂଶ ବୃଦ୍ଧି ହୋଇଛି। ଭାରତରେ ମହାରାଷ୍ଟ୍ର (୧୩%), ତାମିଲନାଡୁ(୧୧%), ପଶ୍ଚିମବଙ୍ଗ (୯.୫%), ମଧ୍ୟପ୍ରଦେଶ(୮.୬%) ଓ କର୍ଣ୍ଣାଟକ(୮%) ରେ ଆତ୍ମହତ୍ୟା ହାର ଅଧିକ ରହିଛି। ୨୦୨୦ ରେ ଓଡିଶାରେ ୫୫୪୬ଟି ଆତ୍ମହତ୍ୟା ଘଟଣା ପଞ୍ଜିକୃତ ହୋଇଥିଲା।

୨୦. ସାର୍ବଜନୀନ ସ୍ଥାନରେ ଜାତିସୂଚକ ଦୁର୍ବ୍ୟବହାର ହେଲେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଆକ୍ଟ ଲାଗୁ ହେବା ଉଚିତ। ଏକ ମାମଲାର ଶୁଣାଣି କରି ଏହା କହିଛନ୍ତି କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ।

୨୧. କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କୋଣାର୍କକୁ ରେଳ ସଂଯୋଗ ଯୋଗାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଉଛି।

୨୨. ରୁଷ ସାମ୍ବାଦିକ ଦିମିତ୍ରୀ ମୁରାଟୋଭଙ୍କ ଦ୍ୱାରା ନିଲାମ ହୋଇଥିବା ନୋବେଲ ପୁରସ୍କାର ୟୁକ୍ରେନ ଶିଶୁ ଶରଣାର୍ଥୀଙ୍କୁ ୧୦୩.୫ ମିଲିୟନ ଡଲାରରେ ବିକ୍ରି କରି ପୁରୁଣା ରେକର୍ଡକୁ ଭଙ୍ଗା ଯାଇଛି।

୨୩. ବରିଷ୍ଠ କୂଟନୀତିଜ୍ଞ ରୁଚିକା କାମ୍ବୋଜଙ୍କୁ ନ୍ୟୁୟର୍କରେ ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧୀ ଭାବରେ ନିଯୁକ୍ତି କରାଯାଇଛି।

୨୪. ସ୍ୱଦେଶୀ ଟେଲିକମ୍ ଗିଅର ନିର୍ମାତା ଏରିକ୍ସନ ରିପୋର୍ଟ ଅନୁଯାୟୀ ଭାରତରେ ୫ଜି ସବସ୍କ୍ରିପସନ୍ ୨୦୨୭ ଶେଷ ସୁଦ୍ଧା ୫୦୦ ମିଲିୟନ୍ ଛୁଇଁବ।

୨୫. ଜାତିସଂଘର ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସଙ୍କ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଇରାନ ୨୦୨୨ ର ପ୍ରଥମ ତିନି ମାସରେ ୧୦୦ରୁ ଅଧିକ ଲୋକଙ୍କୁ ମୃତ୍ୟୁଦଣ୍ଡ ଦେଇଛି।

୨୬. ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ)ଏଣିକି ସୂଚନା ଅଧିକାର ଆଇନ (ଆରଟିଆଇ) ପରିସରଭୁକ୍ତ ହେବ ।

୨୭. ଆସନ୍ତା ୨୩ ରୁ ୨୬ ଜୁନ୍ ପର୍ଯ୍ୟନ୍ତ ଓଡିଶା ଟେନିସ୍ ଆସୋସିଏସନ୍ ବ୍ୟାନରରେ ଆଇ.ଆଇ.ଜି ସ୍ପୋର୍ଟସ୍ ଏକାଡେମୀ ପକ୍ଷରୁ ପ୍ରଥମ ଥର ପାଇଁ ଓଡିଶାରେ ଖେଳାଯିବ କଷ୍ଟୋମାଇଜ୍ କଲର ବଲ ଟେନିସ ଟୁର୍ଣ୍ଣାମେଣ୍ଟ।

୨୮. ଓଡିଶାରୁ ଭାରତୀୟ ସେନାର ୨୦୧୭-୧୮ ରୁ ୨୦୧୯-୨୦ ପର୍ଯ୍ୟନ୍ତ ତିନି ବର୍ଷରେ ୨୨୬୬ ଜଣ ଭର୍ତ୍ତି ହୋଇଛନ୍ତି। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟର ତଥ୍ୟ ଅନୁସାରେ ୨୦୧୭-୧୮ରେ ୭୩୭, ୨୦୧୮-୧୯ରେ ୧୭୪ ଏବଂ ୨୦୧୯-୨୦ରେ ୧୦୫୫ ଜଣ ଭର୍ତ୍ତି ହୋଇଛନ୍ତି।

୨୯. ବିକ୍ରମ କେଶରୀ ଆରୁଖ ବିଧାନସଭା ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି।

୩୦. ରେଳ, ଯୋଗାଯୋଗ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀସ୍ଥିତ ରେଳଭବନଠାରେ 'ଷ୍ଟାର୍ଟଅପସ ଫର୍ ରେଲୱେଜ୍'ଯୋଜନାର ଶୁଭାରମ୍ଭ କରିଛନ୍ତି।

୩୧. ଓଡିଶା ବାରବାଟୀ ଷ୍ଟାଡିୟମ ୧୯୫୮ ମସିହାରେ ନିର୍ମିତ ହୋଇଥିଲା । ଭୈରବ ମହାନ୍ତିଙ୍କ ଉଦ୍ୟମରେ ମାତ୍ର ୧ଟଙ୍କାରେ ଲଟେରୀ ଟିକେଟ ବିକ୍ରି ହେଉଥିଲା। ଷ୍ଟାଡିୟମ ନିର୍ମାଣ ପାଇଁ ଓଡିଶା ପୋଲିସର ବି ଯୋଗ ଦାନ ରହିଛି। ବାରବାଟୀ ଭାରତର ପ୍ରଥମ କ୍ରାଉଡଫଣ୍ଡିଂ ଷ୍ଟାଡିୟମ।

୩୨. ୧୯୮୨ ଜାନୁଆରୀରେ ବାରବାଟୀରେ ଖେଳାଯାଇଥିଲା ପ୍ରଥମ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍। ଏ ଯାଏଁ ୨୩ଟି ଆନ୍ତର୍ଜାତିକ ମ୍ୟାଚ ଆୟୋଜିତ ହୋଇଥିବାବେଳେ ୧୯ଟି ଏକଦିବସୀୟ, ୨ଟି ଟି-୨୦ ଓ ୨ଟି ଟେଷ୍ଟ ମ୍ୟାଚ ଆୟୋଜିତ ହୋଇଛି।



ଏ ସଂସାରରେ ସବୁଠାରୁ କଷ୍ଟ କାମ ହେଉଛି ଉପଦେଶ ଦେଇ ଧନୀ ଲୋକଙ୍କୁ ଠିକ୍ ବାଟକୁ ଆଣିବା।

# ସାଧାରଣ ଜ୍ଞାନ

## (1) ABBREVIATION

1. FERA - Foreign Exchange Regulation Act,
2. FMCG -Fast-Moving Consumer Goods
3. GST - Goods and Service Tax
4. GNP - Gross National Product
5. ICAR -Indian Council of Agricultural Research
6. IMF -International Monetary Fund
7. IFSC -Indian Financial System Code
8. KYC - Know Your Customer
9. NATO - North Atlantic Treaty Organization
10. MRP -Maximum Retail Price

## (୨) ପୁସ୍ତକ ଓ ଲେଖକ

1.Gautam Adani: The Man Who Changed India" -RN Bhaskar
2.Ashtang Yoga - By Dr Sonu Phogat
3.The Life and Times of George Fernandes- Rahul Ramagundam
4.The Struggle for Police Reforms in India - Prakash Singh
5.Leaders, Politicians, Citizens -Rasheed Kidwai
୬. ଦଇବ ଦଉଡି - ରାମନାଥ ପଣ୍ଡା
୭. ଓଡ଼ିଆ ସାହିତ୍ୟରେ ଜାତୀୟତାବାଦୀ ଚେତନା - ଶକୁନ୍ତଳା ବଳିଆର ସିଂ
୮. ଜଗତରେ ଭାରତ - ଶତ୍ରୁଘ୍ନ ନାଥ
୯. ସାହିତ୍ୟ ରକ୍ଷ - ଫତୁରାନନ୍ଦ
୧୦. ଭିମା ଭୂୟାଁ - ଗୋପାଳ ବଲ୍ଲଭ ଦାସ

## (୩) ଦେହାନ୍ତ

| ନାମ | ବୟସ | ପରିଚୟ |
|---|---|---|
| ୧. ଗୋପୀଚାନ୍ଦ ନାରଙ୍ଗ | ୯୧ | - ବିଶିଷ୍ଟ ଉର୍ଦ୍ଦୁ କବି |
| ୨. ଭି.ପି.ଖଲିଦ୍ | ୭୦ | - ମାଲାୟଲମ ଚଳଚ୍ଚିତ୍ର ଅଭିନେତା |
| ୩. ରାଇମୋହନ ପରିଡ଼ା | ୫୮ | - ଓଡ଼ିଆ ଚଳଚ୍ଚତ୍ର ଅଭିନେତା |
| ୪. ପି.ଗୋପୀନାଥ ନାୟର | ୯୯ | - ଭାରତୀୟ ସ୍ୱାଧୀନତା ସଂଗ୍ରାମୀ |
| ୫. ତରୁଣ ମଜୁମଦାର | ୯୧ | - ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ |

## (୪) ପୁରସ୍କାର

୧. ପ୍ରଶାନ୍ତ ନନ୍ଦ - ଆଦିକବି ସାରଳାଦାସ ସମ୍ମାନ, ୨୦୨୨
୨. ଓଡ଼ିଶା ଖଣି ନଗମ - ଗୋଲଡେନ୍ ପିକକ୍ ଆୱାର୍ଡ଼, ୨୦୨୨
୩. ମରିନା ଭ୍ୟାଜେଭସ୍କା - ଫିଲ୍ଡସ୍ ପଦକ, ୨୦୨୨
୪. ମିସେଲ ପୁନାୱାଲା - ଶିରୋମଣି ପୁରସ୍କାର, ୨୦୨୨
୫. ସିନି ସେଟ୍ଟୀ - ଫେମିନା ମିସ ଇଣ୍ଡିଆ, ୨୦୨୨

## (୫) ରାଜ୍ୟ

୧. ରାଜ୍ୟର ନାମ - ପଞ୍ଜାବ
୨. ରାଜ୍ୟପାଳ - ଶ୍ରୀ ବନୱାରୀଲାଲ ପୁରୋହିତ
୩. ମୁଖ୍ୟମନ୍ତ୍ରୀ - ଶ୍ରୀ ଭଗୱାନ ମାନ
୪. ଗଠନ - ୧ନଭେମ୍ବର ୧୯୬୬
୫. କ୍ଷେତ୍ରଫଳ - ୫୦,୩୬୨ ବର୍ଗ.କିମି
୬. ରାଜଧାନୀ - ଚଣ୍ଡିଗଡ
୭. ଲୋକସଭା ସଭ୍ୟ ସଂଖ୍ୟା - ୧୩
୮. ରାଜ୍ୟସଭା ସଭ୍ୟ ସଂଖ୍ୟା - ୭
୯. ବିଧାନ ସଭା ସଭ୍ୟସଂଖ୍ୟା - ୧୧୭
୧୦.ବିଧାନ ପରିଷଦ - ୦୦
୧୧.ମୁଖ୍ୟ ଭାଷା - ପଞ୍ଜାବି
୧୨. ଜନସଂଖ୍ୟା ସମୁଦାୟ- ୨୭,୭୦୪,୨୩୬ (୨୦୧୧)
ପୁରୁଷ -୧୪,୬୩୪,୮୧୯
ମହିଳା - ୧.୦୬୯,୪୧୭
୧୩.ଜନସଂଖ୍ୟା ବୃଦ୍ଧିହାର - ୧୩.୭୩%
୧୪.ଜନସଂଖ୍ୟା ଘନତ୍ୱ - ୫୫୦
୧୫.ଶିଶୁ ଲିଙ୍ଗ ଅନୁପାତ - ୮୯୩ ମହିଳା ୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ - ୮୪୬ ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର - ୭୬.୬୮%
ପୁରୁଷ- ୮୧.୪୮ %, ମହିଳା- ୭୧.୩୪ %
୧୮. ଜିଲ୍ଲା - ୨୨
୧୯. ଗ୍ରାମ - ୧୨,୨୭୮
୨୦.ସହର - ୧୫୭
୨୧.ଜଙ୍ଗଲ ଜମି - ୩,୦୫୮ବର୍ଗ କି.ମି.
୨୨.ପର୍ଯ୍ୟଟନ ସ୍ଥଳୀ - ସ୍ୱର୍ଣ୍ଣମନ୍ଦିର, ଜାଲିଆନାୱାଲାବାଗ, ଅମୃତସର, ଆନନ୍ଦପୁର ସାହିବ, ଭାକ୍ର ଡ୍ୟାମ୍, ସୋଢ଼ାଲ ମନ୍ଦିର।

## (୬) ନିଯୁକ୍ତି

୧. ଜଷ୍ଟିସ୍ ରଞ୍ଜନା ପ୍ରସାଦ ଦେଶାଇ - ଅଧ୍ୟକ୍ଷା , ପ୍ରେସ କାଉନସିଲ ଅଫ ଇଣ୍ଡିଆ
୨. ଏସ ଏସ ମୁନ୍ଦ୍ରା - ଚେୟାରମ୍ୟାନ ,ବମ୍ବାଇ ଷ୍ଟକ ଏକ୍ସଚେଞ୍ଜ
୩. ଦୀନକର ଗୁପ୍ତା - ଡାଇରେକ୍ଟର ଜେନେରାଲ, ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସୀ
୪. ଲିସା ଥାଲେକର - ପ୍ରଥମ ମହିଳା ଅଧ୍ୟକ୍ଷା,ଏଫ.ଆଇ.ସି.ଏ
୫. ପ୍ରମୋଦ କେ ମିତଲ - ଅଧ୍ୟକ୍ଷ,ସେଲୁଲାର ଅପରେଟର ଆସୋସିଏସନ ଅଫ ଇଣ୍ଡିଆ

## (୭) ବିଭିନ୍ନ ଦେଶର ମୁଦ୍ରା

| ଦେଶ | ମୁଦ୍ରା |
|---|---|
| ୧. ଆମେରିକା | - ଡଲାର |
| ୨. ରୁଷିଆ | - ରୁବଲ |
| ୩. ଜାପାନ | - ୟେନ୍ |
| ୪. ଇରାନ | - ରିଆଲ |
| ୫. ଅଷ୍ଟ୍ରିଆ | - ସିଲିଙ୍ଗ |



ନିଜର ବଚନ ରକ୍ଷା କରିପାରୁଥିବା ଲୋକ ହିଁ ପ୍ରକୃତରେ ସାହସୀ।

## (୮) ଓଡ଼ିଶା

୧. ଓଡିଶାର ଭାତହାଣ୍ଡି କେଉଁ ଜିଲ୍ଲାକୁ କୁହନ୍ତି ?
(କ) କଟକ (ଖ) ବାଲେଶ୍ୱର (ଗ) ପୁରୀ (ଘ)ଭଦ୍ରକ

୨. ଉଷାକୋଠୀ କେଉଁ ଜିଲ୍ଲାର ଅବସ୍ଥିତ ଅଟେ ?
(କ)ସମ୍ବଲପୁର (ଖ)କଟକ (ଗ) ବୌଦ୍ଧ (ଘ)ବଲାଙ୍ଗୀର

୩. ଓଡିଶାର ଗଙ୍ଗା କାହାକୁ କହନ୍ତି ?
(କ)ବିରୂପା (ଖ) କାଠଯୋଡ଼ି
(ଗ) ମହାନଦୀ (ଘ)ବୁଢ଼ାବଳଙ୍ଗ

୪. ଓଡିଶାର ପାରାଦ୍ୱୀପ ବନ୍ଦର କେଉଁ ଜିଲ୍ଲାରେ ଅବସ୍ଥିତ ?
(କ)ବାଲେଶ୍ୱର (ଖ)ଗଞ୍ଜାମ
(ଗ)ଜଗତସିଂହପୁର (ଘ)ରାଉରକେଲା

୫. ଓଡିଶାର ବ୍ୟାସକ୍ଷେତ୍ର କାହାକୁ କୁହାଯାଏ ?
(କ) କୋରାପୁଟ (ଖ) ଭୁବନେଶ୍ୱର
(ଗ) ସମ୍ବଲପୁର (ଘ) ରାଉରକେଲା

୬. ଓଡିଶାର କଳାପୋଗୋଡା କେଉଁ ମନ୍ଦିରକୁ କୁହାଯାଏ ?
(କ)ଶ୍ରୀଜଗନ୍ନାଥ ମନ୍ଦିର (ଖ)ଆରିଡି
(ଗ)କୋଣାର୍କ ମନ୍ଦିର (ଘ)ତାରାତାରିଣୀ

୭. କଳିଙ୍ଗ ବୀର ଭାବରେ କିଏ ପରିଚିତ ଥିଲେ ?
(କ)ବିଜୁ ପଟ୍ଟନାୟକ (ଖ)ଡ.ହରେକୃଷ୍ଣ ମହାତାବ
(ଗ)ବାଲ ଗଙ୍ଗାଧର ତିଲକ (ଘ)ଲାଲ ଲାଜପତ ରାୟ

୮. ଶ୍ରୀଗୁଣ୍ଡିଚା କେଉଁ ଓଡିଆ ମାସରେ ପାଳନ କରାଯାଇଛି ?
(କ) ଜ୍ୟେଷ୍ଠ (ଖ) ଆଷାଢ଼
(ଗ) ଶ୍ରାବଣ (ଘ) ଭାଦ୍ରବ

୯. ଓଡିଶାର କେଉଁଠାରେ ଅଧିକ ଅଦା ଏବଂ ହଳଦୀ ଉତ୍ପାଦନ ହୋଇଥାଏ ?
(କ)ପୁରୀ (ଖ)ଗଞ୍ଜାମ
(ଗ)କନ୍ଧମାଳ (ଘ) କଟକ

୧୦. ଋଦୁଆ ପାଇଁ କେଉଁ ସ୍ଥାନ ପ୍ରସିଦ୍ଧ ?
(କ) ବଡବିଲ (ଖ) ଥେରୁବାଲି
(ଗ) ପିପିଲି (ଘ) ଦାମନ୍‌ଯୋଡି

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କରେଣ୍ଟ : ସରକିଟ :: ପୃଥିବୀ: ?
(କ)ଗ୍ରହ (ଖ)ସୂର୍ଯ୍ୟ (ଗ)କକ୍ଷ (ଘ)ପଥ

୨. ଭଲ : ଖରାପ :: ଛାତ :
(କ)ଝରକା (ଖ)ଚଟାଣ (ଗ)କାନ୍ଥ (ଘ)ଖୁଣ୍ଟ

୩. ହରି ଦକ୍ଷିଣ-ପୂର୍ବଦିଗକୁ ମୁହଁ କରି ଠିଆ ହୋଇଥିଲା । ହଠାତ୍ ସେ ୯୦°ଘଣ୍ଟା କଣ୍ଟା ଦିଗରେ ବୁଲିଲା ଏବଂ ଘଣ୍ଟା କଣ୍ଟାରବିପରୀତ ଦିଗରେ ସେଠାରୁ ୧୩୫° ବୁଲି ଫେରିଲା । ବର୍ତ୍ତମାନ ସେ କେଉଁ ଦିଗକୁ ରହିଁ ରହିବ ?
(କ)ପୂର୍ବ (ଖ)ପଶ୍ଚିମ (ଗ)ଦକ୍ଷିଣ (ଘ)ଉତ୍ତର

୪. B : ୧୬ :: D : ?
(କ) ୧୨୦ (ଖ) ୧୫୦ (ଗ)୨୦୦ (ଘ)୨୫୬





୫. କେଉଁଟି ଅଲଗା ଅଟେ ?
(କ) ଜେବ୍ରା (ଖ) ସିଂହ (ଗ) ବାଘ (ଘ) ଘୋଡା

୬. UTENSIL = W VGPUKN ହେଲେ DMSFXG କାହାକୁ ବୁଝାଇବ
(କ) BKQEVE, (ଖ) BKQDWE, (ଗ)BKQDWF, (ଘ) BKQDVE

୭. ଆଖି ଦେଖିବା ସହ ସମାନ ହେଲେ କାନ କାହା ସହ ସମାନ ?
(କ)ଶୁଣିବା (ଖ)ଶିଖିବା (ଗ) ଶୋଇବା (ଘ)କାନେଇବା

୮. C: ୯ ::D : ?
(କ) ୧୬ (ଖ) ୮୧ (ଗ)୬୪ (ଘ)୨୫

୯. 'କ' ଏବଂ ଖ ଦୁଇଭାଇ । 'ଗ' ଏବଂ 'ଘ' ଦୁଇ ଭଉଣୀ । 'କ' ପୁଅ ହେଉଛି 'ଘ' ର ଭାଇ । ତେବେ 'ଖ', 'ଗ' ର ସମ୍ପର୍କରେ କ'ଣ ହେବ ?
(କ) ବାପା (ଖ)ଭାଇ (ଗ)ଜେଜେବାପା (ଘ) ଦାଦା

୧୦. ପଶୁ ଜାତି ବାଘଏବଂ ଭାଲୁ
(କ)  (ଖ)  (ଗ)  (ଘ) 

**ଉତ୍ତର**

୧.(ଖ)ବାଲେଶ୍ୱର, ୨.(କ)ସମ୍ବଲପୁର, ୩.(ଗ)ମହାନଦୀ, ୪.(ଗ)ଜଗତସିଂହପୁର, ୫.(ଘ)ରାଉରକେଲା, ୬.(ଗ)କୋର୍ଣାକ ମନ୍ଦିର, ୭.(କ)ବିଜୁ ପଟ୍ଟନାୟକ, ୮.(ଖ)ଆଷାଢ଼, ୯.(ଗ)କନ୍ଧମାଳ, ୧୦.(ଗ)ପିପିଲି

୧.(ଗ)କକ୍ଷ, ୨.(ଖ)ଚଟାଣ, ୩.(ଖ)ପଶ୍ଚିମ, ୪.(ଘ)୨୫୬, ୫.(ଘ)ଘୋଡା, ୬.(ଘ)BKQDVE, ୭.(କ)ଶୁଣିବା, ୮.(କ)୧୬, ୯.(ଘ)ଦାଦା, ୧୦.(ଖ) 



ମୋର ଜାଣିବାର, ବୁଝିବାର ଓ ଶିକ୍ଷା କରିବାର କିଛିନାହିଁ । ଏହା କେବଳ ନିପଟ ମୂର୍ଖ ହିଁ ଭାବିଥାଏ ।

## (୧୦) ଇତିହାସ

୧. ଲିଂଗରାଜ ମନ୍ଦିର କିଏ ନିର୍ମାଣ କରିଥିଲେ ?
(କ) ଯଯାତି କେଶରୀ (ଖ) ମୁକୁନ୍ଦ ଦେବ
(ଗ) କପିଳେନ୍ଦ୍ର ଦେବ (ଘ) ନୃପକେଶରୀ

୨. ସୂର୍ଯ୍ୟବଂଶର ପ୍ରତିଷ୍ଠାତା କିଏ ?
(କ) ଯଯାତି କେଶରୀ (ଖ) ମୁକୁନ୍ଦ ଦେବ
(ଗ) କପିଳେନ୍ଦ୍ର ଦେବ (ଘ) ନୃପକେଶରୀ

୩. ପାଇକ ବିଦ୍ରୋହ କେବେ ହୋଇଥିଲା ?
(କ) ୧୮୧୭ (ଖ) ୧୮୦୧
(ଗ) ୧୮୬୭ (ଘ) ୧୯୦୧

୪. ପ୍ରତାପରୁଦ୍ର ଦେବଙ୍କର କେବେ ମୃତ୍ୟୁ ହୋଇଥିଲା ?
(କ) ୧୫୩୪ (ଖ)୧୫୨୪
(ଗ) ୧୫୩୦ (ଘ) ୧୫୪୦

୫. ଖାରବେଳଙ୍କ ରାଜଧାନୀର ନାମ କ'ଣ ?
(କ) କଟକ (ଖ) ଭୁବନେଶ୍ୱର
(ଗ) କଳିଙ୍ଗ ନଗର (ଘ) ସମ୍ବଲପୁର

୬. ମହାତ୍ମାଗାନ୍ଧୀ ପ୍ରଥମଥର କେବେ ଓଡିଶା ଆସିଥିଲେ ?
(କ) ୧୯୪୭ (ଖ) ୧୯୨୧ (ଗ) ୧୯୪୦ (ଘ) ୧୯୨୦

୭. ବାରବାଟୀ ଦୁର୍ଗ କିଏ ତିଆରି କରିଥିଲେ ?
(କ) ମୁକୁନ୍ଦ ଦେବ (ଖ) ଅନଙ୍ଗଭୀମ ଦେବ
(ଗ) ଯଯାତି କେଶରୀ (ଘ) ଖାରବେଳ

୮. ଗୋପବନ୍ଧୁଙ୍କ ଜନ୍ମସ୍ଥାନ କେଉଁଠି ?
(କ)ପୁରୀ (ଖ) କଣାସ (ଗ) ସୁଆଣ୍ଡୋ (ଘ) ପିପିଲି

୯. ଓଡିଆ ବାଇବେଲ କେବେ ଛପା ଯାଇଥିଲା ?
(କ) ୧୮୦୦ (ଖ) ୧୯୨୩ (ଗ) ୧୮୪୨ (ଘ)୧୮୭୦

୧୦. ଭୋଇବଂଶକୁ କିଏ ଗାଦିଚ୍ୟୁତ କରିଥିଲେ ?
(କ) ଯଯାତି କେଶରୀ (ଖ) ମୁକୁନ୍ଦ ଦେବ
(ଗ) କପିଳେନ୍ଦ୍ର ଦେବ (ଘ) ନୃପକେଶରୀ

## (୧୧) ବାଣିଜ୍ୟ

୧. ଭାରତର ପ୍ରଥମଥର ପାଇଁ ସର୍ବବୃହତ୍ତ ଭାସମାନ୍ ସୌରଶକ୍ତି ପ୍ରକଳ୍ପ ଟାଟା ପାୱାର ସୋଲାର ସିଷ୍ଟମ ପକ୍ଷରୁ କେଉଁ ରାଜ୍ୟରେ ସ୍ଥାପିତ ହୋଇଛି ?
(କ) ଓଡ଼ିଶା (ଖ) କେରଳ (ଗ) ଉତ୍ତର ପ୍ରଦେଶ (ଘ) ପଞ୍ଜାବ

୨. କେଉଁ ସଂସ୍ଥା CRUT କୁ ପବ୍ଲିକ ସର୍ଭିସ ଆୱାର୍ଡ ପ୍ରଦାନ କରିଛି ?
(କ) ଜାତିସଂଘ (ଖ) ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ
(ଗ) ବିଶ୍ୱ ବ୍ୟାଙ୍କ (ଘ) ନାଟୋ

୩. ଆଦାନୀ ଗ୍ରୁପର ଚେୟାରମେନ୍ ଗୌତମ ଆଦାନୀ ତାଙ୍କ ୬୦ତମ ଜନ୍ମଦିବଦସ ଅବସରରେ କେତେ ହଜାର କୋଟି ଟଙ୍କା ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି ?
(କ) ୫୦ ହଜାର କୋଟି (ଖ)୧୦ ହଜାର କୋଟି
(ଗ) ୬୦ ହଜାର କୋଟି (ଘ) ୭୦ ହଜାର କୋଟି

୪. ୧୯୯୫ ମସିହାରୁ ଆରମ୍ଭ ହୋଇଥିବା ମାଇକ୍ରୋସଫଟ୍ ଇଣ୍ଟରନେଟ ବ୍ରାଉଜର (Internet Explorer) କେବେଠାରୁ ସବୁଦିନ ପାଇଁ ବନ୍ଦ କରିଦିଆଯାଇଛି ?
(କ) ଜୁଲାଇ୧୫,୨୦୨୨ (ଖ) ଅଗଷ୍ଟ ୧୫ ୨୦୨୨
(ଗ) ସେପ୍ଟେମ୍ବର ୧୫,୨୦୨୨ (ଘ) ଜୁନ୍ ୧୫,୨୦୨୨

୫ ନ୍ୟାସନାଲ ହାଇୱେ ଅଥରଟି ଅଫ ଇଣ୍ଡିଆ କେତେ ଦିନରେ ୭୫ କି.ମି ଦୀର୍ଘ ରାଜପଥକୁ ସଂପୂର୍ଣ୍ଣ କରି ଗିନିଜ୍ ବୁକ ଅଫ୍ ୱାର୍ଲଡରେ ସ୍ଥାନ ପାଇଛି ?
(କ) ୪ଦିନରେ (ଖ) ୩ ଦିନରେ (ଗ) ୪ଦିନରେ (ଘ) ୫ଦିନରେ

୬. ଟାଟା ମୋଟରସ୍ ତା'ର କମର୍ସିଆଲ ଗାଡିର ନୂଆଦର କେବେଠାରୁ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି ?
(କ) ୧ଅଗଷ୍ଟ,୨୦୨୨ (ଖ) ୧ସେପ୍ଟେମ୍ବର,୨୦୨୨
(ଗ) ୧ଜୁଲାଇ, ୨୦୨୨ (ଘ) ୧ଡିସେମ୍ବର,୨୦୨୨

୭. ସାମଗ୍ରୀ ଏବଂ ସେବା ଟିକସକୁ କେତେବର୍ଷ ପୁରିବାକୁ ଯାଉଛି ?
(କ) ୩ ବର୍ଷ (ଖ) ୫ବର୍ଷ (ଗ) ୬ ବର୍ଷ (ଘ) ୪ବର୍ଷ

୮. ଓଡ଼ିଶାସ୍ଥିତ କେଉଁ ଇସ୍ପାତ ନିଗମ ଲିମିଟେଡ୍‌କୁ ଟାଟା ଗ୍ରୁପ୍ କଂପାନୀକୁ ହସ୍ତାନ୍ତର ପ୍ରକ୍ରିୟା ଜୁଲାଇ ଶେଷ ସୁଦ୍ଧା ନିଆଯାଇଛି ?
(କ) କଳିଙ୍ଗ ଇସ୍ପାତ (ଖ) ନିଳାଚଳ ଇସ୍ପାତ (ଗ)ସ୍ପଞ୍ଜ ଆଇରନ

୯. ଇନଫୋସିସ୍ ଆର୍ଥିକ ବର୍ଷ ୨୦୨୨ରେ ପ୍ରାୟ କେତେକୋଟି ଟଙ୍କାରୁ ଅଧିକ କ୍ୟାପିଟେଲ ରିଟର୍ଣ୍ଣ ଦେଇଛି ?
(କ) ୧୪,୦୦୦କୋଟି (ଖ) ୧୫୦୦୦କୋଟି
(ଗ) ୨୪,୦୦୦କୋଟି (ଘ) ୧୧୭,୦୦୦କୋଟି

୧୦. ଭାରତରେ ସୂର୍ଯ୍ୟମୁଖୀ ତେଲ ଶ୍ରେଣୀରେ ଓଡିଶାର କେଉଁ ତେଲ ଭାରତରେ ୧ନମ୍ବର ସ୍ଥାନପାଇଛି ?
(କ) ରୁଚି ସନଫ୍ଲାୱାର ଅଏଲ (ଖ) ଇମାମି ସନଫ୍ଲାୱାର ଅଏଲ
(ଗ) ଫ୍ରିଡମ୍ ସନଫ୍ଲାୱାର ଅଏଲ୍ (ଘ)ଫରଚ୍ୟୁନ ସନଫ୍ଲାୱାର ଅଏଲ

**ଉତ୍ତର**

୧.(କ) ଯଯାତି କେଶରୀ, ୨.(ଗ) କପିଳେନ୍ଦ୍ର ଦେବ, ୩.(କ)୧୮୧୭, ୪.(କ)୧୫୩୪, ୫.(ଗ)କଳିଙ୍ଗ ନଗର, ୬.(ଖ)୧୯୨୧, ୭.(ଖ)ଅନଙ୍ଗଭୀମ ଦେବ, ୮.(ଗ)ସୁଆଣ୍ଡୋ ୯.(ଗ)୧୮୪୨, ୧୦.(ଖ)ମୁକୁନ୍ଦ ଦେବ

୧.(ଖ)କେରଳ, ୨.(କ)ଜାତିସଂଘ, ୩.(ଗ)୬୦ ହଜାର କୋଟି , ୪.(ଘ)ଜୁନ୍ ୧୫,୨୦୨୨, ୫.(ଘ)୫ଦିନରେ, ୬.(ଗ)୧ଜୁଲାଇ ୨୦୨୨, ୭.(ଖ)୫ବର୍ଷ , ୮. (ଖ) ନିଳାଚଳ ଇସ୍ପାତ, ୯.(ଗ)୨୪,୧୦୦କୋଟ, ୧୦.(ଗ)ଫ୍ରିଡମ୍ ସନଫ୍ଲାୱାର ଅଏଲ



ଯେଉଁ ଲୋକ ବାସନା ରହିତ ପ୍ରାର୍ଥନା କଳା ଆୟତ୍ତ କରିଛି, ସେ ନିଶ୍ଚୟ ପ୍ରେମୀ ।

## (୧୨) ଅର୍ଥନୀତି

୧. ଓଡିଶାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନୁସାରେ ସହରାଞ୍ଚଳରେ ଜୁନ୍ ୨୦୧୫ରୁ ଜୁନ୍ ୨୦୨୨ ମଧ୍ୟରେ କେତେ ଲକ୍ଷ ଆବାସ ନିର୍ମାଣ ହୋଇଛି ?
(କ) ୧,୨୦,୦୨୦ (ଖ) ୧,୧୦,୦୩୦
(ଗ) ୧,୩୦,୦୦୦ (ଘ) ୧,୨୩,୦୨୦

୨. କେନ୍ଦ୍ରସରକାର ଜିଏସ୍‌ଟି କ୍ଷତିପୂରଣ ସମୟ ସୀମାକୁ କେତେ ବର୍ଷ ପର୍ଯ୍ୟନ୍ତ ବଢେଇ ଦେଇଛି ?
(କ)୪ବର୍ଷ (ଖ) ୫ ବର୍ଷ (ଗ) ୬ ବର୍ଷ (ଘ) ୮ବର୍ଷ

୩. ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଗତମାର୍ଚ୍ଚ ମାସରେ କେତେ ମାସ ପାଇଁ ବୃଦ୍ଧି କରାଯାଇଛି ?
(କ)୪ମାସ (ଖ) ୫ମାସ (ଗ) ୬ମାସ (ଘ) ୭ମାସ

୪. ଭାରତରେ ଆତ୍ମହତ୍ୟା ହାର (ପ୍ରତି ୧ଲକ୍ଷ ଲୋକରେ) ଆତ୍ମହତ୍ୟା ଘଟଣାରେ କେତେ ପ୍ରତିଶତ ବୃଦ୍ଧି ହୋଇଛି ?
(କ) ୫% (ଖ) ୭% (ଗ) ୯% (ଘ)୧୦%

୫. ଓଡିଶାରେ ଖରିଫ ଋତୁର ଚଳିତ ବର୍ଷ କେତୋଟି ଫସଲକୁ ଜିମାମୁକ୍ତ କରାଯିବ ?
(କ) ୯ଟି (ଖ) ୧୦ଟି (ଗ) ୧୧ଟି (ଘ) ୧୨ଟି

୬. ସୁଇସ୍ ବ୍ୟାଙ୍କ ଗୁଡିକରେ ୨୦୨୦ ତୁଳନାରେ ୨୦୨୧ ରେ ଜମା ରାଶିରେ କେତେ ପ୍ରତିଶତ ବୃଦ୍ଧି ହୋଇଛି ?
(କ) ୪୦% (ଖ) ୩୦% (ଗ) ୫୦% (ଘ) ୬୦%

୭. ଭାରତରେ କେଉଁ ମାସ ସୁଦ୍ଧା ୫ଏ ସେବା ଆରମ୍ଭ ହେବାର ସଂଭାବନା ରହିଛି ବୋଲି କେନ୍ଦ୍ର ଟେଲିକମ୍ ସଚିବ କକ.ରାଜା ରମଣ କହିଛନ୍ତି ?
(କ) ଜୁଲାଇ୨୦୨୨ (ଖ) ଅଗଷ୍ଟ ୨୦୨୨
(ଗ) ସେପ୍ଟେମ୍ବର,୨୦୨୨ (ଘ) ଡିସେମ୍ବର ୨୦୨୨

୮. ପଞ୍ଜାବ ସରକାର କେଉଁ ମାସ ପହିଲାରୁ ୩୦୦ ଇଉନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଇବା ପାଇଁ ବଜେଟରେ ବ୍ୟବସ୍ଥା କରିଛନ୍ତି ?
(କ) ଅଗଷ୍ଟ ୧ (ଖ) ଜୁଲାଇ ୧ (ଗ) ଜୁଲାଇ ୧୫ (ଘ) ଜୁଲାଇ ୧୬

୯. ପୋଖରୀ ପୁନରୁଦ୍ଧାର ଓ ଜଳାଶ୍ରୟ ସଂରକ୍ଷଣ ପାଇଁ ପ୍ରଧାନ ମନ୍ତ୍ରୀଙ୍କ ଯୋଜନାରେ ପ୍ରତି ଜିଲ୍ଲାରେ କୋତୋଟି ପୋଖରୀ ପୁନରୁଦ୍ଧାର କରାଯିବ ?
(କ) ୬୫ଟି (ଖ) ୭୦ଟି (ଗ) ୭୫ଟି (ଘ)୮୦ଟି

୧୦. ୨୦୦ବର୍ଷ ତୁଳାନାରେ ୨୦୨୦ ରେ ସଡକ ଦୁର୍ଘଟଣା କେତେ ପ୍ରତିଶତ ହ୍ରାସ ପାଇଛି ?
(କ) ୧୭.୫% (ଖ) ୧୮% (ଗ) ୧୮.୪୬% (ଘ)୧୯%

## (୧୩) କ୍ରୀଡ଼ା

୧. ଗତ ଜୁନ୍ ମାସରେ ଆଥଲେଟିକ୍ସର ପାଭୋ ନୁର୍ମି ଗେମ୍ସ କେଉଁ ଦେଶରେ ଆୟୋଜିତ ହୋଇଥିଲା ?
(କ) ସ୍ୱିଡେନ୍ (ଖ) ଫିନଲାଣ୍ଡ (ଗ) ନରୱେ (ଘ) ଜର୍ମାନୀ

୨. ୨୦୨୨ର ଏହି ପାଭୋ ନୁର୍ମି ଗେମ୍ସରେ ରୌପ୍ୟ ପଦକ ହାସଲ କରିଥିବା ଭାରତୀୟ ଅଥଲେଟ୍‌ଙ୍କ ନାମ କଣ ?
(କ) ମୁରଲୀ ଶ୍ରୀଶଙ୍କର (ଖ) ଅବିନାଶ ସାବ୍‌ଲେ
(ଗ) ନୀରଜ ଚୋପ୍ରା (ଘ) ତେଜିନ୍ଦରପାଲ ସିଂହ ତୁର୍

୩. ଜୁଲାଇ ୧୫ରୁ ୨୪ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକାର କେଉଁ ସହରରେ ୨୦୨୨ର ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍ ଆୟୋଜିତ ହେଉଛି ?
(କ) ୟୁଜିନ୍ (ଖ) ଶିକାଗୋ (ଗ) ବୋଷ୍ଟନ୍ (ଘ) ଡେଟ୍ରଏଟ୍

୪. ୨୦୨୨ର ପ୍ରତିଯୋଗିତା ପୂର୍ବରୁ ବିଶ୍ୱ ଅଥଲେଟିକ୍ସ ଚାମ୍ପିଆନଶିପ୍‌ରେ ପଦକ ଜିତିଥିବା ଏକମାତ୍ର ଭାରତୀୟ ଖେଳାଳିଙ୍କ ନାମ କଣ ?
(କ) ପି.ଟି.ଉଷା (ଖ) କ୍ରିଷ୍ଣା ପୁନିଆ
(ଗ) ସୀମା ପୁନିଆ (ଘ) ଅଞ୍ଜୁ ବବି ଜର୍ଜ

୫. ଏମାନଙ୍କ ମଧ୍ୟରୁ କିଏ ବିଶ୍ୱ ମହିଳା ବକ୍ସିଂ ଚାମ୍ପିଆନଶିପ୍‌ରେ ପଦକ ଜିତିନାହାନ୍ତି ?
(କ) ଆର. ଏଲ. ଜେନୀ (ଖ) ଏଲ.ସରିତା ଦେବୀ
(ଗ) ନିଖତ୍ ଜରୀନ୍ (ଘ) ଲଭ୍‌ଲୀନା ବର୍‌ଗୋହାଇଁ

୬. ୨୦୨୨ ଜୁଲାଇ ଅଗଷ୍ଟ ମାସରେ ବିଶ୍ୱ ଚେସ୍ ଅଲିମ୍ପିଆଡ୍ ଭାରତର କେଉଁ ସହରରେ ଆୟୋଜିତ ହେଉଛି ?
(କ) ଚେନ୍ନାଇ (ଖ) ଦିଲ୍ଲୀ (ଗ) ହାଇଦ୍ରାବାଦ (ଘ) ଲକ୍ଷ୍ନୌ

୭. ୨୦୨୨ର ଆଇ.ପି.ଏଲ୍. ଫାଇନାଲରେ ଗୁଜରାଟ ଟାଇଟାନ୍ସ ଠାରୁ ପରାସ୍ତ ହୋଇ କେଉଁ ଦଳ ରନର୍ସ ଅପ୍ ହୋଇଛି ?
(କ) ରାଜସ୍ଥାନ ରୟାଲ୍‌ସ (ଖ) ରୟାଲ୍ ଚାଲେଞ୍ଜର୍ସ
(ଗ) ଦିଲ୍ଲୀ କ୍ୟାପିଟାଲ୍ସ (ଘ) କୋଲକାତା ନାଇଟ୍ ରାଇଡର୍ସ

୮. ୨୦୨୨ର ଫ୍ରେଞ୍ଚ ଓପନ୍ ଟେନିସ୍ ପ୍ରତିଯୋଗିତା ଜିତି ରାଫେଲ୍ ନାଦାଲ ତାଙ୍କର କେତେତମ ଗ୍ରାଣ୍ଡସ୍ଲାମ୍ ଟାଇଟେଲ୍ ହାସଲ କରିଛନ୍ତି ?
(କ) ୨୦ତମ (ଖ) ୨୧ତମ (ଗ) ୨୨ତମ (ଘ) ୨୩ତମ

୯. ଏହା ରାଫେଲ୍ ନାଦାଲଙ୍କ କେତେତମ ଫ୍ରେଞ୍ଚ ଓପନ୍ ଟାଇଟେଲ୍ ?
(କ) ୧୨ତମ (ଖ) ୧୩ତମ (ଗ) ୧୪ତମ (ଘ) ୧୫ତମ

୧୦. ୨୦୨୨ର ଫ୍ରେଞ୍ଚ ଓପନ୍ ମହିଳା ସିଂଗଲ୍ସ ଚାମ୍ପିଆନ ହୋଇଥିବା ଇଗା ସ୍ୱାଇଟେକ୍ କେଉଁ ଦେଶର ଖେଳାଳି ?
(କ) ସ୍ଲୋଭାକିଆ (ଖ) ପୋଲାଣ୍ଡ (ଗ) ୟୁକ୍ରେନ୍ (ଘ) ଅଷ୍ଟ୍ରିଆ

**ଉତ୍ତର**

୧.(ଖ)୧,୧୦,୦୩୦, ୨.(କ)୪ବର୍ଷ, ୩.(ଗ)୬ମାସ, ୪.(ଘ)୧୦%, ୫.(ଘ)୧୨ଟି, ୬.(ଗ)୫୦%, ୭.(ଖ)ଅଗଷ୍ଟ ୨୦୨୨ସୁଦ୍ଧା, ୮.(ଖ)ଜୁଲାଇ ୧ରୁ, ୯.(ଗ) ୭୫ଟି, ୧୦.(ଗ)୧୮.୪୬%

୧.(ଖ)ଫିନଲାଣ୍ଡ, ୨.(ଗ)ନୀରଜ ଚୋପ୍ରା, ୩.(କ)ୟୁଜିନ୍, ୪.(ଘ)ଅଞ୍ଜୁ ବବି ଜର୍ଜ, ୫.(ଘ)ଲଭ୍‌ଲୀନା ବର୍‌ଗୋହାଇଁ, ୬.(କ) ଚେନ୍ନାଇ, ୭.(କ)ରାଜସ୍ଥାନ ରୟାଲ୍‌ସ, ୮.(ଗ)୨୨ତମ୍, ୯.(ଗ)୧୪ତମ, ୧୦.(ଖ)ପୋଲାଣ୍ଡ



ଆଜ୍ଞାକାରୀ ହୋଇରହିବା, ନିଜଠାରୁ ବଡ଼କୁ ସମ୍ମାନ ନଦେବା ଏବଂ ନିଜ ଇଚ୍ଛାରେ ନଚଳିବା ବେଶି କଷ୍ଟକର ।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ୨୦୨୧ ପାଇଁ ଓଡ଼ିଆ ଭାଷା ନିମନ୍ତେ କେନ୍ଦ୍ର ସାହିତ୍ୟ ଅକାଦେମୀ ଅନୁବାଦ ପୁରସ୍କାର ପାଇଥିବା ସାହିତ୍ୟିକଙ୍କ ନାମ କଣ ?
(କ) ମଞ୍ଜୁ ମୋଦୀ (ଖ) ଗୌରହରି ଦାସ
(ଗ) ରାମଚନ୍ଦ୍ର ନାୟକ (ଘ) ଅଜୟ କୁମାର ପଟନାୟକ

୨. ସଂସ୍କୃତର କେଉଁ କାବ୍ୟକୁ ସାନ୍ତାଳୀ ଭାଷାରେ ଅନୁବାଦ କରି ଓଡ଼ିଶାର ଦମୟନ୍ତୀ ବେସ୍ରା ୨୦୨୧ର କେନ୍ଦ୍ର ସାହିତ୍ୟ ଅକାଦେମୀ ଅନୁବାଦ ପୁରସ୍କାର ପାଇଛନ୍ତି ?
(କ) ଗୀତଗୋବିନ୍ଦ (ଖ) ମେଘଦୂତମ୍
(ଗ) ରଘୁବଂଶମ୍ (ଘ) ବାଲ୍ମିକୀ ରାମାୟଣ

୩. ସ୍ୱର୍ଗତ ଜିତେନ୍ଦ୍ର ନାରାୟଣ ଝାଙ୍କୁ କେଉଁ ଭାଷା ପାଇଁ ୨୦୨୧ର ସାହିତ୍ୟ ଅକାଦେମୀ ଅନୁବାଦ ପୁରସ୍କାର ମିଳିଛି ?
(କ) ହିନ୍ଦୀ (ଖ) ନେପାଳୀ (ଗ) ମୈଥିଲୀ (ଘ) ରାଜସ୍ଥାନୀ

୪. ଶାନ୍ତା ଗୋଖଲେଙ୍କୁ କେଉଁ ଭାଷା ପାଇଁ ୨୦୨୧ର ସାହିତ୍ୟ ଅକାଦେମୀ ଅନୁବାଦ ପୁରସ୍କାର ମିଳିଛି ?
(କ) ହିନ୍ଦୀ (ଖ) ମରାଠୀ (ଗ) ଗୁଜରାଟୀ (ଘ) ଇଂରାଜୀ

୫. ଜାବ୍ରୋ କେଉଁ କେନ୍ଦ୍ରଶାସିତ ଅଞ୍ଚଳର ଏକ ପ୍ରସିଦ୍ଧ ଲୋକନୃତ୍ୟ ଅଟେ ?
(କ) ଜମ୍ମୁ କାଶ୍ମୀର (ଖ) ଆଣ୍ଡାମାନ ଓ ନିକୋବର
(ଗ) ଲଦାଖ୍ (ଘ) ଲାକ୍ଷାଦ୍ୱୀପ

୬. ପଦ୍ମନାଭସ୍ୱାମୀ ମନ୍ଦିର କେରଳ ରାଜ୍ୟର କେଉଁ ସହରରେ ରହିଛି ?
(କ) ତିରୁଚିରାପଲ୍ଲୀ (ଖ) ଶାବରୀମାଲା
(ଗ) ତିରୁଓ୍ୱନନ୍ତପୁରମ (ଘ) ତ୍ରିଚୁର

୭. 'ଦି ଲାଷ୍ଟ ସପର୍' ଓ 'ମୋନାଲିସା' ଭଳି ବିଶ୍ୱ ପ୍ରସିଦ୍ଧ ଚିତ୍ରର ସ୍ରଷ୍ଟା ଲିଓନାର୍ଦୋ ଦା ଭିନ୍ସି କେଉଁ ଦେଶର ଜଣେ ଖ୍ୟାତନାମା ଚିତ୍ରକର ତଥା ସ୍ଥପତି ଥିଲେ ?
(କ) ଫ୍ରାନ୍ସ (ଖ) ଇଟାଲୀ (ଗ) ଜର୍ମାନୀ (ଘ) ସ୍ପେନ

୮. ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଦିନ ପହଣ୍ଡି ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମଥାରେ ଲାଗିଥିବା ମୁକୁଟକୁ କ'ଣ କୁହାଯାଏ ?
(କ) କିରୀଟ (ଖ) ତଡ଼ପ (ଗ) ବାଙ୍କଚୁଳ (ଘ) ଟାହିଆ

୯. ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିବା ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା କେଉଁଠାରେ ଅବସ୍ଥାନ କରନ୍ତି ?
(କ) ଗୁଣ୍ଡିଚା ମଣ୍ଡପ (ଖ) ଇନ୍ଦ୍ରଦ୍ୟୁମ୍ନ ମଣ୍ଡପ
(ଗ) ଆଡ଼ପ ମଣ୍ଡପ (ଘ) ରତ୍ନ ମଣ୍ଡପ

୧୦. ପୁରୀ ଜଗନ୍ନାଥ ଧାମରେ ପ୍ରତିବର୍ଷ କେତେଥର ତିନି ଠାକୁରଙ୍କ ସୁନାବେଶ ହୋଇଥାଏ ?
(କ) ଥରେ (ଖ) ୨ଥର (ଗ) ୪ଥର (ଘ) ୫ଥର

## (୧୫) ଭୂଗୋଳ

୧. ମଧ୍ୟପ୍ରଦେଶର ଅମରକଣ୍ଟକଠାରୁ କେଉଁ ନଦୀ ବାହାରି ପ୍ରବାହିତ ହୋଇଛି ?
(କ) ବେତୁଆ (ଖ) ନର୍ମଦା (ଗ) ମହି (ଘ) ତାପ୍ତି

୨. ଦାକ୍ଷିଣାତ୍ୟ ମାଳଭୂମିରେ କେଉଁ ମୁଖ୍ୟ ଫସଲ ଉପନ୍ନ ହେଉଛି ?
(କ)କପା (ଖ) ଗହମ (ଗ)ଚିନା ବାଦାମ (ଘ)ମକା, ବାଜରା

୩. ବଙ୍ଗଳାଦେଶରେ ବହୁଥିବା ଯମୁନା ନଦୀକୁ ଭାରତର ଲୋକ କେଉଁ ନାମରେ କହନ୍ତି ?
(କ)ଯମୁନା (ଖ)ତିସ୍ତା (ଗ) ବ୍ରହ୍ମପୁତ୍ର (ଘ) ଗଙ୍ଗା

୪. ଭାରତର କେଉଁ ବନ୍ଦରଟି ଗଭୀରତମ ଅଟେ ?
(କ)ଓଖା (ଖ) ଭାଇଜାଗ (ଗ) ପାରାଦୀପ (ଘ) ଗଙ୍ଗାଭରମ

୫. ନାଗାଲାଣ୍ଡ ଏବଂ ମିଆଁମାର ମଧ୍ୟରେ କେଉଁ ପାର୍ବତ୍ୟ ଅଞ୍ଚଳ ଅବସ୍ଥିତ ?
(କ) ଡାଫିଆ (ଖ) ଏବୋର (ଗ)ନାଗାହିଲ୍ (ଘ) ଆରାବାନମା

୬. ସିଂଙ୍ଗୁର ମାଳଭୂମି ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) କର୍ଣ୍ଣାଟକ (ଖ) କେରଳ (ଗ) ତାମିଲନାଡୁ (ଘ)ଆନ୍ଧ୍ର

୭. ଭାରତରେ କେଉଁ ନଦୀଟି ଏକ ଉପତ୍ୟକା ଦେଇ ପ୍ରବାହିତ ହେଉଛି ?
(କ) ଗଙ୍ଗା (ଖ) ନର୍ମଦା (ଗ) ବ୍ରହ୍ମପୁତ୍ର (ଘ) କାବେରୀ

୮. କେଉଁଟି ଗଙ୍ଗାନଦୀର ଦୀର୍ଘତମ ଉପନଦୀ ଅଟେ ?
(କ) ଚମ୍ବଲ (ଖ) ଯମୁନା (ଗ)ଗୋମତୀ (ଘ) ଗଣ୍ଡକ୍

୯. ମୂଳ ଏବଂ ଜଟିଳ ବାଘ ବାସସ୍ଥାନ ପରିପ୍ରେକ୍ଷୀରେ ଭାରତର ସବୁଠାରୁ ବଡ ବ୍ୟାଘ୍ର ସଂରକ୍ଷଣ କେଉଁଠି ଅଛି ?
(କ) ପେଞ୍ଚ (ଖ) ପେରିୟାର
(ଗ) ନାଗାର୍ଜୁନ ସାଗର ଶ୍ରୀସାଇଲମ୍ (ଘ)ମାନୁସ୍

୧୦. ଭାରତର ସବୁଠାରୁ ବୃହତ୍ତ ଆଲୁମିନିୟମ କାରଖାନା କେଉଁଟି ?
(କ) ହିଣ୍ଡାଲକୋ (ଖ) ବାଲକୋ
(ଗ) ନାଲକୋ (ଘ)ମାଲକୋ

### ଉତ୍ତର

୧.(ଖ) ଗୌରହରି ଦାସ, ୨.(କ) ଗୀତଗୋବିନ୍ଦ, ୩.(ଗ) ମୈଥିଳୀ, ୪.(ଘ) ଇଂରାଜୀ, ୫.(ଗ) ଲଦାଖ୍ , ୬.(ଗ) ତିରୁଓ୍ୱନନ୍ତପୁରମ, ୭.(ଖ) ଇଟାଲୀ, ୮.(ଘ) ଟାହିଆ, ୯.(ଗ) ଆଡ଼ପ ମଣ୍ଡପ, ୧୦.(ଘ) ୫ଥର

୧.(ଖ)ନର୍ମଦା, ୨.(କ)କପା, ୩.(ଗ) ବ୍ରହ୍ମପୁତ୍ର, ୪.(ଘ)ଗଙ୍ଗାଭରମ, ୫.(ଘ)ଆରାବାନମା, ୬.(ଗ)ତାମିଲନାଡୁ, ୭.(ଖ)ନର୍ମଦା , ୮. (ଖ)ଯମୁନା , ୯.(ଗ) ନାଗାର୍ଜୁନ ସାଗର ଶ୍ରୀସାଇଲମ, ୧୦.(ଗ)ନାଲକୋ



ଆମେ ତ ପ୍ରାୟ ଅନ୍ୟକୁ ସଂପୂର୍ଣ୍ଣ ଦେଖିବାକୁ ଇଚ୍ଛାକରୁ, କିନ୍ତୁ ଆମେ ନିଜର ଭୁଲକୁ ସୁଧାରିବାକୁ କେବେ ଚେଷ୍ଟା କରୁନାହୁଁ ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ଭାରତୀୟ ସଂବିଧାନର ମୂଳ ପାଣ୍ଡୁଲିପି କାହାଦ୍ୱାରା ହାତରେ ଲେଖାଯାଇଥିଲା ?
(କ)ରଫି ଅହମ୍ମଦ କିଦୱାଇ (ଖ) ପ୍ରେମବିହାରୀ ନାରାୟଣ ରାଇଜାଦା (ଗ) କୈଳାସ ନାଥ କାଟଜୁ (ଘ) କହ୍ନେୟାଲାଲ ମିନିଖାଲ ମୁନ୍ସୀ

୨. କନଷ୍ଟିଚୁଏଣ୍ଟ ଆସେମ୍ବ୍ଲିର ସେକ୍ରେଟାରୀ କିଏ ଥିଲେ ?
(କ)ଏଫ.ଜି.ଆର. ଆୟାଙ୍ଗାର (ଖ)ଏସ.ଏନ୍. ମୁଖାର୍ଜୀ
(ଗ) ବି.ଏନ.ରାଓ (ଘ) ପ୍ରେମବିହାରୀ ନାରାୟଣ ରାଇଜାଦା

୩. ବର୍ତ୍ତମାନର ଲୋକସଭାର ବାଚସ୍ପତି କିଏ ?
(କ) ସୁମିତ୍ରା ମହାଜନ (ଖ) ଭେଙ୍କିଆ ନାଇଡୁ
(ଗ) ଓମ୍ ବିର୍ଲା (ଘ)ମୀରାକୁମାର

୪. କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳରେ ସର୍ବନିମ୍ନ କେତେ ଜଣ ମନ୍ତ୍ରୀ ରହିପାରିବେ ?
(କ) ୧୦ (ଖ)୧୩ (ଗ) ୧୪ (ଘ) ୧୨

୫ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା କିଏ ଅଛନ୍ତି ?
(କ)ଅନୀଲ କୁମାର ସିହ୍ନା (ଖ)ଦଲବୀର ସିଂ ସୁହାଗ
(ଗ)ରଣବୀର ସିଂ (ଘ) ଅଜିତ୍ ଡୋଭାଲ

୬. ଭାରତୀୟ ସଂବିଧାନର ଆର୍ଟିକ୍ଲ ଧାରା Directive Principle of state policy ୩୬ରୁ ୫୧ ସଂବିଧାନର କେଉଁ ଭାଗରେ ରହିଛି ?
(କ)ପାର୍ଟ-୨ (ଖ)ପାର୍ଟ-୩ (ଗ) ପାର୍ଟ-୪(ଘ)ପାର୍ଟ-୫

୭. ଭାରତୀୟ ସଂବିଧାନର କେଉଁ ଭାଗରେ ଧାରା ୧୨ରୁ ୩୫ ମୌଳିକ ଅଧିକାର ଗୁଡିକୁ ଦର୍ଶାଯାଇଛି ?
(କ) ପାର୍ଟ-୨ (ଖ)ପାର୍ଟ-୩ (ଗ)ପାର୍ଟ-୪ (ଘ) ପାର୍ଟ-୫

୮. ଭାରତୀୟ ସଂବିଧାନ ମୂଳଲେଖା କେଉଁ ଭାଷାରେ ଲେଖା ଯାଇଥିଲା ?
(କ) ହିନ୍ଦୀ (ଖ) ଉଭୟ ହିନ୍ଦୀ ଓ ଇଂରାଜୀ
(ଗ) ଇଂରାଜୀ (ଘ) ସଂସ୍କୃତ

୯. କେଉଁ ସଂଶୋଧନ ବଳରେ ଜି.ଏସ୍.ଟି. ପ୍ରବର୍ତ୍ତନ କରାଯାଇଥିଲା ?
(କ) ୧୦୦ (ଖ) ୧୦୨
(ଗ) ୧୦୧ (ଘ) ୧୦୩

୧୦. ଭାରତରେ କେତୋଟି ଭାରତୀୟ ରେଳବାଇ ଜୋନ୍ ଅଛି ?
(କ) ୧୫ (ଖ) ୨୦
(ଗ) ୧୮ (ଘ) ୧୬

## (୧୭) କମ୍ପ୍ୟୁଟର ଶିକ୍ଷା

୧. ପୃଥିବୀରେ ବ୍ୟବହୃତ ହୋଇଥିବା ସର୍ବପୁରାତନ ଗଣନ ଯନ୍ତ୍ରଟି କଣ ?
(କ) ନାପିଅର ବିଡ୍ସ (ଖ) ଆବାକସ୍
(ଗ) ସ୍ଲାଇଡ୍ ରୁଲ (ଘ) ଷ୍ଟେପ୍‌ଡ୍ ରେକନର୍

୨. ଜାପାନରେ 'ଆବାକସ୍' କେଉଁ ନାମରେ ପରିଚିତ ଥିଲା ?
(କ) ଆବାକସ୍ (ଖ) ଚିକିୟାମ
(ଗ) ସୁଁ ପାଆନ (ଘ) ସୋରୋବାନ୍

୩. ଲଗାରିଦମ୍ ବ୍ୟବହୃତ 'କ୍ୟାରାକ୍ଟରିଷ୍ଟିକ୍' ଓ 'ମାଣ୍ଟିସା' ଶବ୍ଦର ପ୍ରଚଳକ କିଏ ?
(କ) ହେନେରୀ ବ୍ରିଗ୍ସ (ଖ) ଜନ ନାପିୟର
(ଗ) ବ୍ଲେସେ ପାସ୍କାଲ (ଘ) ୱିଲିୟମ ଅଟରେଡ୍

୪. କମ୍ପୁଟର ବିଜ୍ଞାନର ଜନକ ରୂପେ କେଉଁ ବୈଜ୍ଞାନିକ ପରିଚିତ ?
(କ) ଚାଲର୍ସ ବାବେଜ (ଖ) ଆନାଲ୍ ଟୁରିଂ
(ଗ) ବ୍ଲେସେ ପାସ୍କାଲ (ଘ) ହରମାନ ହୋଲେରିଥ୍

୫. ପୃଥିବୀର ପ୍ରଥମ କମ୍ପୁଟର ପ୍ରୋଗ୍ରାମର କିଏ ?
(କ) ଆନାଲ ଟୁରିଂ (ଖ) ଆଡ଼ା ଲଭ୍‌ଲେସ
(ଗ) ହରମ୍ୟାନ ହୋଲେରିଥ୍ (ଘ) ସିମର କ୍ରେ

୬. ମ୍ୟାଗ୍ନେଟିକ୍ ଟେପ କେବେ ଉଦ୍ଭାବିତ ହୋଇଥିଲା ?
(କ) ୧୯୪୩ (ଖ)୧୯୪୬ (ଗ) ୧୯୫୧ (ଘ) ୧୯୫୮

୭. କମ୍ପୁଟରରେ ବ୍ୟବହୃତ 'ସିଲିକନ୍ ଚିପ୍ସ' କେଉଁଥିରୁ ତିଆରି ହୋଇଥାଏ ?
(କ)ସିଲିକନ (ଖ)ସିଲିକେଟ୍ (ଗ)ସାଧାରଣ ବାଲି (ଘ)ଜର୍ମାନିୟମ

୮. ତୃତୀୟ ପିଢିର କମ୍ପୁଟର ଟି କଣ ?
(କ) I B M-360 (ଖ) I B M-1680
(ଗ) C D C-6600 (ଘ) BDC-11

୯. ନିମ୍ନଲିଖିତ କେଉଁଟି ଆନାଲୋଗ ଯନ୍ତ୍ରର ଉଦାହରଣ ?
(କ) ଇଲେକ୍‌ଟ୍ରୋନିକ ଘଡ଼ି (ଖ) ପେଟ୍ରୋଲ ପମ୍ପ ରିଡିଂ
(ଗ) ସ୍ପିଡୋମିଟର (ଘ) କାଲକୁଲେଟର

୧୦. ଏକ ଘରୋଇ କମ୍ପୁଟର ନିମିତ୍ତ ଜନପ୍ରିୟ ଭାଷା କେଉଁଟି ?
(କ)PASCAL (ଖ)BASIC
(ଗ)COB0L (ଘ) ALGOL

**ଉତ୍ତର**

୧.(ଖ)ପ୍ରେମବିହାରୀ ନାରାୟଣ ରାଇଜାଦା, ୨.(କ)ଏଫ.ଜି.ଆର. ଆୟାଙ୍ଗାର, ୩.(ଗ)ଓମ୍ ବିର୍ଲା, ୪.(ଘ)୧୨, ୫.(ଘ)ଅଜିତ୍ ଡୋଭାଲ, ୬.(ଗ)ପାର୍ଟ-୪, ୭(ଖ)ପାର୍ଟ-୩, ୮. (ଖ)ଉଭୟେ ହିନ୍ଦୀ ଓ ଇଂରାଜୀ, ୯.(ଗ)୧୦୧, ୧୦.(ଗ)୧୮

୧.(ଖ) ଆବାକସ୍, ୨ (ଘ) ସୋରୋବାନ୍, ୩.(କ) ହେନେରୀ ବ୍ରିଗ୍ସ, ୪.(କ)ଚାଲର୍ସ ବାବେଜ, ୫.(ଖ) ଆଡ଼ା ଲଭ୍‌ଲେସ, ୬.(ଖ)୧୯୪୬, ୭.(ଗ)ସାଧାରଣ ବାଲି, ୮.(କ) I B M-360, ୯.(ଗ) ସ୍ପିଡୋମିଟର, ୧୦.(ଖ)BASIC



ଅନ୍ୟର ସ୍ୱଚ୍ଛନ୍ଦତା ଆମକୁ ଅସନ୍ତୁଷ୍ଟ କରିଦିଏ, କିନ୍ତୁ ଆମେ ନିଜ ଇଚ୍ଛାକୁ ଅବରୋଧ କରିପାରୁନାହୁଁ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ଏକ ପିଣ୍ଟ୍ ତରଳ ମାନେ କେତେ ?
(କ) ୧ଲିଟର (ଖ) ୫୭୦ ମିଲି.ଲି.
(ଗ) ୫୦୦ ମିଲି.ଲି. (ଘ) ୨୦୦ ମିଲି.ଲି.

୨. ଜଳପ୍ରବାହ ମାପ କରିବାର ଏକକ କ'ଣ ?
(କ) ଲିଟର (ଖ) ବ୍ୟାରେଲ୍
(ଗ) କ୍ୟୁସେକ୍ (ଘ) ପିଣ୍ଟ୍

୩. ଭୂପୃଷ୍ଠରୁ ସୂର୍ଯ୍ୟର କୌଣିକ ଉନ୍ନତି କେଉଁ ଉପକରଣ ସହାୟତାରେ ମାପ କରାଯାଇଥାଏ ?
(କ) ପେଣ୍ଟୋଗ୍ରାଫ (ଖ) ଥିଓଡ଼ୋଲାଇଟ୍
(ଗ) ଇଣ୍ଟିଗ୍ରେଟର (ଘ) ସେକ୍ସ୍ଟାଣ୍ଟ

୪. କୌଣସି ଜ୍ୟାମିତି ଛବିର ବର୍ଦ୍ଧିତ ବା ସଙ୍କୁଚିତ ନକଲ ଅଙ୍କନ ପାଇଁ କେଉଁ ଉପକରଣ ବ୍ୟବହୃତ ହୋଇଥାଏ ?
(କ) ସେକ୍ସ୍ଟାଣ୍ଟ (ଖ) ବିମ୍ କମ୍ପାସ
(ଗ) ପାଣ୍ଟୋଗ୍ରାଫ (ଘ) ବୋ କମ୍ପାସ

୫. କେଉଁ ସଂଖ୍ୟାଟି କ୍ଷୁଦ୍ରତମ ଯୁଗ୍ମ ମୌଳିକ ସଂଖ୍ୟା ?
(କ) ୦ (ଖ) ୧ (ଗ) ୨ (ଘ) ୪

୬. ସବୁଠାରୁ କ୍ଷୁଦ୍ର ଅଯୁଗ୍ମ ଯୌଗିକ ସଂଖ୍ୟାଟି କଣ ?
(କ) ୦ (ଖ) ୧ (ଗ) ୪ (ଘ) ୯

୭. ଦୁଇଟି ପରସ୍ପର ପରିପୂରକ କୋଣର ସମଷ୍ଟି କେତେ ?
(କ) ୪୫° (ଖ) ୯୦° (ଗ) ୧୮୦°(ଘ) ୩୬୦°

୮. ଏକ ସୂକ୍ଷ୍ମକୋଣର ପରିପୂରକ କୋଣ କି ପ୍ରକାରର କୋଣ ?
(କ) ସମକୋଣ (ଖ) ସୂକ୍ଷ୍ମକୋଣ
(ଗ) ସ୍ଥୂଳକୋଣ (ଘ) ପ୍ରବୃଦ୍ଧକୋଣ

୯. ଗୋଟିଏ ଅର୍ଦ୍ଧ-ଗୋଲକ ଆକୃତି ବିଶିଷ୍ଟ ପଥରରୁ କାଟି ତିଆରି କରାଯାଇପାରୁଥିବା ସବୁଠାରୁ ବଡ଼ କୋନ୍‌ର ଘନଫଳ ଓ ଅର୍ଦ୍ଧ-ଗୋଲକାର ଘନଫଳର ଅନୁପାତ କେତେ ?
(କ) ୧:୨ (ଖ) ୨:୧ (ଗ) ୩:୧ (ଘ) କୌଣସିଟି ନୁହେଁ

୧୦. $r$ ଏକକ ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ଅନ୍ତର୍ଲିଖିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳ କେତେ ?
(କ) $r^{୨}$ (ଖ) ୨$r^{୨}$ (ଗ) $r^{୨}$ (ଘ) କୌଣସିଟି ନୁହେଁ

## (୧୯) ସାଧାରଣ ବିଜ୍ଞାନ

୧. ବୈଦ୍ୟୁତିକ ସଙ୍କେତକୁ କେଉଁ ଉପକରଣ ସାହାଯ୍ୟରେ ଦୃଶ୍ୟମାନ ସଙ୍କେତରେ ପରିଣତ କରାଯାଇଥାଏ ?
(କ) ଟ୍ରାନ୍ସପଣ୍ଡର (ଖ) ମଡ଼େମ୍
(ଗ) ମଡ୍ୟୁଲେଟର (ଘ) CRO

୨. ଟେଲିଭିଜନରେ ବ୍ୟବହୃତ ଟ୍ୟୁବ୍ କାର୍ଯ୍ୟକାରୀ ହେବାପାଇଁ କେତେ ବିଦ୍ୟୁତ୍ ବିଭବ ଆବଶ୍ୟକ କରେ ?
(କ) ୨୨୦ ଭୋଲ୍ଟ (ଖ) ୧୦-୨୦ କିଲୋ ଭୋଲ୍ଟ
(ଗ) ୨୦-୨୫ କିଲୋ ଭୋଲ୍ଟ (ଘ) ୨୫ କିଲୋ ଭୋଲ୍ଟରୁ ଅଧିକ

୩. ସ୍ୱ-ପରିଚାଳିତ ଶୃଙ୍ଖଳ ପ୍ରକ୍ରିୟାପାଇଁ ଆବଶ୍ୟକ ୟୁରାନିୟମ୍‌ର ସଙ୍କଟ ଗୋଲକର ବ୍ୟାସ ଅତି କମ୍‌ରେ କେତେ ରହିବା ଆବଶ୍ୟକ ?
(କ) ୧୮ ସେ.ମି (ଖ) ୨୭ ସେ.ମି
(ଗ) ୩୨ ସେ.ମି (ଘ) ୫୪ ସେ.ମି

୪. ପୃଥିବୀର ପ୍ରଥମ ପରମାଣୁ ରିଆକ୍ଟର କେବେ ନିର୍ମିତ ହୋଇଥିଲା ?
(କ) ୧୯୩୮ (ଖ) ୧୯୪୨ (ଗ) ୧୯୪୫ (ଘ) ୧୯୫୭

୫. କେଉଁ ବୈଜ୍ଞାନିକଙ୍କ କବର ଉପରେ ଏକ ସିଲିଣ୍ଡର ମଧ୍ୟରେ ଏକ ଗୋଲକ ଭର୍ତ୍ତିକରି ରଖାଯାଇଥିଲା ?
(କ) ପିଥାଗୋରାସ୍ (ଖ) ୟୁକ୍ଲିଡ଼୍ (ଗ) ଆର୍କମେଡ଼ିସ୍ (ଘ) ଆରିଷ୍ଟୋଟଲ

୬. କେଉଁ ଭାରତୀୟ ବୈଜ୍ଞାନିକଙ୍କ ରଚିତ ଗ୍ରନ୍ଥରୁ ବିମାନ ନିର୍ମାଣ ସମ୍ପର୍କରେ ଧାରଣା ମିଳେ ?
(କ) କଣାଦ (ଖ) ବ୍ରହ୍ମଗୁପ୍ତ (ଗ) ଆର୍ଯ୍ୟଭଟ୍ଟ (ଘ) ଭରଦ୍ୱାଜ

୭ ସେଲୋଫୋନ କେଉଁ ବୈାଜ୍ଞାନିକ ଉଦ୍ଭାବନ କରିଥିଲେ ?
(କ) ଜନ୍ ବାଉନିଙ୍ଗ୍ (ଖ)ଜାକୁଏସ୍ ବ୍ରାଣ୍ଡେନବର୍ଗର
(ଗ) ଜାକୋବ ସ୍ୱିକ୍ (ଘ) ଆରନେଷ୍ଟ ସ୍ୱିଣ୍ଟନ୍

୮. ଟଙ୍ଗ୍‌ଷ୍ଟେନ୍ ତନ୍ତୁବିଶିଷ୍ଟ ବିଦ୍ୟୁତ୍ ବଲବ୍ କିଏ ଉଦ୍ଭାବନ କରିଥିଲେ ?
(କ) ଥମାସ ଆଲଭା ଏଡିସନ୍ (ଖ) ହାନ୍‌ସ ଗିଜର
(ଗ) ଇରଭିଙ୍ଗ ଲାଙ୍ଗ୍‌ମୁଇର୍ (ଘ) ଜନ୍ ଫ୍ଲେମିଙ୍ଗ

୯. ଚନ୍ଦ୍ର ଅଭିଯାନରେ କେଉଁ ରକେଟ ବ୍ୟବହୃତ ହୋଇଥିଲା ?
(କ) ଏରିଆନ୍ (ଖ) ଡେଲ୍ଟୋ (ଗ) ପ୍ରୋଟନ (ଘ) ସାଟର୍ଣ୍ଣ

୧୦. ସୂର୍ଯ୍ୟରେ ମୁଖ୍ୟତଃ କେଉଁ ମୌଳିକ ପଦାର୍ଥ ଅଧିକ ପରିମାଣରେ ରହିଛି ?
(କ) ଉଦ୍‌ଜାନ (ଖ) ହିଲିୟମ
(ଗ) କାର୍ବନ (ଘ) ଯବକ୍ଷାରଜାନ

**ଉତ୍ତର**

୧.(ଖ)୫୭୦ ମିଲି.ଲି. ,୨.(ଗ) କ୍ୟୁସେକ୍ , ୩.(ଘ) ସେକ୍ସ୍ଟାଣ୍ଟ, ୪.(ଗ)ପାଣ୍ଟୋଗ୍ରାଫ, ୫.(ଗ)୨, ୬.(ଘ)୯, ୭.(ଗ)୧୮୦°, ୮(ଗ) ସ୍ଥୂଳକୋଣ, ୯.(କ)୧:୨, ୧୦.(ଖ)୨$r^{୨}$

୧.(ଘ)CRO, ୨.(ଗ)୨୦-୨୫ କିଲୋ ଭୋଲ୍ଟ , ୩.(କ)୧୮ ସେ.ମି, ୪.(ଖ)୧୯୪୨, ୫.(ଗ)ଆର୍କମେଡ଼ିସ୍, ୬.(ଘ)ଭରଦ୍ୱାଜ, ୭.(ଖ)ଜାକୁଏସ୍ ବ୍ରାଣ୍ଡେନବର୍ଗର, ୮.(ଗ) ଇରଭିଙ୍ଗ ଲାଙ୍ଗ୍‌ମୁଇର, ୯.(କ)ଏରିଆନ୍ , ୧୦.(କ)ଉଦ୍‌ଜାନ

# ବିଭିନ୍ନ ଦିବସ ପାଳନ

## ଜୁଲାଇ

ତା ୦୧ - ଜାତୀୟ ଡାକ୍ତର ଦିବସ
ବିଶ୍ୱ କ୍ରୀଡା ସମ୍ବାଦିକ ଦିବସ
ତା ୦୨- ଆନ୍ତର୍ଜାତୀୟ ସମବାୟ ଦିବସ
(ଜୁଲାଇ ପ୍ରଥମ ଶନିବାର)
ତା ୦୪ - ଆମେରିକୀୟ ସ୍ୱାଧୀନତା ଦିବସ
ତା ୦୬ - ବିଶ୍ୱ ପଶୁ ସଂକ୍ରମିତ ରୋଗ ଦିବସ
ତା ୦୮ - ଲେଖକ ଦିବସ
ତା ୧୧ - ବିଶ୍ୱ ଜନସଂଖ୍ୟା ଦିବସ
ତା ୧୨ - ବିଶ୍ୱ ମାଲାଲା ଦିବସ
ତା ୧୮ - ନେଲସନ ମଣ୍ଡେଲା ଅନ୍ତର୍ଜାତୀୟ ଦିବସ
ତା ୨୬ - କାର୍ଗିଲ ବିଜୟ ଦିବସ
ତା ୨୮ - ବିଶ୍ୱ ହେପାଟାଇଟିସ୍ ଦିବସ
ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ
ତା ୨୯ - ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ
ତା ୩୦ - ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ

## ଅଗଷ୍ଟ

ତା ୦୧ - ବିଶ୍ୱ ସ୍ତନ୍ୟପାନ ସପ୍ତାହ
ବିଶ୍ୱ ବନ୍ଧୁତା ଦିବସ (ଅଗଷ୍ଟ ୧ମ ରବିବାର)
ତା ୦୨ - ସଂସ୍କୃତ ଦିବସ
ତା ୦୩ - ନାଇଜର ସ୍ୱାଧୀନତା ଦିବସ
ତା ୦୫ - ଉପର ଭୋଲ୍ଟାର ସ୍ୱାଧୀନତା ଦିବସ
ତା ୦୬ - ବିଶ୍ୱ ଶାନ୍ତି ଦିବସ
ହିରୋସିମା ଦିବସ
ତା ୦୭ - ଜାତୀୟ ହସ୍ତତନ୍ତ ଦିବସ
ତା ୦୯ - ଅଗଷ୍ଟକ୍ରାନ୍ତି ଦିବସ
ବିଶ୍ୱ ଆଦିବାସୀ ଦିବସ
ଭରତ ଛାଡ ଦିବସ
ନାଗାସାକି ଦିବସ
ତା ୧୦ - ଭାରତୀୟ ପରମାଣୁ ଶକ୍ତି ଆୟୋଗ ଦିବସ
ତା ୧୨ - ଆନ୍ତର୍ଜାତିକ ଯୁବ ଦିବସ
ତା ୧୩ - ଆନ୍ତର୍ଜାତୀୟ ବାମ-ହସ୍ତ- ଚାଳନା ଦିବସ
ତା ୧୪ - ସାଂସ୍କୃତିକ ଦିବସ
ପାକିସ୍ତାନ ସ୍ୱାଧୀନତା ଦିବସ
ତା ୧୫ - ଭାରତର ସ୍ୱାଧୀନତା ଦିବସ
ତା ୧୭ - ସଂସ୍କୃତ ଦିବସ
ତା ୧୯ - ବିଶ୍ୱ ମାନବୀୟ ଦିବସ
ବିଶ୍ୱ ଫଟୋଗ୍ରାଫି ଦିବସ
ତା ୨୦ - ସଦ୍‌ଭାବନା ଦିବସ
ତା ୨୧ - ବିଶ୍ୱ ଫେସନ୍ ଦିବସ
ତା ୨୩ - ଦାସତ୍ୱ ପ୍ରଥାର ସ୍ମୃତି ଏବଂ ଦୂରିକରଣ ପାଇଁ ଆନ୍ତର୍ଜାତୀୟ ଦିବସ
ତା ୨୯ - ଜାତୀୟ କ୍ରୀଡ଼ା ଦିବସ
ତା ୩୦ - କ୍ଷୁଦ୍ର ଶିଳ୍ପ ଦିବସ



ବିଦ୍ୟାପରି ସଂସାରରେ କୌଣସି ନେତ୍ରନାହିଁ, ସତ୍ୟପାଳନ ପରି କୌଣସି ତପନାହିଁ, କ୍ରୋଧପରି ଦୁଃଖର କାରଣ କିଛିନାହିଁ।

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ସୁନ୍ଦରଗଡ଼
୨. ଗଠନ - ୧ ଜାନୁୟାରୀ, ୧୯୪୮
୩. କ୍ଷେତ୍ରଫଳ - ୯୭୧୨ ବର୍ଗ.କି.ମି
୪. ଜନସଂଖ୍ୟା - ୨୦୮୦୬୬୪
(କ) ପୁରୁଷ - ୧୦୫୫୭୨୩
(ଖ) ମହିଳା - ୧୦୨୪୯୪୧
୫. ଉପଖଣ୍ଡ - ୩
୬. ତହସିଲ - ୧୮ (ରାଜଗାଙ୍ଗପୁର, ପାନପୋଷ, ସୁନ୍ଦରଗଡ଼, ବାଲିଶଙ୍କର, କୁତ୍ରା, ଟାଙ୍ଗରପାଲି, ବଡ଼ଗାଁ, ଲେଫ୍ରୀପଡ଼ା, ହିମଗିରି, ବିଶ୍ରା, କୁଆଁରମୁଣ୍ଡା, ନୂଆଗାଁ, ଲାଠିକଟା, ବଣାଇଗଡ଼, ଗୁରୁଣ୍ଡିଆ, ଲହୁଣୀପଡ଼ା, କୋଇଡ଼ା, ସବ୍‌ଡ଼େଗା)
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍)-୧୭ (ରାଜଗାଙ୍ଗପୁର, ସୁନ୍ଦରଗଡ଼, ବାଲିଶଙ୍କର, କୁତ୍ରା, ଟାଙ୍ଗରପାଲି, ବଡ଼ଗାଁ, ଲେଫ୍ରୀପଡ଼ା, ହିମଗିରି, ବିଶ୍ରା, କୁଆଁରମୁଣ୍ଡା, ନୂଆଗାଁ, ଲାଠିକଟା, ବଣାଇଗଡ଼, ଗୁରୁଣ୍ଡିଆ, ଲହୁଣୀପଡ଼ା, କୋଇଡ଼ା, ସବ୍‌ଡ଼େଗା)
୮. ଗ୍ରାମ ପଞ୍ଚାୟତ - ୨୬୨
୯. ଗ୍ରାମ - ୧୭୬୨
୧୦. ଥାନା - ୪୭
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) - ୪
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)- ୦
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୭
୮-ତାଳସରା, ୯-ସୁନ୍ଦରଗଡ଼, ୧୦-ବୀରମିତ୍ରପୁର, ୧୧-ରଘୁନାଥପାଲି, ୧୨-ରାଉରକେଲା, ୧୩-ରାଜଗାଙ୍ଗପୁର, ୧୪-ବଣେଇ
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୨୪୯୦୨୦(୯୩୭)
୧୫. ସାକ୍ଷରତା ହାର - ୭୪.୧୩%
୧୬.ପୁରୁଷ ସାକ୍ଷରତା ହାର - ୮୨.୧୩%
୧୭. ମହିଳା ସାକ୍ଷରତା ହାର - ୬୫.୯୩%
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୩.୬୬%
୧୯.ଜନସଂଖ୍ୟା ଘନତ୍ୱ - ୨୧୪ / ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୯୭୧
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୨୪
୨୨. ନିଆଁଲିଭା କେନ୍ଦ୍ର - ୫
୨୩.ଲୋକସଭା ଆସନ ସଂଖ୍ୟା - ୧
୨୪ ଜଙ୍ଗଲ ଜମି - ୪୨୩୨.୫୭ ବର୍ଗ କି.ମି
୨୫.ହାରାହାରି ତାପମାତ୍ରା - ସର୍ବନିମ୍ନ ୫.୦°- ସର୍ବୋଚ୍ଚ ୪୫.୦°
୨୬. ସାଧାରଣ ବୃଷ୍ଟିପାତ - ୧୪୨୨.୪ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.- ୧୬
୨୮.ପର୍ଯ୍ୟଟନସ୍ଥଳୀ - ଛତ୍ରୀ, ଦାରଜିଙ୍ଗ, ଦେଓଦରାହା, ଘୋଗଡ଼, ଜୁନାଗଡ଼, ଖଣ୍ଡାଧାର, ମିରିଗ୍ଲୋଟା, ରାଉରକେଲା, ଉଷାକୋଠୀ, ବେଦବ୍ୟାସ

## ପର୍ବପର୍ବାଣୀ

### ଜୁଲାଇ ୨୦୨୨

ତା୧. ଶ୍ରୀଗୁଣ୍ଡିଚା ରଥଯାତ୍ରା
ତା୫. ବିପତ୍ତିତାରିଣୀ ବ୍ରତ, ହେରା ପଞ୍ଚମୀ
ତା୭. ପର୍ଶୁରାମ ଅଷ୍ଟମୀ
ତା୮. ସନ୍ଧ୍ୟା ଦର୍ଶନ, ଇନ୍ଦ୍ରଦ୍ୟୁମ୍ନ ଉତ୍ସବ
ତା୯. ବାହୁଡ଼ା ରଥଯାତ୍ରା, ମଙ୍ଗଳ ଗ୍ରହ ଜୟନ୍ତୀ
ତା୧୦. ଇଦ୍-ଯୁହା, ସୁନାବେଶ, ଶ୍ରୀହରିଶୟନ ଏକାଦଶୀ ରବିନାରାୟଣ ବ୍ରତ, ଚତୁର୍ମାସ୍ୟାରମ୍ଭ
ତା୧୧. ଗରୁଡ଼ ଶୟନ, ଅଧର ପଣା
ତା୧୨. ଶିବ ଚତୁର୍ଦ୍ଦଶୀ ଉପବାସ, ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ, ମଙ୍ଗଳ ଚତୁର୍ଦ୍ଦଶୀ ସ୍ନାନ
ତା୧୩. ବ୍ୟାସ ପୂର୍ଣ୍ଣିମା, ଗୁରୁ ପୂଜା, ଚନ୍ଦ୍ରୋପବାସ ପୂଜା ଓ ଅର୍ଘ୍ୟଦାନ
ତା୧୪. ଶରଣ ଆରମ୍ଭ
ତା୧୬. ମାସାନ୍ତ
ତା୧୭. କର୍କଟ ସଂକ୍ରାନ୍ତି, ମନସା ପଞ୍ଚମୀ, ଶ୍ରୀଜୀଉଙ୍କ ଦକ୍ଷିଣାୟନ ବନ୍ଦାପନା
ତା୧୮. ଶରଣ ଶେଷ
ତା୨୪. କାମଦା ଏକାଦଶୀ
ତା୨୭. ଶିବ ଚତୁର୍ଦ୍ଦଶୀ ଉପବାସ, ବେଢ଼ା
ତା୨୮. ଚିତାଲାଗି ଅମାବାସ୍ୟା ଶ୍ରୀଜୀଉଙ୍କ ସୁବର୍ଣ୍ଣ ଚିତାଲାଗି

### ଅଗଷ୍ଟ ୨୦୨୨

ତା୨. ଜାଗୁଲାଇ ପଞ୍ଚମୀ
ତା୪. ଗୋସ୍ୱାମୀ ତୁଳସୀଦାସ ଜୟନ୍ତୀ
ତା୭. ଶ୍ରୀକ୍ଷେତ୍ରେ ଝୁଲଣ ଯାତ୍ରାରମ୍ଭ
ତା୮. ପୁତ୍ରଦା ଏକାଦଶୀ (ସ୍ମା) ସର୍ବତ୍ର ଝୁଲଣ ଯାତ୍ରାରମ୍ଭ
ତା୯. ମହରମ୍, ଏକାଦଶୀ (ବୈ) ଶ୍ରୀବିଷ୍ଣୁ ପବିତ୍ରାରୋପଣତ୍ସୋବ
ତା୧୦. ଶରଣ ଆରମ୍ଭ, ବେଢ଼ା
ତା୧୧. ରାକ୍ଷୀ ବନ୍ଧନ, ଗହ୍ମାପର୍ବ ଶ୍ରୀବଳଦେବ ଜନ୍ମ ଚନ୍ଦୋପବାସ ପୂଜା ଓ ଅର୍ଘ୍ୟଦାନ
ତା୧୨. ଶ୍ରାବଣ ପୂର୍ଣ୍ଣିମା, ଶ୍ରୀକ୍ଷେତ୍ରେ ଝୁଲଣ ଯାତ୍ରା ସମାପ୍ତି
ତା୧୪. ଖୁଦୁରୁକୁଣୀ ଓଷାରମ୍ଭ ଅଙ୍ଗଭେଟ ତୃତୀୟା,ଶରଣଶେଷ
ତା୧୫. ସ୍ୱାଧୀନତା ଦିବସ(୭୬)
ତା୧୬. ରକ୍ଷା ପଞ୍ଚମୀ, ମାସାନ୍ତ
ତା୧୭. ସିଂହ ସଂକ୍ରାନ୍ତି ବୁଧବାମନ ଓଷାରମ୍ଭ
ତା୧୮. ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ(ସ୍ମା)
ତା୧୯. ବୈଷ୍ଣବସମ୍ମତ, ଶ୍ରୀହରିଜନ୍ମ ନନ୍ଦୋତ୍ସବ(ସ୍ମା)
ତା୨୦. ବୈଷ୍ଣବସମ୍ମତ ନନ୍ଦୋତ୍ସବ
ତା୨୩. କାଳୀୟଦଳନ ଏକାଦଶୀ
ତା୨୫. ଶିବ ଚତୁର୍ଦ୍ଦଶୀ ବେଢ଼ା ସ୍ୱାମୀ ଚିଦାନନ୍ଦଙ୍କ ପୁଣ୍ୟତିଥି
ତା୨୭. ସପ୍ତପୁରୀ ଅମାବାସ୍ୟା ଶ୍ରୀମନ୍ଦିରେ ସପ୍ତପୁରୀ ଭୋଗ
ତା୩୦. ବାଲି ତୃତୀୟା, ଗୌରୀ ବ୍ରତ
ତା୩୧. ଶ୍ରୀଗଣେଶ ଚତୁର୍ଥୀ



ଧନ ଲୋଭ, ସମ୍ମାନ ପାଇବା ନିମିତ୍ତ ଲାଳସା ଏବଂ ଲୋକପ୍ରିୟ ହେବାର ଆକାଂକ୍ଷା ଏହି ତିନୋଟି ଜୀବନର ପରମଶତ୍ରୁ।

# 'ଆମରି ସତ୍ୟ' ପତ୍ରିକାର ମାନସ ମନ୍ଥନ

**ଖୋର୍ଦ୍ଧା,୫।୭(ସମିସ):** ଖୋର୍ଦ୍ଧାରୁ ୧୨ବର୍ଷ ଧରି ପ୍ରକାଶିତ 'ଆମରି ସତ୍ୟ' ପତ୍ରିକାଟି ସଫଳତା ଦିଗରେ ଆଗେଇ ଚାଲିଛି। 'ଆମରି ସତ୍ୟ' ପରିବାର ନିଜର ସାମର୍ଥ୍ୟ ଅନୁସାରେ ଏବଂ ଗ୍ରାହକମାନଙ୍କ ସହଯୋଗରେ ଗୋଟିଏ ଯୁଗ ପାର୍ କରିଯାଇଛି। ୧୩ ବର୍ଷରେ ପଦାର୍ପଣ କରିବା ଅବସରରେ ଡ ବିଷ୍ଣୁ ଚରଣ ସାହୁଙ୍କର ସଭାପତିତ୍ୱରେ ଏକ ମାନସ ମନ୍ଥନ କାର୍ଯ୍ୟକ୍ରମ ବିଶ୍ୱାମିତ୍ର ସେବା ଟ୍ରଷ୍ଟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଆମରି ସତ୍ୟର ପ୍ରକାଶନ ପାଇଁ ସମସ୍ତ ସୁବିଧା ଅସୁବିଧା ସମ୍ପର୍କରେ ତର୍ଜମା କରି ଏହାର ଆର୍ଥିକ ସ୍ଥିତି କିପରି ସୁଦୃଢ଼ ହେବ ସେ ସମ୍ପର୍କରେ ବିଶେଷ ଭାବରେ ଧ୍ୟାନ ଦିଆଯିବା ସହ ଏହାର ଅଧିକ ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ଏହି ଅବସରରେ ଆମରି ସତ୍ୟର ପ୍ରତିଷ୍ଠାତା ୧୩ ବର୍ଷ ଯାତ୍ରା ଆରମ୍ଭ କରିବାକୁ ଯାଉଥିବା ପତ୍ରିକାଟିରେ ସମସ୍ତଙ୍କର ସହଯୋଗ ଏବଂ ଭଲ ପାଇବା ରହିଛି। ପ୍ରତିଷ୍ଠିତ ଲେଖକ ଲେଖିକାମାନଙ୍କର ସହଯୋଗ ସହ ଖୋର୍ଦ୍ଧାର ବରିଷ୍ଠ ସମ୍ବାଦପତ୍ରର ସାମ୍ବାଦିକମାନଙ୍କୁ ସେ ଅଧିକ ଶ୍ରେୟ ଦେଇଥିଲେ। ଓଡ଼ିଆ ପତ୍ରିକା ପ୍ରକାଶନ ଏବଂ ତାହାର ପ୍ରସାର ପାଇଁ ପାଠକମାନଙ୍କର ଯେତିକି ଭଲପାଇବା ରହିବା କଥା ତାହା ରହୁନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସଭାପତିତ୍ୱ କରୁଥିବା ଡ ବିଷ୍ଣୁ ଚରଣ ସାହୁ ସମସ୍ତଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଅନୁରୋଧ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ ସହଯୋଗୀ ସମ୍ପାଦକ ପତ୍ରିକାଟି ଏତେଦିନ ଧରି ପ୍ରକାଶ ପାଉଥିବାରୁ ଏବଂ ବିଶେଷ କରି ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ଏକ ଉପାଦେୟ ପତ୍ରିକା ବୋଲି ମତ ଦେଇଥିଲେ। ଏଥିରେ ଯୋଗ ଦେଇଥିବା ଡ ଶରତ ଚନ୍ଦ୍ର ମହାପାତ୍ର, ଡ ଗୌରୀଶଙ୍କର ପ୍ରହରାଜ, ଆଦିନାରାୟଣ ଖଣ୍ଡୁଆଳ, ଜବାହରଲାଲ ସୁବୁଦ୍ଧି, ବିଭୂପ୍ରସାଦ ହରିଚନ୍ଦନ, ବ୍ରଜବନ୍ଧୁ



ନାୟକ, ରଶ୍ମିତା ନାୟକ, ଆଶିଷ ରାୟ ଡ ଅଜୟ କୁମାର ସ୍ୱାଇଁ, ଜଗଦିଶ ପଟ୍ଟନାୟକ, ରାମଶଙ୍କର, ସମରଜିତ୍ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ନଟବର ସ୍ୱାଇଁ, ସତ୍ୟନାରାୟଣ ସାମନ୍ତରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି 'ଅମରି ସତ୍ୟ' ପତ୍ରିକାକୁ ଆଗକୁ ନେବାପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିଲେ। ଶେଷରେ ରଶ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।









Postal Regd. No. : PURI-33/2022-24

Volume-13 I Issue No.1 I Monthly I July-2022 I RNI Regn. No. ODI/ODI/2010/350521 I Page-36




Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Pin-752057, Printed at - NISWASS-CEDEC Press, Chandrasekharpur, BBSR-23, Published From - "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash